

‘ଓ ରୋମିଓ’ରେ ବିକ୍ରାନ୍ତ ▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-174 •SATURDAY •20 DECEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୭୪ •ଶନିବାର •୨୦ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ବାଂଲାଦେଶରେ ବିଦ୍ୱେଷ ନିଆଁ

## ସାରା ଦେଶରେ ଭାରତବିରୋଧୀ ହିଂସା



### ଯୁବ ନେତାଙ୍କ ମୃତ୍ୟୁ ପରେ ଅରାଜକତା
### ହିନ୍ଦୁ ଯୁବକଙ୍କୁ ହତ୍ୟା କରି ଜାଳିଦେଲେ
### ହାଇକମିସନ ଅଫିସ ଉପରେ ଆକ୍ରମଣ
### ସମ୍ବାଦପତ୍ର କାର୍ଯ୍ୟାଳୟରେ ପୋଡ଼ାଜଳା

■ ଢାକା, ୧୯।୧୨ (ଏଜେନ୍ସି): ଯୁବ ନେତା ସରିଫ ଉସ୍ମାନ ହାଦିଙ୍କ ମୃତ୍ୟୁ ପରେ ପୁଣି ଅଶାନ୍ତ ହୋଇପଡ଼ିଛି ବାଂଲାଦେଶ। ହାଦିଙ୍କୁ ସମର୍ଥନ କରି ହଜାର ହଜାର ଲୋକ ରାସ୍ତା ଉପରକୁ ଓହ୍ଲାଇ ଅରାଜକତା ଚଳାଇଛନ୍ତି। ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଅଫିସ ଓ ଯାନବାହନରେ ନିଆଁ ଲଗାଉଛନ୍ତି। ସେମାନଙ୍କ ଆକ୍ରମଣରୁ ବାଦ୍ ପଡ଼ିନାହିଁ ସରକାରୀ ଅଫିସ, ବିରୋଧୀ ଦଳର ଅଫିସ ଏବଂ ସମ୍ବାଦପତ୍ର କାର୍ଯ୍ୟାଳୟ। ଏହିସବୁ ଅଫିସ ଭିତରେ ପଶି ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଉଛନ୍ତି। ଉତ୍ତ୍ୟକ୍ତ ଲୋକେ ଆଜି ଚିଟାଗଙ୍ଗ ସ୍ଥିତି ଭାରତୀୟ ହାଇକମିସନ ଅଫିସ ଉପରେ ମଧ୍ୟ ପଥରମାଡ଼ କରିଛନ୍ତି। କେବଳ ଏତିକି ନୁହେଁ, ସେମାନେ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରିବା ପରେ ତାଙ୍କ ଦେହାରେ ନିଆଁ ଲଗାଇଦେଲା ଭଳି ଅମାନୁଷିକ କାର୍ଯ୍ୟ କରିବାକୁ ପଛାଇ ନାହାନ୍ତି। ଏହି ହତ୍ୟା ଘଟଣାକୁ ବାଂଲାଦେଶ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ନିନ୍ଦା କରିବା ସହିତ ଦୋଷୀଙ୍କ ▶ପୃଷ୍ଠା-୭

### ତାମିଲନାଡୁରେ ଚିଠା ଭୋଟର ତାଲିକା ଜାରି

# କଟିଲେ ୯୭ ଲକ୍ଷ ଭୋଟର

■ ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି): ପ୍ରଥମ ପର୍ଯ୍ୟାୟ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ପରେ ଶୁକ୍ରବାର ତାମିଲନାଡୁରେ ଚିଠା ଭୋଟର ତାଲିକା ଜାରି ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଅର୍ଚ୍ଚନା ପଟ୍ଟନାୟକ ଜାରି କରିଥିବା ଏହି ତାଲିକାରୁ ୯୭ ଲକ୍ଷ ୩୭ ହଜାର ୮୩୨ ଭୋଟରଙ୍କୁ ହଟାଇ ଦିଆଯାଇଛି। ସେହିପରି ଗୁଜରାଟରେ ୭୩.୭୩ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଛି। ପୂର୍ବରୁ ରାଜ୍ୟରେ ୫.୦୮ କୋଟି ଭୋଟର ଥିବାବେଳେ ଏବେ ଏହା ହ୍ରାସ ପାଇ ୪.୩୪ କୋଟିରେ ପହଞ୍ଚି ଯାଇଛି।

ତାମିଲନାଡୁରେ ମୋଟ ୫ କୋଟି ୪୩ ଲକ୍ଷ ୭୬ ହଜାର ୭୫୫ ଭୋଟର ଅଛନ୍ତି। ଏମାନଙ୍କ ମଧ୍ୟରେ ୨.୬୬ କୋଟି ମହିଳା ଏବଂ ୨.୭୭ କୋଟି ପୁରୁଷ ସାମିଲ ଅଛନ୍ତି। ସିଇଓଙ୍କ ସୂଚନା ଅନୁଯାୟୀ, ଏହି ନିର୍ବାଚନୀ ମୁହାଁ ରାଜ୍ୟରେ ପ୍ରାୟ ୬.୪୧ କୋଟି ପଞ୍ଜୀକୃତ ଭୋଟର ଅଛନ୍ତି। ଏସ୍‌ଆଇଆର ପରେ ୯୭ ▶ପୃଷ୍ଠା-୭

# ଚାଷୀଙ୍କ ଡକରାରେ ସମ୍ବଲପୁର ବନ୍ଦ

## ଜାତୀୟ ରାଜପଥ ଅବରୋଧ, ଦୋକାନ ବଜାର ବନ୍ଦ



### ବନ୍ଦକୁ ବିଜେଡିର ସମର୍ଥନ, ସାମିଲ ହେଲେ ଶହଶହ କର୍ମୀ

■ ସମ୍ବଲପୁର, ୧୯।୧୨ (ସମିସ): ଅନ୍ନଦାତାର ଡାକରାକୁ ସମ୍ମାନ ଦେଇଛନ୍ତି ସମ୍ବଲପୁରବାସୀ। ଟୋକନ୍ ଓ ମଣ୍ଡି ସମସ୍ୟାକୁ ନେଇ ଚାଷୀ ସଙ୍ଗଠନ ଆହ୍ୱାନରେ ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଜାତୀୟ ରାଜପଥକୁ ଅଇଁଠାପାଲି ଛକରେ ପ୍ରାୟ ୩ଘଣ୍ଟା ଧରି ଅବରୋଧ କରାଯାଇଥିଲା। ଚାଷୀମାନେ ବିଭିନ୍ନ ଅଫିସ୍‌କୁ ଯାଇ ପିକେଟିଂ କରି ବନ୍ଦ କରିବାକୁ ଅନୁରୋଧ କରିଥିଲେ। ରେଳ ଚଳାଚଳ ଏବଂ ଜରୁରୀକାଳୀନ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଥିଲା। ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ଏବଂ ଅନ୍ୟ ଅନୁଷ୍ଠାନଗୁଡ଼ିକ ସମର୍ଥନ କରିଥିଲେ। ଜିଲ୍ଲା ବିଜେଡି କର୍ମୀମାନେ ବନ୍ଦକୁ ସମର୍ଥନ କରି ଏଥିରେ ସାମିଲ ହୋଇଥିବା ବେଳେ ବିଜେପି ଓ କଂଗ୍ରେସ କର୍ମୀଙ୍କ ଦେଖାନଥିଲା। ସମ୍ବଲପୁରର ▶ପୃଷ୍ଠା-୭

## ଶୀତ ଅଧିବେଶନ ଶେଷ; ସଂସଦ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

# ରାତିସାରା ଧାରଣା ଦେଲେ ବିରୋଧୀ



### ଗୃହରେ ୧୨ ବିଲ୍ ଉପସ୍ଥାପିତ; ୮ ପାରିତ

■ ନୂଆଦିଲ୍ଲୀ, ୧୯।୧୨ (ଏଜେନ୍ସି): ଡିସେମ୍ବର ୧ରୁ ଆରମ୍ଭ ହୋଇଥିବା ସଂସଦର ଶୀତ ଅଧିବେଶନକୁ ଶୁକ୍ରବାର ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ କରିଦିଆଯାଇଛି। ଏହି ଅଧିବେଶନରେ ଗୃହରେ ୧୪ ବିଲ୍ ଆଗତ ହେବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଥିଲା; ମାତ୍ର କେବଳ ୧୨ ବିଲ୍ ଉପସ୍ଥାପନ କରାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଉଭୟ ଗୃହରେ ୮ଟି ବିଲ୍ ପାରିତ ହୋଇଯାଇଛି। ୨ଟି ବିଲ୍‌କୁ କମିଟିକୁ ପଠାଇ ଦିଆଯାଇଛି। ଆଉ କିଛି ବିଲ୍ ଉପସ୍ଥାପନ ହୋଇନାହିଁ।

ସଂସଦ ଆରମ୍ଭରୁ ଭୋଟ ଚୋରି, ଏସଆଇଆର ଆଦିକୁ ନେଇ ବିରୋଧୀ ଗୃହରେ ହଙ୍ଗାମା କରିବା ସହ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ଚର୍ଚ୍ଚା ପାଇଁ ରାଜି ହେବାରୁ ଗୃହ ଚାଲିଥିଲା। ବନ୍ଦେ ମାତରମ୍‌କୁ ନେଇ ଉଭୟ ଗୃହରେ ସ୍ୱତନ୍ତ୍ର ଚର୍ଚ୍ଚା ହୋଇଥିଲା। ଏମଜିନରେଗା ବିଲ୍ ସ୍ଥାନରେ ସରକାର ଲୋକସଭାରେ ଆଗତ କରିଥିବା ଭିବି-ଜି ରାମ ଜି ବିଲ୍ ବିରୋଧୀଙ୍କ ଦୃଢ଼ ବିରୋଧ ସତ୍ତ୍ୱେ ନିମ୍ନ ସଦନରେ ପାରିତ ହୋଇଯାଇଥିଲା। ଏହା ଉପରେ ଲୋକସଭାରେ ୧୮ ଘଣ୍ଟା ଏବଂ ରାଜ୍ୟସଭାରେ ୧୪ ଘଣ୍ଟା ଚର୍ଚ୍ଚା ହୋଇଥିଲା। ଚର୍ଚ୍ଚା ପରେ ବିରୋଧୀମାନେ କକ୍ଷତ୍ୟାଗ କରିଥିଲେ। ଏହି ବିଲ୍ ବିରୋଧରେ ଟିଏମସି ସାଂସଦ ଗୁରୁବାର ସାରା ରାତି ସଂସଦର ମକର ଦ୍ୱାର ବାହାରେ ଧାରଣା ଦେଇଥିଲେ।

ଅଧିବେଶନ ଶେଷ ହେବା ପରେ ବାଚସ୍ପତି ଓମ୍ ବିର୍ଲାଙ୍କ ଚ୍ୟାମ୍ବରରେ ଚା ପାର୍ଟି ଆୟୋଜନ କରାଯାଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନେକ ବଡ଼ ନେତା ସାମିଲ ହୋଇଥିଲେ। ଏଠାରେ ପ୍ରିୟଙ୍କାଙ୍କ କଥାରେ ମୋଦୀ, ବିର୍ଲା ଏବଂ ଶାହା ହସୁଥିବା ଦେଖା ଯାଇଥିଲା।




## ୟୁଟ୍ୟୁବରଙ୍କଠାରୁ ୧୦ କୋଟି ମୂଲ୍ୟର କାର୍ ଜବତ

ଉନ୍ନାଓ, ୧୯ ।୧୨(ଏଜେନ୍ସି): ଉତ୍ତରପ୍ରଦେଶର ଉନ୍ନାଓ ଜିଲ୍ଲାର ୟୁଟ୍ୟୁବର ଅନୁରାଗ ଦ୍ୱିବେଦୀଙ୍କଠାରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୧୦ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହିକ୍ରମରେ ଇଡି ତାଙ୍କଠାରୁ ଲାମ୍ବୋରଘିନି, ମର୍ସିଡିଜ, ବିଏମ୍‌ଡବ୍ଲ୍ୟୁ ଓ ଥାର୍ ଗାଡି ଜବତ କରିଛି। ଏହି ବିଳାସପୂର୍ଣ୍ଣ କାର୍‌ଗୁଡିକର ମୂଲ୍ୟ ୧୦ କୋଟି ଟଙ୍କା ବୋଲି ଇଡି କହିଛି। ଏଥିସହ ୨୫ ବର୍ଷୀୟ ଅନୁରାଗ ଓ ତାଙ୍କ ପରିବାର ସଦସ୍ୟଙ୍କ ବ୍ୟାଙ୍କ ଖାତାକୁ ମଧ୍ୟ ଜବତ କରିଦିଆଯାଇଛି। ଏହି ଖାତାଗୁଡିକ ସହିତ ଜଡିତ ସବୁ ନେଣଦେଣର ଯାଞ୍ଚ କରାଯାଉଛି। ଇଡି ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲଏ) ଆଇନ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନଭେମ୍ବର ୨୨ରେ ଅନୁରାଗ କ୍ରୁଜ ଉପରେ ବିବାହ କରିବା ପରେ ଯାଞ୍ଚ୍ ଏଜେନ୍ସିଗୁଡିକ ନଜରରେ ରହିଥିଲେ। ଡିସେମ୍ବର ୧୭ରେ ଇଡି ତାଙ୍କର ୯ଟି ଠିକଣା ଉପରେ ଚଢ଼ଉ କରି ୧୨ ଘଣ୍ଟା ପର୍ଯ୍ୟନ୍ତ କାଗଜପତ୍ରକୁ ଯାଞ୍ଚ କରିଥିଲା। ସେ କ୍ରିକେଟ ବେଟିଂ, ହାୱାଲା ନେଟୱର୍କ ଓ ଟିପିଂ ଜରିଆରେ ଆୟ କରିଥିବା ଜଣାଯାଇଛି। ଏବେ ତାଙ୍କର ନିକଟ ସମ୍ପର୍କୀୟମାନେ ମଧ୍ୟ ଇଡି ନଜରରେ ରହିଛନ୍ତି। ଏକଦା ସାଇକେଲ ଚଢୁଥିବା ଅନୁରାଗ ଏବେ କୋଟି କୋଟି ଟଙ୍କାର ମାଲିକ। ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ ୭ ମିଲିଅନ ଅର୍ଥାତ ୭୦ ଲକ୍ଷ ସବସ୍କ୍ରାଇବର ରହିଛନ୍ତି।

## ୟୁକ୍ରେନ ନାଟୋ ଜିଦ୍ ଛାଡ଼ିଲେ ଶାନ୍ତି ପ୍ରତିଷ୍ଠା ହେବ: ପୁଟିନ

ମସ୍କୋ, ୧୯ ।୧୨(ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଶୁକ୍ରବାର ଅପରାହ୍ଣରେ ତାଙ୍କର ବାର୍ଷିକ ଅନ୍‌ଲାଇନ୍ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ। ଏଥିରେ ସେ ତାଙ୍କ ପୁର୍ବ ତର୍କକୁ ଦୋହରାଇଥିଲେ। ରୁଷ ଶାନ୍ତିପୂର୍ଣ୍ଣ ଭାବେ ଯୁଦ୍ଧ ସମାପ୍ତ କରିବାକୁ ପ୍ରସ୍ତୁତ। କିନ୍ତୁ ଏଥିପାଇଁ ୟୁକ୍ରେନକୁ ନାଟୋ ସାମରିକ ମେଣ୍ଟରେ ଯୋଗ ଦେବାର ଜିଦ୍‌କୁ ଛାଡିବାକୁ ହେବ। ତାପରେ ଯାଇ ଶାନ୍ତି ଆସିବ ବୋଲି ସେ କହିଛନ୍ତି। ସେହିପରି ୟୁରୋପୀୟ ସଂଘ ରୁଷିଆର ସମ୍ପତ୍ତି ଜବତ କରିବା ନେଇ ପଚରା ଯାଇଥିବା ପ୍ରଶ୍ନରୁ ଉତ୍ତରରେ ସେ କହିଛନ୍ତି ଯେ, ୟୁରୋପୀୟ ସଂଘ ଚୋରି ନୁହେଁ, ଡକାୟତି କରୁଛି। ଲୁଚିକରି ଚୋରି କରାଯାଇଥାଏ। କିନ୍ତୁ ସେମାନେ ଖୋଲାଖୋଲି ଲୁଟୁଛନ୍ତି। ତେବେ ରୁଷ୍ ତା'ର ସମ୍ପତ୍ତି ଫେରାଇ ଆଣିବାକୁ ବଦ୍ଧପରିକର ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ୟୁରୋପୀୟ ୟୁନିୟନର ଏହି ଯୋଜନାକୁ ଆପାତତଃ ରୋକି ଦିଆଯାଇଛି। ଏହି ଯୋଜନା ଅନୁସାରେ ରୁଷର ଫ୍ରିଜ କରାଯାଇଥିବା ସମ୍ପତିକୁ ୟୁକ୍ରେନର ରକ୍ଷା ପାଇଁ ବ୍ୟବହାର କରାଯିବାର ଥିଲା। ତେବେ ଯଦି ପୁଣି ଥରେ ଏହି ଯୋଜନାକୁ ଦ୍ୱିତୀୟଥର ପାଇଁ ଲାଗୁ କରାଯାଏ, ତେବେ ଗମ୍ଭୀର ପରିଣତି ଭୋଗିବାକୁ ହେବ ବୋଲି ପୁଟିନ ଚେତାବନୀ ଦେଇଛନ୍ତି। ପୁଟିନଙ୍କର ଏହା ୨୨ତମ ବାର୍ଷିକ ସମ୍ବାଦିକ ସମ୍ମିଳନୀ ଥିଲା। ଏହା ପ୍ରତିବର୍ଷ ଆୟୋଜିତ ହୋଇଥାଏ। ଏଥିପାଇଁ ତିଆରି କରାଯାଇଥିବା କଲସେଣ୍ଟରଗୁଡିକରେ ୨୪.୯ ପ୍ରଶ୍ନ ପଚରାଯାଇଛି।

## ମହୁଆଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୯ ।୧୨(ଏଜେନ୍ସି): ଟଙ୍କା ନେଇ ସଂସଦରେ ପ୍ରଶ୍ନ ପଚାରିବା ମାମଲାରେ ସିବିଆଇ ଆପାତତଃ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂସଦ ମହୁଆ ମୈତ୍ର ବିରୋଧରେ ଅଭିଯୋଗ ପତ୍ର ଦାଖଲ କରିବନାହିଁ। ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଲୋକପାଳଙ୍କ ତରଫରୁ ଅଭିଯୋଗ ପତ୍ର ଦାଖଲ କରିବା ନେଇ ଜାରି ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଜଷ୍ଟିନ ଅନୀଲ କ୍ଷେତ୍ରପାଳ ଓ ହରିଶ ବୈଦନାଥନ ଶଙ୍କରଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଲୋକପାଳ ଏହି ମାମଲାରେ ଭୁଲ କରିଛନ୍ତି। ଏଥିସହ ଲୋକପାଳ ଓ ଲୋକାୟୁକ୍ତ ଆଇନର ଧାରା ୨୦ ଅନୁଯାୟୀ ଏକ ମାସ ମଧ୍ୟରେ ତାଙ୍କ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଲୋକପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ହୋଇଥିବା ଶୁଣାଣିରେ ଲୋକପାଳ ଅନୁମୋଦନ ପ୍ରଦାନ କରିବା ସମୟରେ ଆଇନଗତ ପ୍ରକ୍ରିୟାକୁ ଠିକ୍ ରୂପେ ଅନୁସରଣ କରିନାହାନ୍ତି ବୋଲି ମହୁଆଙ୍କ ଓକିଲ ତର୍କ କରିଥିଲେ। ଆଇନ୍ ଅନୁଯାୟୀ ଅନୁମୋଦନ କରିବା ପୂର୍ବରୁ ଜନପ୍ରତିନିଧିଙ୍କଠାରୁ ମତାମତ ନେବା ବାଧ୍ୟତାମୂଳକ ଥିଲା। କିନ୍ତୁ ତାହା କରାଯାଇ ନ ଥିଲା ବୋଲି କୁହାଯାଇଥିଲା। ଉଲ୍ଲେଖଥାଉ କି, ୨୦୨୩ରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଟଙ୍କା ନେଇ ମହୁଆ ସଂସଦରେ ପ୍ରଶ୍ନ ପଚାରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଏ ନେଇ ସିବିଆଇ ତାଙ୍କ ବିରୋଧରେ ଯାଞ୍ଚ୍ କରୁଛି। ୨୦୧୯ରେ ସାଂସଦ ହେବା ପରେ ମହୁଆ ୬୨ଟି ପ୍ରଶ୍ନ ପଚାରିଥିଲେ ଓ ଏଥିମଧ୍ୟରୁ ୯ଟି ପ୍ରଶ୍ନ ଆଡାଣୀଙ୍କ ସହିତ ଜଡିତ ରହିଛି।

# ଚକ୍ରବ୍ୟୂହରେ ବାଂଲାଦେଶ



- ନିର୍ବାଚନ ସର୍ଭେ ପାଇଁ ଅସ୍ଥିରତା; ଟାର୍ଗେଟରେ ଭାରତ
- ଢାକାରେ ଆମେରିକା ବନାମ ଚୀନ

ଢାକା, ୧୯।୧୨ (ଏଜେନ୍ସି): ନିର୍ବାଚନ ପୂର୍ବରୁ ବାଂଲାଦେଶ ପୁଣି ଅସ୍ଥିର। ଆସନ୍ତା ବର୍ଷ ହେବାକୁ ଯାଉଥିବା ସଂସଦ ନିର୍ବାଚନରେ କିଏ ଜିତିବ? ଏହି ପ୍ରଶ୍ନ ଶାନ୍ତି ସ୍ଥାପନରେ କଣ୍ଟା ସାଜିଛି। ଏବେ ଯେଉଁ ହିଂସା ଚାଲିଛି ତା ପଛରେ ବିଦେଶୀ ଶକ୍ତିଙ୍କ ହାତରେ ରହିଛି। କାରଣ ବାଂଲାଦେଶ ଏବେ ପାକିସ୍ତାନ, ଚୀନ୍, ଆମେରିକାର ଖେଳ ପଡ଼ିଆ ପାଲଟି ଯାଇଛି। ନିର୍ବାଚନରେ ନିଜ ସମର୍ଥକ ପାର୍ଟିର ପରାଜୟ ଆଶଙ୍କାରେ ଏହି ହିଂସା ଆରମ୍ଭ କରାଯାଇଥିବା କୁହାଯାଉଛି।

ନିର୍ବାଚନରେ ହସିନାଙ୍କ ଦଳ ଭାଗ ନେଇପାରିବ ନାହିଁ। ତେଣୁ ଦୁଇଟି ଦଳ ମଧ୍ୟରେ ହେବ ପ୍ରତିଦ୍ୱନ୍ଦ୍ୱିତା। ଏହି ଦଳ ହେଲା ଖାଲେଦା ଜିଆଙ୍କ ବିଏନପି ଏବଂ ଜମାତେ ଇସଲାମୀ। ଜମାତେ ଇସଲାମୀ ଜିତୁ ବୋଲି କାମଚଳା ଶାସକ ମହମ୍ମଦ ୟୁନୁସ ଏବଂ ପାକିସ୍ତାନ ଚାହୁଁଛନ୍ତି। ଜମାତକୁ ଆମେରିକା ମଧ୍ୟ ପରୋକ୍ଷରେ ସମର୍ଥନ ଦେଉଥିବା ବେଳେ ବିଏନପିକୁ ଭିତିରିଆ ସମର୍ଥନ କରୁଛି ଚୀନ। ଅନ୍ୟପକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପୁଅ ଅଭିଯୋଗ କରିଛନ୍ତି ଯେ ୟୁନୁସ ସେ ଜାଲିଆତି କରି ଚରମପନ୍ଥୀଙ୍କୁ କ୍ଷମତାରେ ବସାଇବାକୁ ଚାହୁଁଛନ୍ତି। ନିର୍ବାଚନ ପୂର୍ବରୁ ହୋଇଥିବା ସର୍ଭେ ଅନୁଯାୟୀ ବିଏନପି ହିଁ ବିଜୟୀ ହେବ। ତେଣୁ ନିର୍ବାଚନ କରାଇନଦେବା ଲାଗି ପ୍ରାୟୋଜିତ ଭାବେ ହିଂସାକାଣ୍ଡ କରାଯାଉଛି। ଚରମପନ୍ଥୀ ଜମାତକୁ କ୍ଷମତାସୀନ କରାଇବା ଲାଗି ଏମିତି ଖେଳ ଚାଲିଛି। ମିଳିଥିବା ସୂଚନା ଅନୁଯାୟୀ ବାଂଲାଦେଶର ମାର୍ଟିନ ଆଇଲ୍ୟାଣ୍ଡ ଉପରେ ଆ।।ମେରିକା ଏବଂ ଚୀନର ଆଖି ପଡ଼ିଛି। ଏଥିପାଇଁ ସେମାନଙ୍କ ପସନ୍ଦର ଦଳ କ୍ଷମତାସୀନ ହେଉ ବୋଲି ଉଦ୍ୟମ କରୁଛନ୍ତି। ଖାଲେଦା ଜିଆଙ୍କ ବାଂଲାଦେଶ ନେସନାଲ ପାର୍ଟି (ବିଏନ୍‌ପି) ବିଜୟ ସମ୍ଭାବନାକୁ ନେଇ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ମଧ୍ୟରେ ଛନକା ପଶିଛି। ଆମେରିକାର କାଠ କଣ୍ଢେଇ ସାଜିଥିବା ୟୁନୁସ ଏହାକୁ ସହ୍ୟ କରିପାରୁ ନାହାନ୍ତି। ଆମେରିକା ସହିତ ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସ୍‌ଆଇ ମଧ୍ୟ ବିଏନପି କ୍ଷମତାସୀନ ହେଉ ବୋଲି ଚାହୁଁନି। ଆଇଏସଆଇ ଚରମପନ୍ଥୀ ଜମାତେ ଇସଲାମୀକୁ ସମର୍ଥନ ଦେଉଛି। ତେବେ ଚୀନ ବିଏନ୍‌ପିକୁ ଲୁଚିଛପି ସମର୍ଥନ କରୁଛି।

ଇତିମଧ୍ୟ।।ରେ ଭାରତବିରୋଧୀ ନେତା ଭାବେ ପରିଚିତ ଇନ୍‌କିଲାବ ମଞ୍ଚର ନେତା ସରିଫ ଓସମାନ ବିନ୍ ହାଦିଙ୍କ ହତ୍ୟା ପରେ ରାଜଧାନୀ ଢାକା ସହିତ ଅନ୍ୟ ଅଞ୍ଚଳରେ ନିଆଁ ଲାଗିଛି। ତେବେ ବିକ୍ଷୋଭକାରୀଙ୍କ ଟାର୍ଗେଟରେ ଭାରତ ରହିଛି। ଏହି ହତ୍ୟାକାଣ୍ଡ ପଛରେ ଭାରତର ହାତ ଥିବା ଆନ୍ଦୋଳନକାରୀ ଅଭିଯୋଗ କରୁଛନ୍ତି। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଫୈସଲ କରିମ ଭାରତ ପଳାଇଥିବା କୁହାଯାଉଛି। ମାତ୍ର ପୁଲିସ ଏହି ଦାବିକୁ ଖଣ୍ଡନ କରୁଛି। ହତ୍ୟା ପଛରେ ଭାରତର ହାତ ଥିବା ନେଇ କୌଣସି ସୂଚନା ନାହିଁ ବୋଲି କୁହାଯାଇଛି। ଭାରତ ମଧ୍ୟ ଅଭିଯୋଗକୁ ଖଣ୍ଡନ କରିଦେଇଛି। ବାଂଲାଦେଶରେ ହିଂସାରେ ଦେଶର କୌଣସି ଭୂମିକା ନାହିଁ ବୋଲି କୁହାଯାଇଛି। ତେବେ ସୀମାରେ କୌଣସି ଅପ୍ରୀତିକର ସ୍ଥିତିକୁ ଏଡ଼ାଇବା ପାଇଁ ଭାରତ ସୁରକ୍ଷାକୁ କଡ଼ାକଡ଼ି କରିଦେଇଛି। ବାଂଲାଦେଶ ସୁରକ୍ଷା ବାହିନୀ ଅନୁଯାୟୀ, ଫୈସଲଙ୍କୁ ହତ୍ୟା କରିବାର ଦିନକ ପୂର୍ବରୁ ଅଭିଯୁକ୍ତ ନିଜ ପ୍ରେମିକାକୁ ରିସୋର୍ଟରେ ଭେଟିଥିଲା। କାଲି କିଛି ବଡ଼ ହେବ, ଯେଉଁଥିରେ ବାଂଲାଦେଶ ଦୋହଲିଯିବ ବୋଲି କହିଥିଲା। ଏହା ସହିତ ସେ ପ୍ରେମିକାକୁ ହାଦିର ଭିଡିଓ ଦେଖାଇଥିଲା।

ଏବେ ଭାରତ ବାଂଲାଦେଶ ସ୍ଥିତିକୁ ନେଇ 'ୱେଟ ଆଣ୍ଡ ୱାଚ' ସ୍ଥିତିରେ ରହିଛି। ସୁରକ୍ଷା ବିଶେଷଜ୍ଞମାନେ ଏବେ ନିରବ ରହିବାକୁ ଭାରତକୁ ପରାମର୍ଶ ଦେଇଛନ୍ତି। କିନ୍ତୁ ବାଂଲାଦେଶର ଏହି ସ୍ଥିତି ଭାରତର ସୁରକ୍ଷା ପ୍ରତି ବଡ଼ ବିପଦ ସୃଷ୍ଟି କରିଛି। ବାଂଲାଦେଶ ଆନ୍ଦୋଳନ ଭାରତୀୟ ସୀମାକୁ ବ୍ୟାପିଛି। ଆନ୍ଦୋଳନକାରୀ ସୀମାରେ ପହଞ୍ଚି ଭାରତ ବିରୋଧୀ ସ୍ଲୋଗାନ ଦେଉଛନ୍ତି। ଏହାଦ୍ୱାରା ଅନୁପ୍ରବେଶ ବିପଦ ମଧ୍ୟ ରହିଛି।

ଅନ୍ୟପଟେ ମହମ୍ମଦ ୟୁନୁସ କ୍ଷମତା ନିଜ ହାତରେ ରଖିବାକୁ ଚାହୁଁଛନ୍ତି। ସେ ଦେଶରେ ଏକଛତ୍ରଶାସନ ଚଳାଇବା ଯୋଜନାରେ ଅଛନ୍ତି। ଭାରତର ବିରୋଧୀ ମହମ୍ମଦ ୟୁନୁସ ଆମେରିକା ଇଙ୍ଗିତରେ କାର୍ଯ୍ୟ କରୁଛନ୍ତି। ଏହି ଦେଶରେ ଆମେରିକାର ଡିପ୍ ଷ୍ଟେଟର ମଧ୍ୟ ପ୍ରଭାବ ରହିଛି। ବାଂଲାଦେଶରେ ସ୍ଥିରତା ଆସୁ ବୋଲି ଏହି ଦେଶ ଚାହୁଁନାହିଁ। ସ୍ଥିତିକୁ ଦେଖି ଭାରତ ଚିକେନ ନେକ୍ ତଥା ସିଲିଗୁଡ଼ି କରିଡରର ସୁରକ୍ଷାକୁ ବୃଦ୍ଧି କରିଦେଇଛି। ଅଧିକ କମ୍ପାନୀ ସୁରକ୍ଷା ବାହିନୀ ମୁତୟନ କରିଛି। ଚିକେନ ନେକକୁ ସମ୍ପ୍ରସାରଣ କରାଯାଇଛି। ସୀମାରେ ଲଢୁଆ ବିମାନ ଏବଂ ହେଲିକପ୍ଟର ମୁତୟନ କରାଯାଇଛି।



## ଉସ୍‌ମାନ ହାଦି କିଏ?

ଢାକା, ୧୯ ।୧୨(ଏଜେନ୍ସି): ଛାତ୍ରନେତା ଉସ୍‌ମାନ ହାଦିଙ୍କ ହତ୍ୟା ନେଇ ବାଂଲାଦେଶରେ ଲଙ୍କାକାଣ୍ଡ ଚାଲିଛି। ହାଦିଙ୍କ ହତ୍ୟାକୁ ବିରୋଧର କରି ସାରା ଦେଶରେ ହିଂସା ସୃଷ୍ଟି ହୋଇଛି। ଏବେ ପ୍ରଶ୍ନ ଉଠୁଛି ଯେ, ହାଦି କିଏ? ଯାହାଙ୍କ ମୃତ୍ୟୁରେ ଏବେ ପଡୋଶୀ ଦେଶ ହିଂସାର ନିଆଁରେ ଜଳି ଉଠିଛି। ହାଦି ଛାତ୍ର ସଂଗଠନ 'ଇନକିଲାବ ମଞ୍ଚ'ର ଜଣେ ପ୍ରତିଷ୍ଠାତା ନେତା ଥିଲେ। ନିକଟରେ ହୋଇଥିବା ଛାତ୍ର ଆନ୍ଦୋଳନ ଜରିଆରେ ସେ ବାଂଲା ରାଜନୀତିରେ ଜଣେ ଉଦୀୟମାନ ନେତା ଭାବେ ଉଭା ହୋଇଥିଲେ। ସେ ଆଗାମୀ ସାଧାରଣ ନିର୍ବାଚନରେ ଢାକା-୮ ଆସନରୁ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହେବେ ବୋଲି ବାଂଲାଦେଶ ଗଣମାଧ୍ୟମଗୁଡିକ ଖବର ପ୍ରଚାର କରିଥିଲେ। ସେ ଭାରତ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ କଡ଼ା ସମାଲୋଚକ ଭାବେ ପରିଚିତ ଥିଲେ। ଭାରତର ମାନଚିତ୍ରକୁ ବିକୃତ କରି ବୃହତ୍ତ ବାଂଲାଦେଶ ଚିତ୍ର ଆଙ୍କି ସେ ବିବାଦରେ ଥିଲେ। ଦେଶର ଅନ୍ତରୀଣ ସରକାରଙ୍କ ଉପଦେଷ୍ଟା ମହମ୍ମଦ ୟୁନୁସ ମଧ୍ୟ ହାଦିଙ୍କୁ ପସନ୍ଦ କରୁଥିଲେ ବୋଲି କୁହାଯାଉଛି।

ତାଙ୍କ ପୂରା ନାମ ହେଉଛି ସରିଫ ଉସମାନ ବିନ୍ ହାଦି। ସେ ୧୯୯୩ ଜୁନ୍ ୩୦ରେ ଝାଲାକାଠି ଜିଲ୍ଲାର ନାଲଚିଟିରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଜଣେ ମାଦ୍ରାସା ଶିକ୍ଷକ ଓ ଇମାମ ଭାବେ ପରିଚିତ। ସେ ଢାକା ବିଶ୍ୱବିଦ୍ୟାଳୟରୁ ପାସ୍ କରି ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଅଧାପନା କରୁଥିଲେ। ଜାତୀୟ ରାଜନୀତିରେ ସେ ନୂଆ ସମ୍ଭାବନା ସୃଷ୍ଟି କରିବାକୁ ଯାଉଥିବା ବେଳେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।

### ବେଟିଂକୁ ନେଇ ମନି ଲଣ୍ଡରିଂ ମାମଲା ରୁଜୁ କଲା ଇଡି

# ୟୁବରାଜ, ସୋନୁ, ଉର୍ବଶୀଙ୍କ ସମ୍ପତ୍ତି ଜବତ

ନୂଆଦିଲ୍ଲୀ, ୧୯ ।୧୨(ଏଜେନ୍ସି): ବେଟିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କ୍ରିକେଟର ଓ ଅଭିନେତାଙ୍କ ସମ୍ପତି ଜବତ କରାଯାଇଛି। ବେଟିଂ ଅର୍ଥାତ ଜୁଆ ସହିତ ଜଡିତ ମନି ଲଣ୍ଡରିଂ ମାମଲାରେ ଇଡି ପୂର୍ବତନ କ୍ରିକେଟର ୟୁବରାଜ ସିଂହ, ରବିନ ଉଥାପ୍ପା, ଅଭିନେତା ସୋନୁ ସୁଦ, ନେହା ଶର୍ମା, ଉର୍ବଶୀ ରୌତେଲା ଓ ଅନ୍ୟ ସେଲିବ୍ରିଟିମାନଙ୍କ ସମ୍ପତି ଜବତ କରିଛି। ଏହି ମାମଲାରେ ଇଡି ଏକାଧିକ ସେଲିବ୍ରିଟିଙ୍କୁ ପଚରା ଉଚରା କରିଛି। ଏହି ମାମଲାର ହଜାରେ କୋଟି ଟଙ୍କାର ସମ୍ପତ୍ତି ଜବତ କରାଗଲାଣି। ପୂର୍ବରୁ ଇଡି ଏହି ମାମଲାରେ ପୂର୍ବତନ କ୍ରିକେଟର ଶିଖର ଧାୱନ ଓ ସୁରେଶ ରାଇନାଙ୍କୁ ପଚରାଉଚରା କରିବା ସହ ୧୧.୧୪ କୋଟି ଟଙ୍କା ଜବତ କରିଥିଲା। ସୂଚନା ଅନୁସାରେ, ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଇଡି ସୋନୁ ସୁଦ୍‌ଙ୍କର ଏକ କୋଟି, ୟୁବରାଜଙ୍କର ଅଢ଼େଇ କୋଟି, ନେହାଙ୍କ ୧.୨୬ କୋଟି, ରବିନ ଉଥାପ୍ପାଙ୍କ ୮.୨୬ ଲକ୍ଷ, ମିମି ଚକ୍ରବର୍ତ୍ତୀଙ୍କ ୫୯ ଲକ୍ଷ ଟଙ୍କାର ସମ୍ପତ୍ତି ଜବତ କରିଛି। ଇଡି ଏହିକ୍ରମରେ ମୋଟ ଉପରେ ୭.୯୩ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହାପୂର୍ବରୁ ଇଡି ଗତ ସେପ୍ଟେମ୍ବରରେ '୧ ଇନ୍‌ଟୁ ବେଟ୍' ଆପ ମାମଲାରେ ୟୁବରାଜ, ସୁରେଶ ରାଇନା, ଉଥାପ୍ପା, ଧାୱନ, ସୋନୁ ସୁଦ୍, ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀ (ପୂର୍ବତନ ଟିଏମ୍‌ସି ସାଂସଦ) ଓ



ବେଙ୍ଗଲୀ ଅଭିନେତା ଅଙ୍କୁଶ ହାଜରାଙ୍କ ସମେତ କେତେଜଣ ଅନ୍‌ଲାଇନ୍ ଇନଫ୍ଲୁଏନ୍ସରଙ୍କୁ ପଚରା ଉଚରା କରିଥିଲା।

ଏହା ପାଖାପାଖି ୧ ହଜାର କୋଟି ଟଙ୍କାର ମନି ଲଣ୍ଡରିଂ ମାମଲା ବୋଲି ଇଡି କହିଛି। ଏହି ସେଲିବ୍ରିଟିମାନଙ୍କ ବିରୋଧରେ '୧ ଇନଟୁ ବେଟ' ନାମକ ବେଟିଂ ଆପ୍‌ର ପ୍ରମୋଶନ କରିଥିବା ଅଭିଯୋଗ ରହିଛି। ପୁଣି ଏହି ପ୍ରମୋଶନ ବଦଳରେ ମିଳିଥିବା ଅର୍ଥକୁ ମନି ଲଣ୍ଡରିଂ ଜରିଆରେ ଗ୍ରହଣ କରିଥିଲେ। ଉଲ୍ଲେଖଥାଉ କି, ୧ ଇନ୍‌ଟୁ ବେଟ୍ ହେଉଛି ସାଇପ୍ରସ୍‌ର ଅନ୍ ଲାଇନ୍ ବେଟିଂ କମ୍ପାନୀ। ଏହା ୨୦୦୭ରେ ସ୍ଥାପିତ ହୋଇଥିଲା। ଏହା ବିଶ୍ୱବ୍ୟାପୀ ବିଭିନ୍ନ କ୍ରୀଡ଼ା ଆୟୋଜନରେ ବେଟିଂ ଲଗାଇବାର ସୁବିଧା ପ୍ରଦାନ କରିଥାଏ। ଏହି ଆପ୍ ଓ ୱେବ୍‌ସାଇଟ୍ ୭୦ଟି ଭାଷାରେ ଉପଲବ୍ଧ। କିନ୍ତୁ ଏହି ଅନ୍‌ଲାଇନ୍ ପ୍ଲାଟଫର୍ମକୁ ଭାରତରେ ନିଷିଦ୍ଧ କରାଯାଇଛି। ଭାରତ ମଧ୍ୟ ଫାଣ୍ଟାସି ସ୍ପୋର୍ଟ୍ସ ଭଳି ଡ୍ରିମ-୧୧, ରମି, ପୋକର ଆପ୍‌କୁ ନିଷିଦ୍ଧ କରିଛି।

# ଇରାନ-ତାଜିକିସ୍ତାନ କିଡ୍‌ନୀ ର୍‍ୟାକେଟ୍‌ରେ ଫସିଲେ ଓଡ଼ିଆ

ନୂଆଦିଲ୍ଲୀ, ୧୯ ।୧୨ (ଏଜେନ୍ସି): କେରଳର କୋଚି ସହରରେ ରହୁଥିବା ଜଣେ ବ୍ୟକ୍ତି ଚତୁରତା ସହ ଏକ ଅନ୍ତର୍ଜାତୀୟ କିଡ୍‌ନୀ ର୍‍ୟାକେଟ ଚଳାଉଥିବା ଜଣାପଡ଼ିଛି। ଏହି ର୍‍ୟାକେଟ୍ ମାଧ୍ୟମରେ ବ୍ୟକ୍ତି ଜଣକ ସ୍ଥିତିର ଫାଇଦା ଉଠାଇ ଭାରତରୁ ଗରିବ ଲୋକଙ୍କୁ ନେଇ ଏକ କିଡନୀ ର୍‍ୟାକେଟ୍ ଚଳାଇଥିଲା। ବେଆଇନ ଭାବେ ଏହି ଗରିବ ଭାରତୀୟଙ୍କୁ ଇରାନ ଓ ତାଜିକିସ୍ତାନ ଭଳି କେନ୍ଦ୍ର ଏସୀୟ ଦେଶଗୁଡିକୁ ଚାଲାଣକରି ସେମାନଙ୍କର କିଡନୀକୁ ଅବୈଧ ଭାବେ ପ୍ରତିରୋପଣ କରାଇବାର ବ୍ୟବସ୍ଥା କରୁଥିଲେ।

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏହି ମାମଲାରେ ଏକ ବଡ଼ ଧରଣର ପର୍ଦ୍ଦାଫାସ କରିଛି। ୨୦୨୪ ମେ ୧୯ରେ ନେଦୁମ୍ବାସେରୀ ପୁଲିସ ଏକ ଏଫ୍‌ଆଇଆର ଦାଏର କରିବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା। କୋଚିରେ ରହୁଥିବା ଏହି ର୍‍ୟାକେଟ୍‌ର ମାଷ୍ଟରମାଇଣ୍ଡ ହେଉଛି ମଧୁ ଜୟକୁମାର। ଏହି କ୍ରମରେ ଓଡ଼ିଶାରୁ ମଧ୍ୟ ଦୁଇଜଣ ଲୋକଙ୍କୁ ତାଜିକିସ୍ତାନକୁ ଚାଲାଣ କରାଯାଇଥିବା ଏନ୍‌ଆଇଏ ଜାଣିବାକୁ ପାଇଛି। ଏହି ଦୁଇ ଓଡ଼ିଆଙ୍କ କିଡ୍‌ନୀ ସେଠାରେ ବଡ଼ ଧନୀଙ୍କଠାରେ ପ୍ରତିରୋପଣ କରାଯାଇଥିବା ଏନ୍‌ଆଇଏ କହିଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମଧୁ ବହୁ ଅର୍ଥ ଉପାର୍ଜନ କରିଥିଲା। ଏସବୁକୁ ଏକାଧିକ ବ୍ୟାଙ୍କ ଖାତାରେ ଜମା କରିଥିଲା। ଏହାପରେ ସେ ଏହି ଅର୍ଥକୁ ବିଟ୍‌କଏନ ଓ ୟୁଏସ୍‌ଡିଡିରେ ରୁପାନ୍ତରିତ କରୁଥିଲା। ମଧୁକୁ ଶେଷରେ ନଭେମ୍ବର ୭ରେ ଗିରଫ କରାଯାଇଥିଲା ଓ ତାକୁ ଏନ୍‌ଆଇଏର ନ୍ୟାୟିକ ହେପାଜତରେ ରଖାଯିବ ସହ ଏର୍ଣ୍ଣାକୁଲମସ୍ଥିତ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ଏହି ର୍‍ୟାକେଟ୍‌ରେ ଇରାନରେ ୨୭ଜଣ ବ୍ୟକ୍ତିଙ୍କଠାରେ କିଡନୀ ପ୍ରତିରୋପଣ ହୋଇଥିଲା। ଏହି ପ୍ରକ୍ରିୟାରେ ୧୧ ଜଣ ନୂଆ କିଡନୀ ଦାତା ସେମାନଙ୍କର କିଡନୀ ହରାଇଥିଲେ ବୋଲି ମଧୁ ସ୍ୱୀକାର କରିଛି। ଏହି ର୍‍ୟାକେଟ ଓ ପ୍ରକ୍ରିୟାକୁ କୋର୍ଟ ଗୁରୁତର ସହ ଗ୍ରହଣ କରିଛନ୍ତି। ଅଧିକ ଯାଞ୍ଚ୍ କରିବା ସହ ନେଟୱର୍କରେ ଜଡିତ ପୀଡିତ ଓ ଅପରାଧୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଆଇଏକୁ ନିର୍ଦ୍ଦେଶ ଦେଇଛନ୍ତି।

### ଦିଲ୍ଲୀକୁ ମିଳୁନି ନିସ୍ତାର

## କୁହୁଡି ଯୋଗୁଁ ୧୫୨ ବିମାନ ବାତିଲ

ନୂଆଦିଲ୍ଲୀ, ୧୯ ।୧୨(ଏଜେନ୍ସି): ଦିଲ୍ଲୀରେ ପ୍ରଦୂଷଣ ଥମିବାର ନା ନେଉନାହିଁ। ବିଷାକ୍ତ ବାୟୁ ଓ ଦୃଶ୍ୟମାନତା ହ୍ରାସକୁ ଦୃଷ୍ଟିରେ ରଖି ଗୁରୁବାର ଦିଲ୍ଲୀରେ କଡ଼ା ନିୟମ ଲାଗୁ କରାଯାଇଥିଲା। ଏହା ସତ୍ତ୍ୱେ ଶୁକ୍ରବାର ରାଜଧାନୀରେ କ୍ରମାଗତ ଷଷ୍ଠ ଦିନ ପାଇଁ ବାୟୁ ଖରାପ ରହିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଦେଇଥିବା ସୂଚନା ଅନୁଯାୟୀ ଶୁକ୍ରବାର ସକାଳ ୮ଟାରେ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୮୭ ରେକର୍ଡ କରାଯାଇଛି। ଗୁରୁବାର ତୁଳନାରେ ଆଜି ମଧ୍ୟ ଏକ୍ୟୁଆଇରେ ଉନ୍ନତି ହୋଇନାହିଁ। ଗୁରୁବାର ସନ୍ଧ୍ୟା ୪ଟାରେ ଏକ୍ୟୁଆଇ ୩୭୩ ଥିଲା। ପ୍ରଦୂଷଣ ପାଇଁ ରାଜଧାନୀର ଅଧିକାଂଶ ଅଞ୍ଚଳରେ ବିଷାକ୍ତ କୁହୁଡି ଛାଇ ହୋଇରହିଛି। ଶୁକ୍ରବାର ଦିଲ୍ଲୀର ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ୧୫୨ଟି ବିମାନକୁ ବାତିଲ କରାଯାଇଛି। ବିମାନ ବନ୍ଦର କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ବାତିଲ ହୋଇଥିବା ବିମାନ ମଧ୍ୟରୁ ୭୯ଟି ଦିଲ୍ଲୀ ଛାଡୁଥିଲା ଓ ୭୩ଟି ଆସୁଥିଲା। ଏଥିରେ ୪ଟି ଅନ୍ତର୍ଜାତୀୟ ବିମାନ ମଧ୍ୟ ସାମିଲ ରହିଛି। ଅନେକ ବିମାନ ଘଣ୍ଟା ଘଣ୍ଟା ଧରି ବିଳମ୍ବରେ ଚାଲୁଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ, ସ୍ପାଇସ୍ ଜେଟ୍ ସମେତ ଅନେକ ବିମାନ କମ୍ପାନୀ ସେମାନଙ୍କ ବିମାନରେ ସମ୍ଭାବ୍ୟ ବାଧା ସମ୍ପର୍କରେ ଯାତ୍ରୀମାନଙ୍କ ପାଇଁ ପରାମର୍ଶ ଜାରି କରିଛନ୍ତି। ଏହାପୂର୍ବରୁ ଗୁରୁବାର କୁହୁଡି ଯୋଗୁଁ ବିମାନ ବନ୍ଦରର ଦୃଶ୍ୟମାନତା ୧୦୦ମିରୁ କମ୍ ହ୍ରାସ ପାଇଥିଲା। ଏହାଫଳରେ ୨୭ଟି ବିମାନ ବାତିଲ ହୋଇଥିବା ବେଳେ ୧୦୦ରୁ ଅଧିକ ବିମାନ ଓ ୮୦ରୁ ଅଧିକ ଟ୍ରେନ୍ ବିଳମ୍ବିତ ହୋଇଥିଲା।

ଦିଲ୍ଲୀରେ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ (ଜିଆରଏପି)ର ଚତୁର୍ଥ ପର୍ଯ୍ୟାୟ ଲାଗୁ ହୋଇଛି। ବିଭିନ୍ନ କଟକଟା ଲାଗୁ ହୋଇଥିବାରୁ ଏହି ନିୟମ ଉଲ୍ଲଂଘନ ଅଭିଯୋଗରେ ୩, ୭୦୦ଟି ଗାଡ଼ିର ଚାଲାଣ କଟାଯାଇଛି। ୫୭୦ଟି ଗାଡ଼ିକୁ ଦିଲ୍ଲୀ ସୀମାରୁ ଫେରାଇ ଦିଆଯାଇଛି। ମାତ୍ର ଦୁଇଦିନ ମଧ୍ୟରେ ୬୧୦୦୦ ପ୍ରଦୂଷଣ ପ୍ରମାଣପତ୍ର ବାହାର କରାଯାଇଛି।

### କେନ୍ଦ୍ରମନ୍ତ୍ରୀ ମାନ୍‌ଝୀଙ୍କ ଟିପ୍ପଣୀକୁ ନେଇ ଝଡ଼

# ପ୍ରାର୍ଥୀ ହାରୁଥିଲେ; ଜିଲ୍ଲାପାଳଙ୍କୁ ଫୋନ୍ କରି ଜିତାଇଲି

ପାଟନା, ୧୯।୧୨ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ବୃହତ ବିଜୟ ହାସଲ କରିଛି। ନୀତୀଶ କୁମାରଙ୍କ ନେତୃତ୍ୱରେ ସରକାର ଗଠନ କରିଛି। ଏହି ସରକାରୀ ମେଣ୍ଟରେ ସାମିଲ ହାମ୍ ମୁଖ୍ୟ ତଥା କେନ୍ଦ୍ର ଏମଏସଏମଇ ମନ୍ତ୍ରୀ ଜିତନ୍‌ରାମ୍ ମାନ୍‌ଝୀ ଦେଇଥିବା ଏକ ଟିପ୍ପଣୀ ଇଭିଏମ୍‌ର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭୋଟ ଚୋରି,ଇଭିଏମ ଜାଲିଆତି ଏବଂ ସରକାରୀ ଦଳ ସହ ନିର୍ବାଚନ କମିଶନ (ଇସି)ଙ୍କ ସମ୍ପୃକ୍ତିକୁ ନେଇ ବିରୋଧୀ ଦଳଗୁଡ଼ିକ ସଡ଼କରୁ ସଂସଦ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ମାନ୍‌ଝୀ ଏହି ନିଆଁରେ ଘିଅ ଢାଳିଛନ୍ତି। ସେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛନ୍ତି। ଏକ ଭାଇରାଲ ଭିଡିଓରେ ଜିତନ ରାମ ଏକ ମଞ୍ଚରୁ କହୁଛନ୍ତି ଯେ ୨୦୨୦ ବିଧାନସଭା ନିର୍ବାଚନରେ ଗୋଟିଏ ଆସନରୁ ୨୭୦୦ ଭୋଟରେ ହାରୁଥିଲୁ। କିନ୍ତୁ ଏହି ସମୟରେ ଜିଲ୍ଲାପାଳଙ୍କୁ ଫୋନ କରି ବିଜୟୀ ହୋଇଥିଲୁ। ଏଥିରେ ମାନ୍‌ଝୀ ଗୟାର ପୂର୍ବତନ ଜିଲ୍ଲାପାଳ ଅଭିଷେକ ସିଂହଙ୍କ ନାମ ନେଉଥିବା ଶୁଣିବାକୁ ମିଳୁଛି। ତ୍ରିପୁରା କ୍ୟାଡରର ଏହି ଆଇଏଏସ ଅଧିକାରୀ ୨୦୨୩ରେ ଚାକିରିରୁ ଇସ୍ତଫା ଦେଇଥିଲେ।



ସାର୍ବଜନୀନ ମଞ୍ଚରୁ ମଗଧୀ ଭାଷାରେ ମାନ୍‌ଝୀ ଦେଇଥିବା ଏହି ଟିପ୍ପଣୀ ନିର୍ବାଚନୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ଇଭିଏମର ବିଶ୍ୱସନୀୟତା ଉପରେ ସନ୍ଦେହ ଅଧିକ ଘନୀଭୂତ ହୋଇଛି। ଏହାକୁ ନେଇ ଆରଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିଛି। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ସେୟାର କରି ସତ ସାମ୍‌ନାକୁ ଆସିଯାଇଛି ବୋଲି କୁହାଯାଇଛି।

ଅନ୍ୟପଟେ ବିବାଦ ବଢ଼ିବାରୁ ମାନ୍‌ଝୀ ସ୍ପଷ୍ଟୀକରଣ ଦେଇଛନ୍ତି। କାଣ୍ଟଛାଣ୍ଟ କରି ଏହି ଭିଡିଓ ପ୍ରସ୍ତୁତ କରାଯାଇଥିବା କହିଛନ୍ତି। ତେବେ ଏହି ଭିଡିଓଟି ବାରାଚଟ୍ଟି ବିଧାନସଭା କ୍ଷେତ୍ରରେ ଆୟୋଜିତ ଏକ ସମ୍ମାନ କାର୍ଯ୍ୟକ୍ରମର ବୋଲି କୁହାଯାଉଛି। ଜିତନରାମ ମାନଝୀ ମଞ୍ଚରୁ କହିଥିଲେ ଯେ 'ଭୁଲ୍‌ରେ ସେ ଚଳିତ ହାରି ଯାଇଛନ୍ତି। ଯଦି ୨୦୨୦ ପରେ ଆମକୁ କେହି ହାରି ଯାଉଛନ୍ତି ବୋଲି କହିଥାନ୍ତେ ତେବେ ସ୍ଥିତି ଅଲଗା ହୋଇଥାନ୍ତା। ସେ ସମୟରେ ୨୭୦୦ ଭୋଟରେ ହାରୁଥିଲୁ। ଏହା ପରେ ମୁଁ ପ୍ରୟାସ କରି ତାଙ୍କୁ ଜିତାଇ ଦେଇଥିଲି। ୨୦୨୫ରେ କେବଳ ୧୬୦୦ ଭୋଟରେ ହାରିଛୁ। କିନ୍ତୁ ହାରିବୁ ବୋଲି କେହି ମତେ ପୂର୍ବରୁ କହି ନ ଥିଲେ। ତାଙ୍କ କିଛି ବୁଦ୍ଧି ନ ଥିଲା। କେନ୍ଦ୍ର ଛାଡ଼ି ପଳାଇ ଥିଲେ। ମୋ ସହ କାହିଁକି କଥା ହେଲନି ଜଣାନାହିଁ'। ଏହି ସମୟରେ ମାନଝୀ ଟେକାରୀ ଆସନର ପ୍ରାର୍ଥୀ ଅନୀଲ କୁମାରଙ୍କ ପରାଜୟକୁ ନେଇ ଚର୍ଚ୍ଚା କରୁଥିଲେ ବୋଲି କୁହାଯାଉଛି।

ବିବାଦ ବଢ଼ିବାରୁ ମାନ୍‌ଝୀ କହିଥିଲେ ଯେ 'ମୋର ଏକ ଭିଡିଓକୁ କାଣ୍ଟଛାଣ୍ଟ କରି ଭାଇରାଲ କରାଯାଉଛି। କିଛି ଲୋକ ଏପରି କରି ମୋତେ ବଦନାମ କରିବାକୁ ଚାହୁଁଛନ୍ତି। କିନ୍ତୁ ଏବେ କେହି ମୋତେ ଅପମାନିତ କିମ୍ବା ବୋକା ବନେଇ ପାରିବେ ନାହିଁ'। ଏହାକୁ ନେଇ ଆରଜେଡି କେନ୍ଦ୍ର, ରାଜ୍ୟ ସରକାରଙ୍କ ସହିତ ଇସିଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଆରଜେଡି ପକ୍ଷରୁ କୁହାଯାଇଛି ଯେ ଭାରତ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ମାନ୍‌ଝୀ ଠିଗେଶ କୁମାରଙ୍କ ପରି ପାଳିତ ଆୟୁକ୍ତଙ୍କ ମୁହଁକୁ ଚାପୁଡ଼ା ମାରିଛନ୍ତି। ମାନ୍‌ଝୀ ଖୋଲା ମଞ୍ଚରେ ନିର୍ବାଚନ ଫଳାଫଳରେ ଜାଲିଆତି, ମେସିନାରୀ ଏବଂ ଦୁର୍ନୀତି କରି ନିର୍ବାଚନ ଜିତିବାର ସୂତ୍ର କହିଛନ୍ତି। ସତ କେତେ ଦିନ ପର୍ଯ୍ୟନ୍ତ ଲୁଚାଇବେ। ୪୧ ହଜାର କୋଟି ଟଙ୍କା ବାଣ୍ଟି, ବେଇମାନୀ, ଜାଲିଆତି କରି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବଳରେ କେବେ ଯାଏଁ ନିର୍ବାଚନ ଜିତିବେ। ମୁଖା ନିଶ୍ଚିତ ଖୋଲିଯିବ। ସେହିପରି କଂଗ୍ରେସ ପକ୍ଷରୁ କୁହାଯାଇଛି, କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ମାନ୍‌ଝୀଙ୍କ ଭୋଟ ଚୋରିର ସ୍ୱୀକାରୋକ୍ତି ଶୁଣନ୍ତୁ। ୨୦୨୫ରେ ଯୋଗାଯୋଗ ନ ହେବାରୁ ପ୍ରାର୍ଥୀ ଘରକୁ ପଳାଇଲେ। ଆଉ ଯୋଗାଯୋଗରେ ନିର୍ବାଚନରେ ଫଳାଫଳ ବଦଳି ଗଲେ ଭୋଟର ମୂଲ୍ୟ କ'ଣ ରହିବ? ତେବେ ଏହି ମାମଲାକୁ ନେଇ ମାନ୍‌ଝୀଙ୍କୁ ବିଜେପି ସୁରକ୍ଷା ଦେଉଛି। ମନ୍ତ୍ରୀ ଦିଲ୍ଲୀପ ଜୟସ୍ୱାଲ କହିଛନ୍ତି ଯେ ଗୋଟିଏ ହେଲେ ବି ଭୋଟରେ ଜାଲିଆତି ହୋଇନି। ଭଲ ଭାବେ ଗଣତି ହେବାରୁ ପ୍ରାର୍ଥୀ ଜିତି ଯାଇଥିଲେ।

### ନବୀନଙ୍କୁ ଭେଟିଲେ ହିଞ୍ଜିଳିର ବିଜେଡି ନେତା ଓ କର୍ମୀ

# ବିକାଶ କାମରେ ସରକାରଙ୍କ ବୈମାତୃକ ମନୋଭାବ



ଭୁବନେଶ୍ୱର,୧୯ ।୧୨(ସମିସ): ଗତକାଲି ଶେରଗଡ଼ ବ୍ଲକର ବିଜେଡି କର୍ମୀ ଓ ନେତାମାନେ ସେମାନଙ୍କ ବିଧାୟକ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ସରକାରୀ ଉଦାସୀନତା ବରୋଧରେ ଅଭିଯୋଗ ଆଣିଥିଲେ। ଶୁକ୍ରବାର ହିଞ୍ଜିଳି ମ୍ୟୁନିସିପାଲଟିର ବିଜେଡି ନେତା ଓ କର୍ମୀମାନେ ନବୀନ ନିବାସରେ ନବୀନଙ୍କୁ ଭେଟି ସମାନ ଅଭିଯୋଗ କରିଛନ୍ତି। ସରକାରୀ ଅବହେଳା ଯୋଗୁଁ ହିଞ୍ଜିଳି ମ୍ୟୁନିସିପାଲଟି ଅଞ୍ଚଳରେ ବିକାଶ କାମ ସ୍ଥାଣୁ ହୋଇ ଯାଇଥିବା ଓ ଆଇନ ଶୃଙ୍ଖଳା ଅଧୋଗତି ନେଇ ବିଜେଡି ନେତା ଓ କର୍ମୀମାନେ ନବୀନଙ୍କୁ ଅବଗତ କରାଇଛନ୍ତି।

ହିଞ୍ଜିଳି ଉପଖଣ୍ଡ ଡାକ୍ତରଖାନାରେ ଉନ୍ନତ ଭିତ୍ତିଭୂମି ଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଡାକ୍ତର ଓ ଷ୍ଟାଫ ଅଭାବ ଦେଖା ଦେଇଛି। ଫଳରେ ସେଠାରେ ଲୋକମାନେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଉନାହାନ୍ତି। ମ୍ୟୁନିସିପାଲିଟିରେ କର୍ମଚାରୀ ଅଭାବ ଓ ଅନ୍ୟାନ୍ୟ ସମସ୍ୟା ପ୍ରତି ସରକାର ସମ୍ପୂର୍ଣ୍ଣ ଉଦାସୀନ ରହିଛନ୍ତି। ଯୋଗ୍ୟ ବ୍ୟକ୍ତିଙ୍କ ରାସନ କାର୍ଡ ଓ ଭତ୍ତା ମନମୁଖୀ ଭାବରେ କାଟି ଦିଆଯାଉଛି। ଅଭିଯୁକ୍ତ ନିର୍ଭୟରେ ବୁଲୁଥିବା ବେଳେ ଅଭିଯୋଗ କରୁଥିବା ଲୋକ ନାମରେ କେସ୍ କରାଯାଉଛି। ଦଳୀୟ ମନୋଭାବ ନେଇ ପୁଲିସ ପ୍ରଶାସନର କାମ ଯୋଗୁଁ ସାଧାରଣ ଲୋକ ଥାନାକୁ ଯିବାକୁ ଭୟ କରୁଛନ୍ତି। ଏଭଳି ଅନେକ ଅଭିଯୋଗ ସମ୍ପର୍କରେ ବିଜେଡି ନେତା କର୍ମୀ ମାନେ ନବୀନ ପଟ୍ଟନାୟକଙ୍କୁ ଅବଗତ କରିବା ସହ ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି। ଶ୍ରୀ ପଟ୍ଟନାୟକ ଏ ସବୁ ଅଭିଯୋଗ ବିଷୟରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ ଏବଂ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ବିକାଶ ଓ ଲୋକଙ୍କ ଅଭାବ ଅସୁବିଧା ଦୂର କରିବା ଦିଗରେ କାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଆଲୋଚନା ସମୟରେ ବିରୋଧୀ ଦଳ ନେତାଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସମେତ ହିଞ୍ଜିଳି ମ୍ୟୁନିସିପାଲିଟିର ଅଧ୍ୟକ୍ଷ ସୁବାସ ପଲେଇ, ରୋଗୀକଲ୍ୟାଣ ସମିତି ସଭାପତି ନୀଳମଣି ପଟ୍ଟନାୟକ, ହୃଦାନନ୍ଦ ମହାପାତ୍ର, ମନୋଜ ପଲେଇ, ଶୋଭା ମହାରଣା ଉପସ୍ଥିତ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ମହାରଣା ବିରୋଧୀ ଦଳ ନେତାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଥିଲେ।

### ହାଇଦରାବାଦରେ ଓଡ଼ିଶା ନିବେଶକ ସମ୍ମିଳନୀ

# ଓଡ଼ିଶା ହେବ ଭାରତର ଅଭିବୃଦ୍ଧି ଇଞ୍ଜିନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯ ।୧୨(ସମିସ): ଓଡ଼ିଶା ଭାରତର ଅଭିବୃଦ୍ଧି ଇଞ୍ଜିନ ହେବାକୁ ଯାଉଛି। ଦୀର୍ଘକାଳୀନ ଭାଗୀଦାରି ପାଇଁ 'ଓଡ଼ିଶା ନିବେଶକ ସମ୍ମିଳନୀ' ଏକ ବୃହତ୍ ମଞ୍ଚ ହୋଇଛି। ଏହା ରାଜ୍ୟରେ ପୁଞ୍ଜିନିବେଶର ଉଦ୍ଦେଶ୍ୟକୁ ବାସ୍ତବରେ ପରିଣତ କରିବ। ହାଇଦରାବାଦରେ ଆୟୋଜିତ ଓଡ଼ିଶା ନିବେଶକ

**ଶିଳ୍ପ ସଂସ୍ଥାରୁ ଯୋଗଦେଲେ ୫୦୦ରୁ ଅଧିକ ପ୍ରତିନିଧି**

**୬୭୦୦୦ କୋଟି ନିବେଶ, ୫୬୦୦୦ ନିଯୁକ୍ତି ସୁଯୋଗ**



ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଶିଳ୍ପପତିମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ସ୍ଥିର ନୀତି, ପ୍ରତିଯୋଗିତାମୂଳକ ବ୍ୟବସ୍ଥା ଏବଂ ପ୍ରଶାସନିକ ସହଯୋଗିତା ଜରିଆରେ ଓଡ଼ିଶା ନିଜକୁ ଭବିଷ୍ୟତ ପାଇଁ ଏକ ବଡ଼ ନିବେଶ ଲକ୍ଷ୍ୟସ୍ଥଳ ଭାବେ ପ୍ରତିଷ୍ଠିତ କରୁଛି। ଉଦ୍ୟୋଗ ଜଗତର ଅଗ୍ରଣୀ ସଂସ୍ଥାମାନଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ ଓ ଓଡ଼ିଶାର ବିବିଧ ଶିଳ୍ପ ଉପଯୋଗୀ ପରିବେଶକୁ ପ୍ରଦର୍ଶିତ କରିବା ସହ ନିବେଶ କ୍ଷେତ୍ରରେ ନିଷ୍ପତ୍ତିକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ନିବେଶକ ସମ୍ମିଳନୀର ଆୟୋଜନ କରାଯାଇଛି। ରାଜ୍ୟର ବ୍ୟାପକ ଉପକୂଳ, ବନ୍ଦର ଭିତ୍ତିକ ବିକାଶ, ଶିଳ୍ପ କରିଡର୍‌ର ସମ୍ପ୍ରସାରଣ ଏବଂ ବହୁମୁଖୀ ସଂଯୋଗ, ଘରୋଇ ଏବଂ ବିଶ୍ୱ ବଜାର ପାଇଁ ଓଡ଼ିଶାକୁ ଏକ ପ୍ରାକୃତିକ ପ୍ରବେଶ ଦ୍ୱାର ଭାବେ ଅବସ୍ଥାପିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଓଡ଼ିଶା ନିବେଶକ ସମ୍ମିଳନୀରେ ଶିଳ୍ପ ଜଗତର ଅଗ୍ରଣୀ, ବ୍ୟବସାୟିକ ସଂସ୍ଥା ଏବଂ ଅଗ୍ରଣୀ କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୧୩ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏଥିରେ ମୋଟ ୨୭,୬୫୦ କୋଟି ଟଙ୍କାର ନିବେଶ ସମ୍ଭାବନା ରହିଛି ଏବଂ ୧୫,୯୦୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସରକାର କହିଛନ୍ତି। ଏହାବ୍ୟତୀତ ୩୯,୧୩୧କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଅଭିଳାଷ (ଇଟେଣ୍ଟ) ଗ୍ରହଣ କରାଯାଇଛି। ଯେଉଁଥିରେ ୪୦,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।

କାର୍ଯ୍ୟକ୍ରମରେ ଫାର୍ମାସ୍ୟୁଟିକାଲ୍ସ, ଚିକିତ୍ସା ଉପକରଣ, ସବୁଜ ଶକ୍ତି ଉପକରଣ, ବୟନଶିଳ୍ପ ଏବଂ ବୈଷୟିକ ବୟନଶିଳ୍ପ, ଇଲେକ୍ଟ୍ରୋନିକ୍ସ, ଆଇଟି ଏବଂ ଡାଟା ସେଣ୍ଟର, ଉନ୍ନତ ଉତ୍ପାଦନ ଏବଂ ଆନୁସଙ୍ଗିକ ଶିଳ୍ପ ସମେତ ପ୍ରମୁଖ କ୍ଷେତ୍ରରୁ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ।

# ନୂଆ ବର୍ଷ ଯାଏଁ କମିବନି ଶୀତ

ଭୁବନେଶ୍ୱର,୧୯ ।୧୨(ସମିସ): ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତର ପ୍ରଭାବ ଲାଗି ରହିଛି। ଏହି ସ୍ଥିତି ଅତି କମ୍‌ରେ ନୂଆ ବର୍ଷ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିବ। ମଝିରେ ମଝିରେ କିଛି ସ୍ଥାନରେ ୧ରୁ୨ ଡିଗ୍ରୀ ତାପମାତ୍ରା କମ୍ ବେଶୀ ହେଲେ ମଧ୍ୟ ଶୀତର ପ୍ରଭାବ ଜାରି ରହିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ସେମିଳିଗୁଡ଼ାଠାରେ ତାପମାତ୍ରା ୪.୫ ଡିଗ୍ରୀକୁ ଖସିଛି। ଏହା ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଥିବା ବେଳେ ଦାରିଙ୍ଗବାଡ଼ିରେ ତାପମାତ୍ରା ୭ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଝାରସୁଗୁଡ଼ାରେ ୮.୨, ଅନୁଗୁଳ ଓ ନବରଙ୍ଗପୁରରେ ୯ ଡିଗ୍ରୀ ସହ ରାଉରକେଲାରେ ତାପମାତ୍ରା ୯.୬ ଡିଗ୍ରୀ ରେକର୍ଡ ହୋଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟରେ ଚାଲୁ ରହିଥିବା ଥଣ୍ଡା ଅତି କମ୍‌ରେ ନୂଆ ବର୍ଷ ପର୍ଯ୍ୟନ୍ତ ଜାରି ରହିବ। ଡିସେମ୍ବର ୩୧ ରାତିରେ ଭୁବନେଶ୍ୱର ତାପମାତ୍ରା ୧୨-୧୩ ଡିଗ୍ରୀ ରହିବାର ସମ୍ଭାବନା ରହିଛି। ତେବେ ଡିସେମ୍ବର ୨୫ ବା ବଡ଼ ଦିନରେ ତାପମାତ୍ରା ପ୍ରାୟ ୧୫ ଡିଗ୍ରୀ ରହିପାରେ। ସାରା ରାଜ୍ୟରେ ବର୍ତ୍ତମାନ ସର୍ବନିମ୍ନ ତାପମାତ୍ରା ଉଣା ଅଧିକେ ଚାଲୁ ରହିବ। ମଝିରେ ମଝିରେ ୧-୨ ଡିଗ୍ରୀ ବଢ଼ିବ ବା କମିବ। ଶିଶିରପାତ ଜାରି ରହିବ। ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଝି ମଝିରେ ପତଳା କୁହୁଡ଼ି ହୋଇପାରେ। କିନ୍ତୁ ଘନ କୁହୁଡ଼ି ହେବାର ସମ୍ଭାବନା କମ୍ ରହିଛି। ଏହାସହିତ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ପାଣିପାଗ କେନ୍ଦ୍ର କହିଛି, ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁରରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାସହ କଳାହାଣ୍ଡି, କନ୍ଧମାଳ, କୋରାପୁଟରେ ମଧ୍ୟ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

### ବିଧାୟକଙ୍କ ବର୍ଦ୍ଧିତ ଦରମା ପ୍ରସଙ୍ଗ

# ପୁନଃବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଜେଡିର ଅନୁରୋଧ

ଭୁବନେଶ୍ୱର,୧୯ ।୧୨(ସମିସ): ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ପୂର୍ବରୁ ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ବୋଲି କହିଥିଲେ। ଏହି ଅର୍ଥକୁ ଗରିବ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ନବୀନ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଜେଡି ପକ୍ଷରୁ ଏହି ବର୍ଦ୍ଧିତ ଦରମା ପ୍ରସଙ୍ଗରେ ପୁନଃର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ବିଧାୟକ ତଥା ବିରୋଧୀ ଦଳର ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ଏହି ସୂଚନା ଦେଇଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକ ମାନଙ୍କ ପେନସନ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇ ଏହା ଡିସେମ୍ବର ୯ ତାରିଖରେ ସର୍ବସମ୍ମତି କ୍ରମେ ପାସ ହୋଇଥିଲା। ଏହି ବର୍ଦ୍ଧିତ ଦରମା ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ଓ ଏହାକୁ ଗରିବ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୂର୍ବରୁ ଚିଠି ଲେଖି ଜଣାଇଛନ୍ତି। ଏହି ବର୍ଦ୍ଧିତ ଦରମାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟାକୁ ସମ୍ମାନ ଜଣାଇ, ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ତରଫରୁ ଏହାକୁ ପୁନଃର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରୁଛୁ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି। ସେହିପରି ପ୍ରତାପ ଦେବ କହିଛନ୍ତି ଯେ ଜନସାଧାରଣଙ୍କ ମଧ୍ୟରେ ଦେଖା ଯାଇଥିବା ପ୍ରତିକ୍ରିୟାକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏହାର ପୁନଃର୍ବିଚାର କରିବେ ଓ ଉପଯୁକ୍ତ ନିଷ୍ପତ୍ତି ନେବେ ବୋଲି ଆମେ ଆଶା କରୁଛୁ।



**ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ବୋଲି କହିଥିଲେ ନବୀନ**

**ନବୀନଙ୍କ ନିର୍ଦ୍ଦେଶକ୍ରମେ ପୁନଃବିଚାର ପାଇଁ ଦଳର ନିବେଦନ**

## ସରକାରଙ୍କୁ ଭକ୍ତଙ୍କ କଟାକ୍ଷ

ଭୁବନେଶ୍ୱର,୧୯ ।୧୨(ସମିସ): ବିଜେପି ସରକାରରେ ବିଧାୟକଙ୍କ ଦରମା ବୃଦ୍ଧି ଓ ଏବେ ପୁନର୍ବିଚାର ପ୍ରସଙ୍ଗକୁ କଟାକ୍ଷ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ସେ କହିଛନ୍ତି ଯେ ବିଜେପି ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ଦରମା ବୃଦ୍ଧି ନିଷ୍ପତ୍ତିର ପୁନର୍ବିଚାର ହେବ ବୋଲି କୁହାଯାଉଛି। ତେବେ ହାଇକମାଣ୍ଡ ଦରମା ବଢ଼ାଇବା ପାଇଁ ପୂର୍ବରୁ କାହିଁକି ଅନୁମତି ଦେଉଥିଲେ? ଓଡ଼ିଶା ସରକାରଙ୍କର କ'ଣ ସାହସ ଅଛି ଯେ, ସେମାନେ ବିନା ଅନୁମତିରେ ଦରମା ବଢ଼ାଇଦେବେ? ଦରମା ବଢ଼ାଇବା ପାଇଁ ବିଧାୟକମାନେ ତ ଆନ୍ଦୋଳନ କରୁ ନ ଥିଲେ। ଯଦି ବଢ଼ିଲା ତେବେ ଏତେ କାହିଁକି ବଢ଼ିଲା ? ଏ ସବୁ କେବଳ ରାଜନୈତିକ ପ୍ରହସନ। ନିଜେ ଦରମା ବଢ଼େଇ ନିଜେ ଭଲଲୋକିଆ ଦେଖେଇ ହେଉଛନ୍ତି। ଏହା କେବଳ ଜନସାଧାରଣଙ୍କୁ ଧୂଆଁବାଣ ଦେଖାଯାଉଛି। ଆବଶ୍ୟକତା ଅନୁଯାୟୀ ଦରମା ବଢ଼ାଯାଇପାରିବ। ହେଲେ ଏତେ ବେଶୀ ବା ୩ ଗୁଣା ଦରମା ବଢ଼ାଇଲେ ଜନସାଧାରଣ ଗ୍ରହଣ କରିବେ ନାହିଁ। ବର୍ତ୍ତମାନ ଛୋଟ କର୍ମଚାରୀଙ୍କୁ ଦରମା ମିଳି ପାରୁ ନାହିଁ। ସରକାର ନୂଆ ଚାକିରୀ ସୃଷ୍ଟି କରିପାରୁ ନାହାନ୍ତି। ପେନସନ ଦେଇ ପାରିବେ ନାହିଁ। ଏପରି ସ୍ଥଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବଳି ପକାଇ ଦିଆଯାଉଛି ବୋଲି ଭକ୍ତ କହିଛନ୍ତି।

# ୨୦୩୬ ସୁଦ୍ଧା ପ୍ରତି ବ୍ଲକ୍‌ରେ ୨ଟି ଉଚ୍ଚ ଶିକ୍ଷାନୁଷ୍ଠାନ

### ବିକଶିତ ଓଡ଼ିଶା ଗଠନରେ ଶୈକ୍ଷିକ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ: ଉଚ୍ଚଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର,୧୯ ।୧୨(ସମିସ): ୨୦୩୬ ସୁଦ୍ଧା ବିଶ୍ୱର ଶ୍ରେଷ୍ଠ ୫ଶହ ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାର ୨ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇବ। ପ୍ରତି ବ୍ଲକ୍‌ରେ ୨ଟି ଉଚ୍ଚ ଶିକ୍ଷାନୁଷ୍ଠାନ ସହ ପ୍ରତି ଜିଲ୍ଲାରେ ଗୋଟିଏ ବୈଷୟିକ ଗବେଷଣାଭିତ୍ତିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ସେହିପରି ସ୍ନାତକ ଉତ୍ତୀର୍ଣ୍ଣ ପିଲାଙ୍କ ପାଇଁ ଅଧିକ ନିଯୁକ୍ତି ଏବଂ ସାମଗ୍ରିକ ଶିକ୍ଷା ଅନୁପାତକୁ ୨୦୩୬ ସୁଦ୍ଧା ୫୦% ଓ ୨୦୪୭ ସୁଦ୍ଧା ୬୦% କରିବା ସହ ଶିକ୍ଷାନୁଷ୍ଠାନରେ ଲିଙ୍ଗଗତ ସମାନତା ଓ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ଅନ୍ତର୍ଭୁକ୍ତୀକରଣ କରାଯିବ। ଏହି ୪ଟି ପ୍ରମୁଖ ମାନଦଣ୍ଡକୁ ପୂରଣ କରି ବିକଶିତ ଓଡ଼ିଶା ଓ ବିକଶିତ ଭାରତରେ ଉଚ୍ଚଶିକ୍ଷା ବିଭାଗ ନିଜର ଯୋଗଦାନ ରଖିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ବିକଶିତ ଓଡ଼ିଶା ଓ ବିକଶିତ ଭାରତ ପାଇଁ ଭିଜନ୍ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ ପ୍ରସ୍ତୁତ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ କୁଳପତି, ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନେଇ ଶୁକ୍ରବାର ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକଶିତ ଓଡ଼ିଶା ଗଠନରେ ଶୈକ୍ଷିକ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ସଚିବ ଅରବିନ୍ଦ ଅଗ୍ରୱାଲ ଉଚ୍ଚଶିକ୍ଷାର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଛନ୍ତି। ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଶାସନ ସଚିବ ଧୀରେନ୍ଦ୍ରନାଥ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଦ୍ୟାଳୟରେ ଅଘଟଣ

# ସୂଚନା ଫଳକ ପଡ଼ି ଛାତ୍ର ମୃତ

ରାଇରଙ୍ଗପୁର/ବହଳଦା, ୧୯।୧୨(ସମିସ): ତିରିଂ ଥାନା ଅନ୍ତର୍ଗତ ବଡ଼ଭୁଣ୍ଡ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅଘଟଣ ଘଟିଛି। ସୂଚନାଫଳକ ପଡ଼ି ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ରଜଣଙ୍କ ତିରିଂ ଥାନା ଅନ୍ତର୍ଗତ ବଡ଼ଭୁଣ୍ଡ ଗ୍ରାମର ଶିବଚରଣ ଲୋହାରଙ୍କ ପୁଅ ଅଭୟ ଲୋହାର(୭)। ୨/୩ ବର୍ଷ ତଳେ ବିଦ୍ୟାଳୟ ପରିସରରେ ଏକ ଶୌଚାଳୟ ନିର୍ମାଣ ହୋଇଥିଲା। ଉକ୍ତ କାର୍ଯ୍ୟର ସୂଚନାଫଳକ ଶୌଚାଳୟ କଡ଼ରେ ଲାଗିଥିଲା। ଶୁକ୍ରବାର ଅପରାହ୍ନରେ ଖେଳଛୁଟିରେ ଅଭୟ



ସେଠାରେ ଖେଳୁଥିବା ବେଳେ ଫଳକଟି ଭାଙ୍ଗି ତାଙ୍କ ଉପରେ ପଡ଼ିଯାଇଥିଲା। ଏଥିରେ ଅଭୟଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ସଙ୍ଗେସଙ୍ଗେ ତିରିଂ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହସ୍ପିଟାଲରେ ମୃତକଙ୍କ ପରିବାରଲୋକେ, ସ୍ଥାନୀୟ ଜନପ୍ରତିନିଧି, ପୁଲିସ, ବିଇଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏଭଳି ଅଘଟଣ ପାଇଁ ହସ୍ପିଟାଲ ପରିସରରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। ପରିବାର ଲୋକେ ତିରିଂ ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଇଥିଲା।

### ରିଲ୍‌ସ ନିଶାରେ ବାୟା ଶିକ୍ଷୟିତ୍ରୀ

# ସ୍କୁଲରେ ପାଠପଢ଼ା ଅଳପ, ରିଲ୍ସ ବେଶି

ଭୁବନେଶ୍ୱର, ୧୯ ।୧୨(ସମିସ): ଶିକ୍ଷୟିତ୍ରୀଙ୍କୁ ଘାରିଛି ରିଲ୍‌ସ ନିଶା। ବିଦ୍ୟାଳୟରେ ଭିଡିଓ କରୁଛନ୍ତି; ସୋସିଆଲ୍ ମିଡିଆରେ ଛାଡ଼ୁଛନ୍ତି। ଏପରିକି ଛାତ୍ରଛାତ୍ରୀଙ୍କୁ ଭିଡିଓରେ ବ୍ୟବହାର କରିବାକୁ ପଛାଉ ନାହାନ୍ତି। ପାଠପଢ଼ା ସମୟରେ ମଧ୍ୟ ରିଲ୍‌ସ ନିଶା ଉତୁରୁନାହିଁ। ଗୋଟିଏପଟେ ପାଠପଢ଼ା ଚାଲୁଛି; ଅନ୍ୟପଟେ ଶିକ୍ଷୟତ୍ରୀଙ୍କ ମୋବାଇଲ୍ ଧରି ଛାତ୍ରଛାତ୍ରୀମାନେ ଭିଡିଓ କରୁଛନ୍ତି। ଏହାକୁ ଏଡିଟିଂ କରିବା ପରେ ଶିକ୍ଷୟିତ୍ରୀମାନେ ସାମାଜିକ ଗଣମାଧ୍ୟମରେ ଛାଡ଼ୁଛନ୍ତି।

ସମୟ ସହ ଶିକ୍ଷାଦାନ ଶୈଳୀରେ ପରିବର୍ତ୍ତନ ହୋଇଛି। ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଶିକ୍ଷାଦାନ କରିବାକୁ ଗୁରୁତ୍ୱାରୋପ କରାଯାଉଛି। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ସମୟରେ ଏନେଇ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ମାତ୍ର ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ପିଲାଙ୍କୁ ପାଠ ପଢ଼ାଇବାରେ ସେମାନେ ଯେତେ ମନୋନିବେଶ କରୁ ନାହାନ୍ତି, ତାଠାରୁ ରିଲ୍‌ସ କରିବାକୁ ଅଧିକ ତତ୍ପର ରହୁଛନ୍ତି।

ଶିକ୍ଷକଙ୍କଠାରୁ ଏହି କ୍ଷେତ୍ରରେ ଶିକ୍ଷୟିତ୍ରୀମାନେ ବହୁ ଆଗରେ। ଇନ୍‌ଷ୍ଟାଗ୍ରାମ୍ ଖୋଲିବା ମାତ୍ରେ ଶ୍ରେଣୀଗୃହରେ ଶିକ୍ଷୟତ୍ରୀମାନେ ପିଲାଙ୍କ ସହ ଭିଡିଓ କରୁଥିବାର ଅନେକ ଭିଡିଓ ଆସୁଛି। ଶିକ୍ଷୟିତ୍ରୀ ସ୍ମାର୍ଟ ବୋର୍ଡରେ ପଢ଼ାଇବା ବେଳର ଭିଡିଓ ଆସୁଥିବାରୁ ସେହି ସମୟରେ କୌଣସି ପିଲା ଏହାକୁ ମୋବାଇଲ୍‌ରେ ରେକର୍ଡିଂ କରୁଥିବା ଏକପ୍ରକାର ସ୍ପଷ୍ଟ ଜଣାପଡ଼ୁଛି। ସେହିପରି ଅନେକ ଶିକ୍ଷୟିତ୍ରୀ ଗୀତ ଗାଇଲା ବେଳେ ପିଲାମାନେ ବାଦ୍ୟ ବଜାଉଛନ୍ତି। ଆଉ କିଛି ସୀମା ସରହଦ ଅତିକ୍ରମ କରି ଦ୍ୱିଅର୍ଥବୋଧକ ଗୀତ ବା କଣ୍ଟେଣ୍ଟରେ ଭିଡିଓ ପ୍ରସ୍ତୁତ କରୁଛନ୍ତି।

ଅନେକ ସମୟରେ ଏହାକୁ ନେଇ ବିବାଦ ମଧ୍ୟ ଦେଖାଦେଉଛି। ବହୁ ଅଭିଭାବକ ଶିକ୍ଷୟିତ୍ରୀଙ୍କୁ ତାଗିଦ କରୁଛନ୍ତି। ସେମାନଙ୍କ ପିଲାଙ୍କୁ ପାଠ ନ ପଢ଼ାଇଲେ ନାହିଁ, ବିପଥଗାମୀ ନ କରିବାକୁ ରୋକଠୋକ୍ କହୁଛନ୍ତି। ଅପରପକ୍ଷେ ଘରୋଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତୁଳନାରେ ସରକାରୀ ବିଦ୍ୟାଳୟ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟ ପରିସରରେ ବା ଶ୍ରେଣୀଗୃହରେ ଅଧିକ ମାତ୍ରାରେ ରିଲ୍‌ସ କରୁଥିବା ମଧ୍ୟ ଦେଖାଦେଉଛି।

ନିକଟରେ ଭଦ୍ରକ ଜିଲ୍ଲାରେ ଜଣେ ଶିକ୍ଷୟିତ୍ରୀଙ୍କ ଏତାଦୃଶ ରିଲ୍ସ ପାଇଁ ବିବାଦ ହୋଇଥିଲା। ଅଭିଭାବକମାନେ ଶିକ୍ଷୟିତ୍ରୀଙ୍କୁ ଘେରିବା ସହ ତାଙ୍କ ବଦଳି ଦାବିରେ ବିଦ୍ୟାଳୟ ବନ୍ଦ କରିଥିଲେ। ପରେ ତାଙ୍କୁ ବଦଳି କରାଯାଇଥିଲା। ମାତ୍ର ସେଠାରେ ମଧ୍ୟ ଅଭିଭାବକମାନେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବିରୋଧ କରିବା ସହ ବିଦ୍ୟାଳୟରେ ଯୋଗଦେବାକୁ ବିରୋଧ କରିଥିଲେ। କ୍ରମାଗତ ଭାବେ ବିଦ୍ୟାଳୟରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ରିଲ୍‌ସ ସଂଖ୍ୟା ଆଶାତୀତ ଭାବେ ବଢୁଥିବା ବେଳେ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଅଭିଭାବକଙ୍କ ମତରେ ପିଲାମାନଙ୍କ ସାଂସ୍କୃତିକ ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ ଏସବୁ କିଛି ମାତ୍ରାରେ ସହାୟକ ହୋଇପାରେ। ମାତ୍ର ଶିକ୍ଷୟିତ୍ରୀମାନେ ପିଲାଙ୍କୁ ବ୍ୟବହାର କରି ଭିଡିଓ କରିବା, ପିଲାଙ୍କ ସହ ରିଲ୍‌ସ କରିବା, ପିଲାଙ୍କ ଅଜ୍ଞତାକୁ ବା କୌତୂହଳପୂର୍ଣ୍ଣ ଉତ୍ତରକୁ ସାମାଜିକ ଗଣମାଧ୍ୟମରେ ଛାଡ଼ିବା ପରି ଏକାଧିକ କାର୍ଯ୍ୟକଳାପ କରୁଛନ୍ତି। ଯାହା ଛାତ୍ରଛାତ୍ରୀଙ୍କୁ ମାନସିକ ଭାବେ ଚାପଗ୍ରସ୍ତ କରୁଛି। ଏଣୁ ଏପରି କରୁଥିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ସେହିପରି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଧ୍ୟ ଏହାକୁ ଦୃଷ୍ଟିରେ ରଖି ଏକ କଠୋର୍ ମାର୍ଗଦର୍ଶିକା ପ୍ରଣୟନ କରିବା ଆବଶ୍ୟକ ରହିଥିବା ବହୁ ଅଭିଭାବକ ମତବ୍ୟକ୍ତ କରିଛନ୍ତି।

# ହାତୀ ପାଇଁ ଦୁଇ ପଞ୍ଚାୟତର ୧୦ ସ୍କୁଲରେ ତାଲା

ଖଇରା, ୧୯ ।୧୨(ସମିସ): ହାତୀ ପାଇଁ ଦୁଇ ପଞ୍ଚାୟତର ୧୦ ସ୍କୁଲ ବନ୍ଦ। ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ମହତୀପୁର ଓ ସୁଣ୍ଡିରା ପଞ୍ଚାୟତରେ ଏକ ଦନ୍ତା ହାତୀର ଉପଦ୍ରବ ପାଇଁ ପ୍ରଶାସନ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଉକ୍ତ ଦନ୍ତାଟି ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ କଚାଡ଼ି ମାରିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଏତେ ସବୁ ପରେ ବି ବନ ବିଭାଗ ହାତୀଟିକୁ ଜଙ୍ଗଲକୁ ଘଉଡ଼ାଇ ପାରିନାହିଁ। ଫଳରେ ହାତୀଟି ଅଧିକରୁ ଅଧିକ ହିଂସ୍ର ହୋଇଉଠିବା ସହ ବ୍ୟାପକ କ୍ଷୟକ୍ଷତି କରିଚାଲିଛି। ଏହାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଯୁବକ ହେଲେ, ସୁଣ୍ଡିରା ଗ୍ରାମର ସୁରେନ୍ଦ୍ର ଦାସ (୬୫)। ସେହି ଗ୍ରାମର ପୀତାମ୍ବର ମୁଖି ଏବଂ ପୂର୍ବପଡ଼ା ଗ୍ରାମର ଦିଲୀପ କୁମାର ଖଟୁଆ ଆହତ ହୋଇଛନ୍ତି। ପୀତାମ୍ବରଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ତହସିଲଦାର ଅମିତ ରଞ୍ଜନ ହୋତାଙ୍କ ଉପସ୍ଥିତିରେ ବନ ବିଭାଗ ତରଫରୁ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରାଯାଇଛି।

ସୂଚନାନୁଯାୟୀ, ଗୁରୁବାର ସନ୍ଧ୍ୟାରେ ୨ଟି ହାତୀ ଖାଦ୍ୟ ଅନ୍ୱେଷଣରେ ଶାରିଶୁଆ ପାହାଡ଼ ସଂଲଗ୍ନ ବଗେଇପୁର ଜଙ୍ଗଲ ଦେଇ ପ୍ରବେଶ କରିଥିଲେ। ଗୋଟିଏ ହାତୀ ଫେରିଯାଇଥିବା ବେଳେ ଅନ୍ୟଟି କଳମଚୁଆରେ ପ୍ରବେଶ କରି ତାଣ୍ଡବ ରଚିଥିଲା। ଗ୍ରାମବାସୀ ତାକୁ ସେଠାରୁ ଘଉଡ଼ାଇ ଦେବାରୁ ହାତୀଟି ପଟ୍ଟାଗଡିଆ, କାଳିଆଗଡିଆ, ଶାଳଗଡିଆ କୁପାରୀରୁ କେନାଲ ରାସ୍ତା ଦେଇ ଖଇରାରେ ପ୍ରବେଶ କରିଥିଲା। ଆଜି ସକାଳେ ହାତୀଟି ନଟାପଡା, ଶାଳବଣି, ବଟେଶ୍ୱର ଦେଇ କଣ୍ଠାପଡ଼ା ଶାସନରେ ପହଞ୍ଚିଥିଲା। ସୋର-କୁପାରୀ ରାସ୍ତାରେ ପ୍ରବଳ ଜନଗହଳି ଯୋଗୁଁ ହାତୀଟି ଲୋକଙ୍କ ଉପରେ ପାଲଟା ଆକ୍ରମଣ କରିଥିଲା। ସୁଣ୍ଡିରା ଗ୍ରାମରେ ପାଟିତୁଣ୍ଡ ଶୁଣି ହାତୀ ଦେଖିବାକୁ ଆସୁଥିବା ବେଳେ ପଞ୍ଚାୟ କାର୍ଯ୍ୟାଳୟ ସମ୍ମୁଖରେ ହାତୀଟି ସୁରେନ୍ଦ୍ର ଦାସଙ୍କୁ କଂକ୍ରିଟ ରାସ୍ତା ଉପରେ କଚାଡ଼ି ଦେଇଥିଲା। ଅନ୍ୟ ୨ଜଣଙ୍କୁ ଆହତ କରିଥିଲା। ଗୁରୁତର ଅବସ୍ଥାରେ ସୁରେନ୍ଦ୍ରଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ହାତୀର ଗତିବିଧିକୁ ଲକ୍ଷ୍ୟକରି ମହତୀପୁର ଓ ସୁଣ୍ଡିରା ପଞ୍ଚାୟତର ସମସ୍ତ ୧୦ଟି ବିଦ୍ୟାଳୟକୁ ବନ୍ଦ ଘୋଷଣା କରାଯାଇଥିଲା। ସୁଣ୍ଡିରାରେ ଉପଦ୍ରବ କରିବା ପରେ ହାତୀଟି ନୂଆସାହି, ଅଣ୍ଡାଇଲୋ ଗ୍ରାମ ଦେଇ ନନ୍ଦୁର ପଞ୍ଚାୟତର ଆମ୍ବବନ୍ଧ ବଣ ଭିତରେ ପଶି ଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ସେଠାରୁ ବାହାରି ନଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବନ ବିଭାଗ ହାତୀ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛି।

ସେପଟେ ଏଭଳି ଅଘଟଣ ପାଇଁ ଗ୍ରାମବାସୀ ବନବିଭାଗର ଅବହେଳା ଓ ଅପାରଗତାକୁ ଦାୟୀ କରିଛନ୍ତି। ଗ୍ରାମବାସୀମାନେ କୁପାରି ଫରେଷ୍ଟର୍ ନରେଶ ସିଂଙ୍କୁ ନିଲମ୍ବନ କରିବାକୁ ଦାବି କରିଛନ୍ତି। ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ ମଲ୍ଲିକ, ସୋର ରେଞ୍ଜର ହରିହର ମାଝୀ ଏବଂ ଜଳେଶ୍ୱର ଫରେଷ୍ଟର ପ୍ରହଲ୍ଲାଦ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ ଖଇରା ପୁଲିସ ସହଯୋଗରେ ଗଠିତ ଟିମ୍ ହାତୀକୁ କୁଲଡିହା ଅଭୟାରଣ୍ୟକୁ ଫେରାଇବାକୁ ଉଦ୍ୟମ ଜାରି ରଖିଛି।



**ଜଣଙ୍କୁ କଚାଡ଼ି ମାରିଲା ଦନ୍ତା; ୨ ଆହତ**

**ବନ ବିଭାଗର ସବୁ ଚେଷ୍ଟା ବିଫଳ**

**ଜଙ୍ଗଲକୁ ଫେରୁନି ହାତୀ**

## ଷଣ୍ଢ ଆକ୍ରମଣରେ ବୃଦ୍ଧ ଗୁରୁତର

**ବାରିକପୁର, ୧୯।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଗହଣିଆ ପଞ୍ଚାୟତ ରାଜ୍ଡୋଠାରେ ଷଣ୍ଢ ଆକ୍ରମଣ ଯୋଗୁଁ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ପ୍ରାପ୍ତ ସୂଚନା ମୁତାବକ ଗତ ଗୁରୁବାର ଅପରାହ୍ନରେ ଗ୍ରାମର କପିଳ ଧଳ ଚାଷ ଜମିରୁ ଫେରୁଥିବା ବେଳେ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଚାଷୀ ଜଣଙ୍କୁ ପରିବାର ବର୍ଗ ଯାଜପୁର ମେଡିକାଲ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ତାଙ୍କର ତାହାଣ ଗୋଡ଼ ଏବଂ ଜଙ୍ଘରେ ଆଘାତ ଲାଗିଛି।

## ୨ ବାଲି ବୋଝେଇ ହାଇୱା ଜବତ

**ବନ୍ତ/ଆଗରପଡ଼ା, ୧୯।୧୨(ସମିସ):** ବୈତରଣୀ ନଦୀ ଘାଟରୁ ବାଲି ବୋଝେଇ କରି ୨ଟି ହାଇୱା ଆଗରପଡ଼ା ରାସ୍ତାରେ ଦ୍ରୁତ ଗତିରେ ଯାଉଥିଲା। ଏଥିରେ ସନ୍ଦେହ ହେବାରୁ ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନା ହାଇୱା ୨ଟି ଅଟକାଇ ଯାଞ୍ଚ କରିଥିଲେ। ମାତ୍ର ଆବଶ୍ୟକୀୟ କାଗଜପତ୍ର ନ ଥିବାରୁ ଥାନା କେସ୍ ନଂ ୩୩୩/୨୫ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ୨ଟି ହାଇୱା ନଂ ଓଡି-୦୮-ଏଜେଡ-୮୦୭୨ ଓ ଓଡି୩୫-୨୪୭୯କୁ ପୋଲିସ୍ ଜବତ୍ କରିଥିବାର ଜଣାପଡ଼ିଛି।

## ପାଟୁଳିରେ ଜନଶୁଣାଣି ଶିବିର



**ଭଣ୍ଡାରିପୋଖରୀ, ୧୯।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ପାଟୁଳି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଗ୍ରଗତିରେ ଅନ୍ତରାୟ ସୃଷ୍ଟି କରିଥିବା ବିଭିନ୍ନ ସମସ୍ୟା ବିଶେଷ କରି ଜମିଜମା ସମସ୍ୟାର ଜନଶୁଣାଣି ଶୁକ୍ରବାର ବିଡିଓ ଦେବଦତ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତହସିଲଦାର ଗୋକୁଳିନ ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ମଙ୍ଗଳ ଅଧିକାରୀ ସୁଜନ ଦତ୍ତ, ସରପଞ୍ଚ ପ୍ରତିନିଧି ନିଳାମ୍ବର ରାଉତ, ସମିତି ସଭ୍ୟ ଗୁରୁପ୍ରସାଦ ଗିରି, ପର୍ଶୁରାମ ପରିଡ଼ା, ମଧୁସୂଦନ ଦତ୍ତ, ଅଭୟ ବେହେରା ପ୍ରମୁଖ ଯୋଗଦେଇ ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଗ୍ରଗତିରେ ବାଧକ ସାଜିଥିବା ବିଭିନ୍ନ କାରଣ ଓ ତାହାର ନିରାକରଣ ସମ୍ପର୍କରେ ହିତାଧିକାରୀଙ୍କ ମତାମତ ଗ୍ରହଣ କରିଥିଲେ। ମାତ୍ର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଜନଶୁଣାଣି ସଫଳ ହୋଇ ପାରିନଥିଲା।

## ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମଶାଲ ଶୋଭାଯାତ୍ରା



**ଭଦ୍ରକ, ୧୯।୧୨(ସମିସ):** ନ୍ୟାସନାଲ ହେରାଲ୍ଡ଼ ମିଛ ମାମଲାରେ କଂଗ୍ରେସର ନୈତିକ ବିଜୟ ଘଟିଥିବାବେଳେ ମିଛ ମାମଲାକୁ ବିରୋଧ କରି ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପାର୍ଟି କାର୍ଯ୍ୟାଳୟରୁ ଏକ ମଶାଲ ଶୋଭାଯାତ୍ରା ବାହାରିଥିଲା। ଏଥିସହ ସହର ମଧ୍ୟରେ ଥିବା ରାଜଘାଟ ଛକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ପିସିସି ଅନୁସୂଚିତ ଜାତି ବିଭାଗ ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ବରିଷ୍ଠ ନେତା ଅବଦୁଲ ମୋଜିଦ ଖାଁ, ପାଟବାସ ଧଳ, ରାଜ୍ୟ ସାଧାରଣ ସମ୍ପାଦକ ହରିହର ମଲ୍ଲିକ, ରାଜ୍ୟ ସମ୍ପାଦକ ରଞ୍ଜନ ଜେନା, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, ଯୁବନେତା ବଳରାମ ରାଉତ, ଇଲିଆସ ଖାଁ, ଲାଲୁ ଖାଁ, ହସିନା ଖାତୁନ, ଦୀନବନ୍ଧୁ ଦାସ, ହାଡ଼ିବନ୍ଧୁ ବିଶାଳ, ସେକ୍ ନୁବାରକ, ଶତ୍ରୁନାଥ ପତି, ମାୟାଧର ରାଉଳ, ଟନି ଅଲି ପ୍ରମୁଖ ବହୁ ନେତା ଓ କର୍ମୀ ମାନେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ହାଏ ହାଏ, ଗୃହ ମନ୍ତ୍ରୀ ହାଏ ହାଏ, ବିଜେପି ସରକାର ଡାଉନ ଡାଉନ ସ୍ଲୋଗାନ ଦେଇ ରାଜଘାଟ ଛକ ଠାରେ ପହଞ୍ଚି ନାରାବାଜି ସହ କୁଶପୁତ୍ତଳିକା ଦାହ କରିଥିଲେ।

## 'ସମଗ୍ର ମାନବୀୟ ବିକାଶରେ କ୍ରୀଡ଼ା ସଂଯୋଗ ସେତୁ'

**ଆସୁରାଲି, ୧୯।୧୨(ସମିସ):** ସମଗ୍ର ମାନବୀୟ ବିକାଶରେ କ୍ରୀଡ଼ା ସଂଯୋଗ ସେତୁ ଭଳି କାର୍ଯ୍ୟ କରିଥାଏ। ଶାରୀରିକ ବିକାଶରେ କ୍ରୀଡ଼ା ମୁଖ୍ୟ ଭୂମିକା ଗ୍ରହଣ କରେ ଏବଂ ଉତ୍ତମ କ୍ରୀଡ଼ା ନୈପୁଣ୍ୟତା ଗୋଟିଏ ଜାତିର ପରିଚୟ ସୃଷ୍ଟି କରିଥାଏ ବୋଲି ଗୋପବନ୍ଧୁ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ମଦନ ମୋହନ ସାମନ୍ତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କନ୍ଦର୍ପ ସାମଲ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପଦ୍ମନାଭ ନାୟକ, ସମ୍ମାନିତ ଅତିଥିଭାବେ ପଙ୍କଟୀ ଶିଶା ସାଧନ ସଂଯୋଜକ ଅଭୟ ମଲ୍ଲିକ, ପ୍ରଧାନ ଶିକ୍ଷକ ବିକ୍ରମ ପଣ୍ଡା ଏବଂ ଶିକ୍ଷାବିତ ବ୍ରହ୍ମାନନ୍ଦ ନାୟକ ଧ୍ୟଜ୍ଞା ପ୍ରେରଣୁଭୂକିଅନ ସଭାପତି ସନ୍ତୋଷ ଦାସ ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷକ ସଞ୍ଜୟ ଜେଣ୍ଡି ଅତିଥି ପରିଚୟ ପ୍ରଦାନ କରିଥାବେବେଳେ ଶିକ୍ଷୟିତ୍ରୀ ଚିନୁ୍ମୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶୁଭସ୍ମିତା ଦାସ, ମନୋରମା ମଲ୍ଲିକ, ରୂପାଲି ରାଉତରାୟ, ଅଲିବ୍ରିଷା ପଣ୍ଡା, ସୁଷମା କୁମାରୀ ନାୟକ ଏବଂ ପଦ୍ମାବତୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।



# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ବାରମ୍ବାର ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ**

**ବନ୍ତ/ଆଗରପଡ଼ା, ୧୯।୧୨(ସମିସ)**

ବନ୍ତ ବ୍ଲକ ଆଗରପଡ଼ା ବିଦ୍ୟୁତ୍ ବିଭାଗ ଅଧୀନ କାଦବରାଙ୍ଗ ଗ୍ରାମପଞ୍ଚାୟତର ବନ୍ତଳା ଗ୍ରାମର ଅଙ୍ଗନବାଡ଼ି, ଖେଳପଡ଼ିଆ ଓ ଶିବ ମନ୍ଦିର ନିକଟରେ ବିପଦସଂକୁଳ ଏବଂ ଅସୁରକ୍ଷିତ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଛି। ମଣିଷ ଏବଂ ଗାଈଗୋରୁଙ୍କ ସମେତ କୁନିକୁନି ପିଲାଙ୍କ ପାଇଁ ଏହା ବିପଦ ସାଜିଛି। ତେଣୁ ଉକ୍ତ ଟ୍ରାନ୍ସଫର୍ମରର ସୁରକ୍ଷା ପାଇଁ ଏହାର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରିବାକୁ ବନ୍ତଳାବାସୀଙ୍କ ପକ୍ଷରୁ ଦାବି ହେଉଥିବାବେଳେ ଏ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ।

ଏହି ସମସ୍ୟା ସମ୍ପର୍କରେ ଗତ ୨୩ ତାରିଖରେ 'ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର' ଶୀର୍ଷକରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶକୁ ଇତିମଧ୍ୟରେ ମାସେ ବିତିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସେହିପରି ବନ୍ତ ବ୍ଲକ ମଙ୍ଗୁଲିସ୍ଥିତ ବ୍ରାହ୍ମଣସାହିରେ ଥିବା ୬୩ କେଭି ବିଦ୍ୟୁତ ସବ୍‌ଷ୍ଟେସନଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ବହୁ ବର୍ଷ ପୂର୍ବେ ଏକ ସିମେଣ୍ଟ ଖୁଣ୍ଟରେ ତିଆରି ହୋଇଥିଲା। ବର୍ଷା, ପବନରେ ଷ୍ଟ୍ରକଚରଟି ଦୋହଲୁଥିବାରୁ ଜନଜୀବନ ପ୍ରତି ବିପଦ ରହୁଛି। ଏହାର ଏୟାର ବ୍ରେକ ସୁଇଚ ଠିକ ଭାବେ କାର୍ଯ୍ୟ କରୁନାହିଁ। ବହୁ ସମୟରେ ଉପଭୋକ୍ତା ବିଜୁଳି ପାଇବାରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ଏହି ସବ୍‌ଷ୍ଟେସନଟି ଢଳି ରହିଥିବାରୁ କର୍ମଚାରୀଙ୍କ ସହ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ପୁରୁଣା ସିମେଣ୍ଟ ଖୁଣ୍ଟକୁ ପରିବର୍ତ୍ତନ କରି ଲୁହା ଖୁଣ୍ଟ ବସାଇବା ସହ ଏବି ସୁଇଚ୍ ମରାମତି କରିବା ଲାଗି ଗ୍ରାମର ନାରାୟଣ ଦାସ, ସୁଶାନ୍ତ କୁମାର ପତି, ପ୍ରଶାନ୍ତ ପତି, ଚନ୍ଦନ ପତି, ଆନନ୍ଦ କର, ବିନୋଦ କର, ବିଙ୍ଗ ପତି, ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ସମେତ ବହୁ ଉପଭୋକ୍ତା ବାଲେଶ୍ୱର ଟିପିଏନ୍‌ଓଡିଏଲ୍ ପରିଚାଳନା ନିର୍ଦ୍ଦେଶକ, ଭଦ୍ରକ ଅଧୀକ୍ଷଣ ଯନ୍ତ୍ରୀ ଓ ବନ୍ତ ସହକାରୀ କାର୍ଯ୍ୟ ନିର୍ବାହୀ ପରିଚାଳକଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଇତି ମଧ୍ୟରେ ୧ମାସରୁ ଅଧିକ ସମୟ ବିତି ଯିବା ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।



## ଘର ଉପରେ ଚଢ଼ିଗଲା ଟ୍ରାକ୍ଟର, ମହିଳା ଗୁରୁତର

**ଭଦ୍ରକ, ୧୯।୧୨(ସମିସ):** ଘର ଉପରେ ଟ୍ରାକ୍ଟର ମାଡ଼ିଯିବା ଯୋଗୁଁ ଜଣେ ମହିଳା ଗୁରୁତର ହୋଇଛନ୍ତି। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସି ଅନ୍ତର୍ଗତ ବାଲିଗାଁ ୧୧ ନମ୍ବର ୱାର୍ଡରେ। ଗ୍ରାମର ବାସନ୍ତୀ ଦାସଙ୍କ ଘର ଉପରକୁ ଟ୍ରାକ୍ଟର ମାଡ଼ି ଯାଇ ଥିଲା। ସେ ଗୁରୁବାର ଘର ଲିପୁଥିବା ବେଳେ ଟ୍ରାକ୍ଟରଟି ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇ ଚାଳ ଘର ଉପରେ ମାଡ଼ି ଯାଇଥିଲା। କିଛି ସମୟ ଖୋଜାଖୋଜି ପରେ ଚାଳଘର କୁଟା ମଧ୍ୟରୁ ବାସନ୍ତୀଙ୍କୁ ଉଦ୍ଧାର କରାଯାଇ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ବାସନ୍ତୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଟ୍ରାକ୍ଟରକୁ ପୁଲିସ ଜବତ କରିଥିବା ଜଣାପଡ଼ିଛି।

# ଜିଲ୍ଲାସ୍ତରୀୟ ପରିବେଶ ପ୍ରଦର୍ଶନରେ ଦେବଯାନୀ ପ୍ରଥମ



**ଭଦ୍ରକ, ୧୯।୧୨(ସମିସ):** ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ଥିବା ସିଇଏସ୍ ବିଭାଗ ପକ୍ଷରୁ ବିଦ୍ୟାଳୟସ୍ତରରେ ଥିବା ଇକୋ କ୍ଲବଗୁଡ଼ିକର ପରିବେଶ ସୁରକ୍ଷା ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ବିବେକାନନ୍ଦ ଉଚ୍ଚ ବିଦ୍ୟାପୀଠ କଇଥକୋଲାର ଛାତ୍ରୀ ଦେବଯାନୀ ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟକୁ ମନୋନୀତ ହୋଇଛନ୍ତି। ଭଦ୍ରକ ଜିଲ୍ଲାସ୍କୁଲ ପରିସରରେ ଆୟୋଜିତ ଉତ୍ସବରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଉଦ୍‌ଘାଟନ କରିଥିଲେ। ପରେ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ରାଜ୍ୟ ପରିବେଶ ସଚେତନତା ବିଭାଗର ରାଜ୍ୟ ନୋଡାଲ ଅଫିସର ପ୍ରଭାତ ମୋହନ ଦାଶ ଯୋଗଦେଇ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଓଡ଼ିଶାର ଛାତ୍ରଛାତ୍ରୀ କିପରି ଆଜି ଭାରତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିପାରିଛନ୍ତି ସେ ସମ୍ପର୍କରେ କହିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ତୃପ୍ତିମୟୀ ପାତ୍ର, ଜିଲ୍ଲା ବିଜ୍ଞାନ ସଂଯୋଜିକା ହିମାଦ୍ରୀ ନନ୍ଦିନୀ ବିଶାଳ, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଜିଲ୍ଲା ସ୍କୁଲ ପ୍ରଧାନ ଶିକ୍ଷକ ପାନାମଣି ବେସରା ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅପରାହ୍ଣରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସିଆର୍‌ଏସ୍ ହାଇସ୍କୁଲର ଛାତ୍ର ସ୍ଥିତପ୍ରଜ୍ଞ ସାହୁଙ୍କ ସମେତ ଆଜିର ପ୍ରତିଯୋଗିତାରେ ଭାଗନେଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଦେବଯାନୀ ମହାପାତ୍ର କଇଥଖୋଲା ହାଇସ୍କୁଲ ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ବନ୍ଧଗାଁ ନୋଡାଲ ହାଇସ୍କୁଲର ହରପ୍ରିୟା ରାଉତ ଓ ତୃତୀୟ ଲଲାଜୀ ହାଇସ୍କୁଲ ସାହାଡ଼ାର ତୁଳସୀ ନାୟକ ପୁରସ୍କୃତ ହୋଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମକୁ ଜିଲ୍ଲାର ପ୍ରଧାନ ଶିକ୍ଷକ ଅକ୍ଷୟ ହୋତା, ସମରେନ୍ଦ୍ର ନାଥ ମିଶ୍ର ଭୀମସେନ ପରିଡ଼ା, ଉମେଶ ଚନ୍ଦ୍ର ମାଝୀ, ବିଜୟ କୁମାର ମିଶ୍ର, ନରେନ୍ଦ୍ର ସାହୁ, ଜିତେନ୍ଦ୍ର ନାୟକ, ଅଜୟ କୁମାର ନନ୍ଦ, ଚାରୁଲତା ମହାପାତ୍ର, ଶିକ୍ଷକ ଅକ୍ଷୟ ସେଠୀ, ମିଲି ପରିଡ଼ା, ସୁବାସିନୀ ମିଶ୍ରଙ୍କ ସମେତ ବିଭିନ୍ନ ବ୍ଲକର ବିଜ୍ଞାନ ସଂଯୋଜକ ଶଶୀଶେଖର କରଶର୍ମା, ରବୀନ୍ଦ୍ର ମହାରଣା, ଅମୂଲ୍ୟ ରାଉତ, ବୈକୁଣ୍ଠ ବିଶାଳ, ରଶ୍ମୀରେଖା ସୂତାର ପ୍ରମୁଖ ଆୟୋଜନରେ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ଲିପି ରେଖା ବେହେରା ସଞ୍ଚାଳନରେ ସହଯୋଗ କରିଥିଲେ।

# ଶୁକଦେବଜେନା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



**ଭଣ୍ଡାରିପୋଖରୀ, ୧୯।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ଶୁକଦେବଜେନା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଭଗବାନ ପ୍ରଧାନଙ୍କ ପୌରୋହିତ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅନିଲ କୁମାର ଦାଶ ମୁଖ୍ୟଅତିଥି, କବି ଓ ସାହିତ୍ୟିକ ମମିତାରାଣୀ ମିଶ୍ର ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ, ମଣିନାଥପୁର ଏନ.କେ.ପି. ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ସମୀର କୁମାର ଚୌଧୁରୀ, ବିଦ୍ୟାଳୟ ପୁରାତନଛାତ୍ର ସଂସଦ ସଭାପତି ସଞ୍ଜିବ କୁମାର ପରିଡ଼ା ଓ ସମାଜସେବୀ ରବୀନ୍ଦ୍ର କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଶିକ୍ଷାଦାନ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଶିକ୍ଷା ଆବଶ୍ୟକତା ପୂରଣରେ ସହାୟକ ହୋଇଛି ବୋଲି ମତ ପ୍ରକାଶ କରିଥିଲେ। ଏହ ଅବସରରେ ବିଦ୍ୟାଳୟର ଶୈକ୍ଷିକ, ସହଶୈକ୍ଷିକ ଓ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଗତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଥିବା ସ୍ଥାନୀୟ ଅଞ୍ଚଳର ରୂପେଶ କୁମାର ରାଉତ ଓ କୁମାର ଅଭିଷେକ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ବନମାଳି ସିଂ ଅତିଥି ପରିଚୟ, ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ନାୟକ ଶ୍ଳୋକ ଆବୃତ୍ତି ଓ ଶିକ୍ଷକ ଓମପ୍ରକାଶ ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଉତ୍ସବ ପରିଚାଳନା କରିଥିଲେ।

# ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

## ଆଗରପଡ଼ା ବାଳିକା ହାଇସ୍କୁଲ



**ବନ୍ତ/ଆଗରପଡ଼ା, ୧୯।୧୨(ସମିସ):** ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧିନସ୍ଥ ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ସରପଞ୍ଚ ପ୍ରକାଶ ବିଶ୍ୱାଳ, ସିଆରସିସି ନିରଞ୍ଜନ ଖିଲାର, ଏସଏମସି ସଭାପତି ବର୍ଷାରାଣୀ ମଲ୍ଲିକ, ଉପସଭାପତି ଦୋଳଗୋବିନ୍ଦ ନାଥ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଅଜିତ ରାଉଳ ସ୍ୱାଗତ ଭାଷଣ ଓ ଶିକ୍ଷକ ବିରେନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଶିକ୍ଷୟିତ୍ରୀ ବିଦ୍ୟୁତଲତା ଦାସଙ୍କ ତତ୍ତ୍ୱାବଧାନରେ ବ୍ୟାଡ଼ମିଣ୍ଟନ, ଦୌଡ଼, ଗଣିତ ଦୌଡ଼, ସଟପୁଟ, ଡିସକସ ଥ୍ରୋ, ବସ୍ତା ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ ଆଦି ପ୍ରତିଯୋଗିତାରେ ଛାତ୍ରୀମାନେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ।

## ତେଲନଟି ବିଦ୍ୟାଳୟ



ଚାରିଗାଁ ଗ୍ରାମ ପଞ୍ଚାୟତ ତେଲନଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରିଗାଁ ପଞ୍ଚାୟତର ସମିତି ସଭ୍ୟ ଧରଣୀଧର କର ଅତିଥି ଭାବେ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଚାରିଗାଁ ଗ୍ରାମ ପଂଚାୟତର ସମିତି ସଭ୍ୟ ଧରଣୀଧର କର ଯୋଗଦେଇ ପିଲାମାନଙ୍କର ଶାରୀରିକ ଓ ମାନସିକ ବିକାଶରେ କ୍ରୀଡାର ଭୂମିକା ରହିଥିବା ପ୍ରକାଶ କରିବା ସହିତ ପ୍ରତ୍ୟେକ ଶିଶୁ ଭିତରେ ଥିବା ପ୍ରତିଭାର ବିକାଶ ନିମିତ୍ତ ସୁଯୋଗ ସୃଷ୍ଟି କରିବା ଆବଶ୍ୟକତା ରହିଥିବା ଏବଂ କ୍ରୀଡ଼ା ଉତ୍ସବ ସେଥି ମଧ୍ୟରୁ ଗୋଟିଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ଶୁଭଲକ୍ଷ୍ମୀ ନାୟକ, ସଭ୍ୟା ଅନସୂୟା ସେଠୀ, ରାଣୀଲତା ଦଳାଇ ସହକାରୀ ଶିକ୍ଷକ ଭଗବାନ ସାହୁ, କିଶୋର କୁମାର ମାହାନ୍ତି, ମୃତ୍ୟୁଞ୍ଜୟ ଭୋଳ, ତପନ କୁମାର ବିଶ୍ୱାସ, ଶିକ୍ଷୟିତ୍ରୀ କନକଲତା ନାୟକ, ମୋନାଲିସା ଯେନା, ଅନ୍ନପୂର୍ଣ୍ଣା ଦାସ, କ୍ରୀଡ଼ା ଶିକ୍ଷକ ସୌମ୍ୟ ରଞ୍ଜନ ତ୍ରିପାଠୀ, ୱାର୍ଡ ସଭ୍ୟ ଶଙ୍କର୍ଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ଉଚ୍ଚବିଦ୍ୟାଳୟ



ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗୁଡ଼ିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷୟିତ୍ରୀ ବିକଶି ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କ୍ରୀଡ଼ାରେ ସଟ୍‌ପୁଟ୍, ଡିସକସ୍ ଥ୍ରୋ, ଲମ୍ବଡିଆଁ, ଉଚ୍ଚଡିଆଁ, ଗଣିତ ଦୌଡ଼ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ କ୍ରୀଡ଼ା ପତାକା ଅନାବରଣ କରି ଉଦ୍‌ଯାପନ ଘୋଷଣା କରିଥିଲେ। ଶିକ୍ଷୟିତ୍ରୀ ଲିଜା ଦାସ, ଦୀପିକା ସାହୁ, ସସ୍ମିତା ସାମନ୍ତ, ଶିକ୍ଷକ ପ୍ରଶାନ୍ତ ଖିଲାର ଓ ଦେବେନ୍ଦ୍ରନାଥ ପାଣି କ୍ରୀଡ଼ା ଉତ୍ଠସବ ପରିଚାଳନା କରିଥିଲେ।

# ମତୋ ଦେଶ ମେଳଣ ପାଇଁ ପ୍ରସ୍ତୁତି ବୈଠକ

**ଭଦ୍ରକ, ୧୯।୧୨(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ମତୋ ଦେଶ ମେଳଣ ୨୦୨୬ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ସନ୍ଧ୍ୟାରେ ମତୋ ଗ୍ରାମପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମେଳଣ କମିଟି ସଭ୍ୟ, ସେବାୟତ, ସ୍ଥାନୀୟ ଲୋକ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ୧୮୦୩ ମସିହାରେ କନିକା ରାଜା ଏହି ମେଳଣ ଆରମ୍ଭ କରିଥିବା ବେଳେ ଦୋଳ ପୂର୍ଣ୍ଣମୀ ପୂର୍ବଦିନ ରାତିରେ ଚାନ୍ଦବାଲି ବ୍ଲକର ବିଭିନ୍ନ ଗ୍ରାମରୁ ପ୍ରାୟ ୧୫୦ଟି ବିମାନରେ ଦେବତାଙ୍କୁ ମେଳଣ ପଡ଼ିଆକୁ ଶୋଭାଯାତ୍ରାରେ ଅଣାଯାଏ। ଆଗାମୀ ଦୋଳ ପୂର୍ଣ୍ଣମୀ ଦିନ କେତୁଗ୍ରସ୍ତ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ମେଳଣ ପଡ଼ିଆକୁ ଆସୁଥିବା ଦେବତାଙ୍କ ନୀତିକାନ୍ତିରେ କେତେକ ପରିବର୍ତ୍ତନ କରାଯିବା କଥା ସର୍ବ ସମ୍ମତିକ୍ରମେ ଗୃହୀତ ହୋଇଛି। ମାର୍ଚ୍ଚ ୨ ତାରିଖ ସୋମବାର ରାତ୍ର ୨ଟା ୩୦ ମିନିଟ୍ ମଧ୍ୟରେ ସମସ୍ତ ଦେବତାଙ୍କ ବିମାନ ମେଳଣ ପଡ଼ିଆରେ ପ୍ରବେଶ କରିବେ। ଏ ନେଇ ମେଳଣକୁ ଆସୁଥିବା ଠାକୁରଙ୍କ ପାଇଁ ସମୟ ନିର୍ଘଣ୍ଟ ହୋଇଛି। ବଳଭଦ୍ରପୁର ଶାସନର ଦେବତା ଗୋପୀନାଥଜିଉ ସୋମବାର ରାତ୍ର ୧୧ ଘଟିକା, ପରମାନନ୍ଦପୁରର ଦେବତାତ୍ରୟ ରାଧାମୋହନଜିଉ, ନୃସିଂହ ଜୀଉ ଓ ଗୋପାଳଜିଉ ରାତ୍ର ୧୧ଟା ୩୦ ମିନିଟ୍, ବଷାଖଣ୍ଡର ନିତାଇ ଚୈତନ୍ୟ ରାତ୍ର ୧୧ଟା ୪୫ ମିନିଟ୍, ମାଳବାଡର ଚୈତନ୍ୟ ମହାପ୍ରଭୁ ରାତ୍ର ୧୨ଟା, ମୃଗନୟନୀର ଗୋପାଳଜିଉ ରାତ୍ର ୧୨ଟା, ପାଟଣାସାହିର ରାଧାକୃଷ୍ଣ ଜୀଉ ରାତ୍ର ୧୨ଟା ୩୦ ମିନିଟ୍, ଗୌଡ଼ୁଣୀପୋଖରୀର ଦେବତା ରାତ୍ର ୧୨ଟା ୪୫ ମିନିଟ୍, ମତୋ ଦକ୍ଷିଣସାହିର ଗୋପାଳ ଜୀଉ (ଥାନପତି) ରାତ୍ର ୧ଘଟିକା, ବଣିଆସାହିର ଜଟିଆ ଠାକୁର ରାତ୍ର ୨ଟା ୩୦ ମିନିଟ୍ ସମୟରେ ନିଜର ପାରମ୍ପରିକ ଶୋଭାଯାତ୍ରାରେ ମେଳଣ ପଡ଼ିଆରେ ପ୍ରବେଶ କରିବେ। ଚନ୍ଦ୍ର ଗ୍ରହଣର ପାକ ଓ ଦେବନୀତି ନିଷିଦ୍ଧ ପାଇଁ ମେଳଣ ପଡ଼ିଆରେ ଦେବତାଙ୍କୁ ଅବିର ଓ ନୈବେଦ୍ୟ ଅର୍ପଣ ମଙ୍ଗଳବାର ରାତ୍ର ୭ଟା ପର୍ଯ୍ୟନ୍ତ ବନ୍ଦ ରହିବ। ରାତ୍ର ୮ଟିକା ସମୟରେ ଭୋଗଲାଗି ହେବ। ନୂତନ କାର୍ଯ୍ୟନିର୍ଘଣ୍ଟକୁ ସେବାୟତମାନେ ମାନିବା ସହିତ ମେଳଣ କମିଟିକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।



ଏହି ବୈଠକରେ ଉମାକାନ୍ତ ସାମଲ, ମୁରଲୀଧର ମହାନ୍ତି, ଭକ୍ତହରି ରଥ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଚିତରଞ୍ଜନ ସାହୁ, ରଞ୍ଜନ ନାୟକ, ପ୍ରଦୀପ ପଲାଇ, ଅଭୟ ସାହୁ, ବୈଷ୍ଣବ ସାହୁ, ସୁଦର୍ଶନ ନାୟକ, ବାନାମ୍ବର ନାୟକ, ପୟୋଧର ସ୍ୱାଇଁ, ସୁରେନ୍ଦ୍ର ମହାପାତ୍ର, ଶଶିକାନ୍ତ ମିଶ୍ର, ପ୍ରଣବ ବଳ, ଭାଗୀରଥି ନାୟକ, ଗୋଲକ ସାହୁ, ମୁକ୍ତିକାନ୍ତ ସେଠୀ, ଯଦୁମଣି ନାୟକ, ଉଦ୍ଧବ ଚରଣ ପଣ୍ଡା, ରଞ୍ଜନ ସାମଲ, ବାବାଜୀ ବାରିକ, ରମେଶ ନାୟକ, ସୁବାସ ତ୍ରିପାଠୀ, କୁମୁଦ ସେନାପତି, ଭୀମସେନ ସାହୁ, ହରିହର ରଥ, ବୁଦ୍ଧିରାମ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

**ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ**
**ODISHA ELECTRICITY REGULATORY COMMISSION**
Together, Let us light up our lives
ବିଦ୍ୟୁତ ନିୟାମକ ଭବନ, ପ୍ଲଟ୍ ନଂ.: ୪, ଚୁନୁକୋଳି, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ଟେଲିଫୋନ ନଂ.: ୨୭୨୧୦୪୮
Email: oerc@odisha.gov.in / orierc@gmail.com, Website: www.orierc.org

**ସର୍ବସାଧାରଣ ବିଜ୍ଞପ୍ତି**
କେସ୍ ନଂ.: ୧୨୬/୨୦୨୫

**ବିଷୟ: ଏଚ୍‌ଟି/ଇଏଚ୍‌ଟି ଉପଭୋକ୍ତାମାନଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଓପନ ଆକ୍ସେସ (Open Access) ଶୁଳ୍କ ଏବଂ ସରଚାର୍ଜର ଅନୁମୋଦନ ପାଇଁ ଟିପିଏନଓଡିଏଲ୍‌ର ଏକ ଆବେଦନ।**

ମେସର୍ସ ଟିପି ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (TPNODL), ବିଦ୍ୟୁତ ଅଧିନିୟମ, ୨୦୦୩ ର ଧାରା ୪୨ ଏବଂ ଓଇଆରସି (ଅନ୍ତଃ-ରାଜ୍ୟ ଓପନ ଆକ୍ସେସର ସର୍ତ୍ତାବଳୀ) ବିନିୟମାବଳୀ, ୨୦୨୦ ଅନୁଯାୟୀ ରାଜ୍ୟ ଭିତରେ ସାଧାରଣ ବିତରଣ ବ୍ୟବସ୍ଥା ବ୍ୟବହାର କରୁଥିବା HT ଏବଂ EHT ଓପନ ଆକ୍ସେସ ଉପଭୋକ୍ତାମାନଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଓପନ ଆକ୍ସେସ ଶୁଳ୍କର ଅନୁମୋଦନ ପାଇଁ ଏକ ଆବେଦନ ଦାଖଲ କରିଛି।

ଉପରୋକ୍ତ ଆବେଦନର ନକଲ କମିଶନଙ୍କ ୱେବସାଇଟ୍ (www.orierc.org) କିମ୍ବା ଲାଇସେନ୍ସପ୍ରାପ୍ତ ସଂସ୍ଥାର ୱେବସାଇଟ୍ (www.tpnodl.com) ରୁ ଡାଉନଲୋଡ୍ କରାଯାଇପାରିବ କିମ୍ବା କମିଶନଙ୍କ କାର୍ଯ୍ୟାଳୟରୁ ୧୦୦ ଟଙ୍କା (ଏକ ଶହ ଟଙ୍କା) ମୂଲ୍ୟ ଦେଇ ଫଟୋକପି ପ୍ରାପ୍ତ କରାଯାଇପାରିବ। କମିଶନ ଏହି ବିଷୟକୁ କେସ୍ ନମ୍ବର ୧୨୪/୨୦୨୫ ରେ ଆବେଦନକାରୀଙ୍କ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ARR ଏବଂ RST ଆବେଦନ ସହିତ ଏକ ସାର୍ବଜନୀନ ଶୁଣାଣି ମାଧ୍ୟମରେ ସମାଧାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶୁଣାଣିର ତାରିଖ ଏବଂ ସ୍ଥାନ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ।

ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନ/ସଂଗଠନ ସେମାନଙ୍କର ମତାମତ/ପରାମର୍ଶ/ଆପତ୍ତି ସତ୍ୟପାଠ ସହ ୧୬.୦୧.୨୦୨୬ ସୁଦ୍ଧା କମିଶନଙ୍କ ନିକଟରେ ଦାଖଲ କରିପାରିବେ ଏବଂ ଏହାର ଏକ ନକଲ ଆବେଦନକାରୀ ଟିପିଏନଓଡିଏଲ୍ କୁ ପ୍ରଦାନ କରିବେ। ଟିପିଏନଓଡିଏଲ୍ ଏହି ଆପତ୍ତି/ପରାମର୍ଶର ଜବାବ ତା.୨୭.୦୧.୨୦୨୬ରିଖ ସୁଦ୍ଧା ସମ୍ପୃକ୍ତ ବ୍ୟକ୍ତି/ସଂସ୍ଥାଙ୍କୁ ଏକ ନକଲ ପ୍ରଦାନ ସହ ଦାଖଲ କରିବ।

ତା.୧୭.୧୨.୨୦୨୫

କମିଶନଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା/- ସଚିବ

# ଦୋକାନ ସାମ୍ନାରେ ପାର୍କିଂ ଯୋଗୁଁ ରାସ୍ତା ଜାମ୍

ଧର୍ମଶାଳା,୧୯।୧୨(ସମିସ):

ଧର୍ମଶାଳା ବ୍ଲକ ଜାରକା ବଜାରରେ ବେଆଇନ ପାର୍କିଂ ଏବେ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଦୋକାନ ସାମ୍ନା ରାସ୍ତା ଉପରେ ଯିଏ ଯେଉଁଠି ପାଇଲା କାର ଓ ବାଇକ ରଖିଲା। ସେହିପରି ଦୋକାନୀ ମଧ ଅଧା ରାସ୍ତା ଉପରେ ନିଜର ଡିସ୍‌ପ୍ଲେ ବୋର୍ଡ ହେଉ ବା ଅନ୍ୟାନ୍ୟ ବ୍ୟବସାୟ ସାମଗ୍ରୀ ସଜାଇ ରଖିଛନ୍ତି। ଯାହାଫଳରେ ରାସ୍ତା ଅବରୋଧ ଯୋଗୁ ଧୀରେ ଧୀରେ ମୁଖ୍ୟ ରାସ୍ତା ଗୁଡ଼ିକ ସଙ୍କୁଚିତ ହେବା ଯୋଗୁ ଯାତାୟାତରେ ସମସ୍ୟା ଦେଖାଦେଇଛି। ଏପରି କି ରାସ୍ତା ଉପରେ ବ୍ୟବସାୟୀଙ୍କ ଡିସ୍‌ପ୍ଲେ ବୋର୍ଡ ଷ୍ଟାଣ୍ଡ ବହୁ ସମୟରେ ଦୁର୍ଘଟଣାର କାରଣ ପାଲଟିଛି। ଏଭଳି ଗୁରୁତର ସମସ୍ୟା ଦେଖିବାକୁ ମିଳିଛି ଜାରକା ବଜାରର ପୁରୁଣା କୋ-ଅପରେଟିଭ ବ୍ୟାଙ୍କ ଛକରେ। ଜାରକା ଗଳି ପୋଲ ଠାରୁ ମୁଖ୍ୟ ବଜାର ଦେଇ ରାସ୍ତାଟି ଧର୍ମଶାଳା କଲେଜ ଓ ନାକପୋଲ ଛକ ଯାଏ ଯାଇଛି। ସେହିପରି ପୁରୁଣା ବ୍ୟାଙ୍କ ଛକ ଠାରୁ ଆଉ ଏକ ବାଇପାସ ରାସ୍ତା ଫ୍ଲାଏଓଭର ବ୍ରିଜକୁ ସଂଯୋଗ କରିଛି। ଏହି ରାସ୍ତାଟି ତ୍ରିନାଥ ମନ୍ଦିର, ପଞ୍ଚାୟତ ଅଫିସ୍, ଅଙ୍ଗନବାଡ଼ି କେନ୍ଦ୍ର, ଜାରକା ଇଲେକ୍ଟ୍ରି ଅଫିସ, ପଶୁ ଡାକ୍ତରଖାନା ଦେଇ ବସ୍‌ଷ୍ଟାଣ୍ଡକୁ ଯାଇଛି। କିନ୍ତୁ ଏହି ବ୍ୟାଙ୍କ ଛକରେ କୌଣସି ଡ୍ରାଇଭର୍ସନ ବ୍ୟବସ୍ଥା ନଥିବାରୁ ମନଇଚ୍ଛା ଗାଡ଼ି ଗୁଡ଼ିକ ମୁହାଁମୁହିଁ ଯୋଗୁ ବହୁ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ଛକ ନିକଟରେ ଥିବା ଦୋକାନ ଆଗରେ ବାଇକ୍ ଗୁଡ଼ିକ ରାସ୍ତା ଉପରେ ଗ୍ରାହକ ପାର୍କିଂ କରି ଯିବା ଦ୍ୱାରା କାର, ବସ୍, ଟ୍ରକ୍ ଓ ଆମ୍ବୁଲାନ୍ସ ଆଦି ଜାମରେ ପଡିଥାନ୍ତି। ବିଶେଷ କରି ଦିନ ସମୟରେ ସ୍କୁଲ ଓ କଲେଜ ପିଲା ଏହି ରାସ୍ତାରେ ସାଇକଲ ନେଇ ଯିବା ବେଳେ ଦ୍ରୁତ ଗତିରେ ଅପରପାର୍ଶ୍ୱରୁ ଆସୁଥିବା ଗାଡ଼ି ଓ ବାଇକ ଧକ୍କାର ସମ୍ମୁଖୀନ ହୋଇଥାନ୍ତି। ଏହି ଛକରେ ପୁଲିସ ପ୍ରହରା ବ୍ୟବସ୍ଥା କରାଯିବା ସହିତ ବେଆଇନ ପାର୍କିଂ ଓ ରାସ୍ତା ଅବରୋଧ କରିଥିବା ଦୋକାନୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ସାଧାରଣରେ ଦାବି ହୋଇଛି।



# ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ 'ସୌହାର୍ଦ୍ଦ୍ୟମ'




ଧର୍ମଶାଳା,୧୯।୧୨(ସମିସ): ଧର୍ମଶାଳା ବ୍ଲକ ଦେଉଳିପାଳ ସ୍ଥିତ ଧର୍ମଶାଳା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସୌହାର୍ଦ୍ଦ୍ୟମ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସୁରସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବ୍ଲକ ଉନ୍ନୟନ ଅଧିକାରୀ ଜୋତିର୍ମୟ କର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଧର୍ମଶାଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସ୍ୱରୂପ ପଣ୍ଡା ଓ ସମ୍ମାନିତ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ଅଭୟ କୁମର ବେହେରା ଯୋଗ ଦେଇଥିଲେ। ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲେ। ପରେ କୁନି କୁନି ପିଲାଙ୍କ ଦ୍ୱାରା ଓଡ଼ିଶୀ ଓ ଆଧୁନିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହିତ ବିଦ୍ୟାଳୟର ଛାତ୍ରଛାତ୍ରିମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ଶେଷରେ ଆଦର୍ଶ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଚାଲାଣ ମାମଲାରେ ଚାଳକ ଗିରଫ

ପାଣିକୋଇଲି,୧୯।୧୨(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ନୂଆପଦା ଛକ ନିକଟରେ ଏକ ଗୋରୁ ବୋଝେଇ ସଫାରୀ ଗାଡିକୁ ପୁଲିସ ଜବତ କରିବା ସହ ଚାଳକକୁ ଅଟକ ରଖି ତଦନ୍ତ ଜାରି ରଖିଥିଲା। ଏନେଇ ଏକ ମାମଲା ୩୯ ୯/୨୫ ରୁଜୁ କରିବା ସହ ଗାଡି ଚାଳକ ଭଦ୍ରକ ଥାନା ଅପର୍ତିବିନ୍ଧା ଗ୍ରାମର ଇସଲାମ ଖାନଙ୍କ ପୁଅ ଇସ୍ତାର ଖାନ (୨୫) କୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ଯାଜପୁରରୋଡ ପଟୁ ଏକ ସଫାରୀ ଗାଡିରେ ୫ଟି ଗୋରୁ ବେଆଇନ ଭାବେ ବୋଝେଇ କରି ଆସୁଥିବା ବେଳେ ବୁଧବାର ରାତି ସାଢେ ୩ଟା ବେଳେ ଗାଡିର ଚକା ଫାଟିଯାଇଥିଲା। ଏହି ସମୟରେ ଗାଡି ରଖି ଚାଳକ ଚା ପିଇବାକୁ ଯାଇଥିଲା। ସ୍ଥାନୀୟ ଦେକାନୀ ମାନଙ୍କର ଗାଡିରୁ ଗୋରୁଙ୍କ ଶବ୍ଦ ଶୁଣି ସନ୍ଦେହ ଉପୁଜିଥିଲା। ସେଠାରେ ଯାଇ ଗାଡି ପଛରେ ଗୋରୁ ଥିବା ଦେଖିବାକୁ ପାଇ ପୁଲିସକୁ ଖବର ଦେଇଥିଲେ। ଖବରପାଇ ପାଣିକୋଇଲି ପୁଲିସ ସେଠାରେ ପହଂଚି ଗାଡିରୁ ଗୋରୁ ଗୁଡିକୁ ଖଲାସ କରିବା ସହ ଗାଡି ଓ ଚାଳକୁ ଧରି ଥାନାକୁ ଆଣିଥିଲା। ଚାଳକକୁ ଅଟକ ରଖିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବିଦ୍ୟାଳୟରେ ସାଂସ୍କୃତିକ ପ୍ରତିଯୋଗିତା



ସୁକିନ୍ଦା,୧୯।୧୨(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁରସ୍ଥିତ ଭାରତୀବିହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ନନ୍ଦକିଶୋର ଖଣ୍ଡାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶରତ କୁମାର ନାୟକ, ପୂର୍ବତନ ଜିଲ୍ଲାପରିଷଦ ରମଣୀରଞ୍ଜନ ବଳସାମନ୍ତ, ଭାରତୀବିହାର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିମାନେ ପ୍ରଥମେ ଗୀତ ଓ ପରେ ନୃତ୍ୟ, ଅଭିନୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପକ ରଞ୍ଜନ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆମ୍ବେଦକର ସେବା ସମିତି ପକ୍ଷରୁ କମ୍ବଳ ବଣ୍ଟନ



ବଡ଼ଚଣା,୧୯।୧୨(ସମିସ): ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଧାଦେଇପୁର ଗ୍ରାମ ପଞ୍ଚାୟତର କଅରପୁର ଗ୍ରାମରେ ଆମ୍ବେଦକର ସେବା ସମିତି ମଞ୍ଚ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ତ୍ରିଲୋଚନ ମଲ୍ଲିକଙ୍କ ସଭାପତିତ୍ୱରେ ଉପସ୍ଥିତ ଜନଧାରଣଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ଯେନା, ପଞ୍ଚାନନ ମଲ୍ଲିକ, ସନ୍ତୋଷ ମଲ୍ଲିକ, ବଳରାମ ମଲ୍ଲିକ, ସୌମ୍ୟରଞ୍ଜନ ମଲ୍ଲିକ, ଦେବାଶିଷ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରଥିଲେ। ମଞ୍ଚ ପକ୍ଷରୁ ଗ୍ରାମରେ ଗରିବ, ଅସହାୟ ଓ ବୃଦ୍ଧବୃଦ୍ଧାଙ୍କୁ ଶୀତରୁ ରକ୍ଷା କରିବା ପାଇଁ କମ୍ବଳ ବଣ୍ଟନ କରାଯାଇଥିଲା।

# ଘରକୁ ରାସ୍ତା ଯୋଗାଇଦେବା ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର



ଯାଜପୁର,୧୯।୧୨(ସମିସ): ବ୍ୟାସନଗର ତହସିଲ ଅନ୍ତର୍ଗତ ଏନ୍‌ସି ହାଇସ୍କୁଲ ଜାଗାରେ ରହୁଥିବା ୪୦ରୁ ୫୦ ପରିବାରକୁ ବିନା ଥଇଥାନରେ ଜିଲ୍ଲା ପ୍ରଶାସନ ବିସ୍ଥାପିତ କରିଛନ୍ତି। ଫଳରେ ବିସ୍ଥାପିତ ଲୋକମାନେ ରାସ୍ତା କଡ଼ରେ ପିଲା ଛୁଆଙ୍କୁ ଧରି ଶୀତ କାକରରେ ପଡ଼ିରହିଛନ୍ତି। ସେଥିପ୍ରତି ସରକାର କୌଣସି ଦୃଷ୍ଟି ଦେଉନାହାନ୍ତି। ଉଦ୍‌ବେଗର ବିଷୟ ନିଜ ପଟ୍ଟା ଜାଗାରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ଘରକରି ରହିଥିବା ୫ଟି ପରିବାରର ଘର ଦ୍ୱାର ମୁହଁରେ ସ୍କୁଲ କର୍ତ୍ତୃପକ୍ଷ ଗତ ୧୬ ତାରିଖରେ ପ୍ରାଚେରୀ ନିର୍ମାଣ କରିଛନ୍ତି। ପ୍ରାଚେରୀ ନିର୍ମାଣ ବେଳେ ପଦ୍ମନାଭ ମୁଖୀ, କିଶୋର ମୁଖୀ, ସଞ୍ଜୟ ମୁଖୀ, କାଳିଆ ମୁଖୀ, ଅଞ୍ଜନା ମୁଖୀ, କୁମାରୀ ମୁଖୀ, କୌଶଲ୍ୟା ମୁଖୀ, ବି. ଶେଖର ରାଓ, ବଳରାମ ରାଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଯେତେ ହାତଗୋଡ଼ ଧରିଲେ ବି କିଛି ଶୁଣିନଥିଲେ। ଫଳରେ ଘେରାବନ୍ଦୀ ହୋଇଥିବା ଲୋକମାନେ ତହସିଲଦାରଙ୍କୁ ଜଣାଇଥିଲେ ବି ତହସିଲଦାର କିଛି ଉପାୟ ବାହାର କରିବାରେ ବିଫଳ ହୋଇଥିଲେ। ଫଳରେ ବାଧହୋଇ ଲୋକମାନେ ଜିଲ୍ଲାପାଳଙ୍କୁ ଭେଟିବାକୁ ଯାଇଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ୍ ରେଭିନ୍ୟୁଙ୍କୁ ଦାବିପତ୍ର ଦେବା ସଙ୍ଗେ ତହସିଲ ଅଫିସରେ ଦିବାରାତ୍ର ଧାରଣାରେ ବସିଥିଲେ। ତହସିଲଦାର ପୁଲିସ ଦେଇ ଲୋକଙ୍କୁ ମଧ୍ୟରାତ୍ରରେ ବାହାର କରିଦେଇଥିଲେ। ଲୋକମାନେ ଅଫିସ ବାହାରେ ଶୀତ କାକରରେ ରାତ୍ରୀତମାମ ବସି ରହିଥିଲେ। ୧୭ ତାରିଖ ତହସିଲଦାର ପୁଲିସ ଫୋର୍ସ ସହ ଘଟଣାସ୍ଥଳକୁ ଯାଇ ରାସ୍ତା କରିବାର ପ୍ରତିଶ୍ରୁତି ଦେଲେ। କିନ୍ତୁ ଲୋକଙ୍କୁ ଗୃହବନ୍ଦୀରୁ ମୁକ୍ତ ନ କରି ଚାଲିଆସିଲେ। ଆଜି ଗୃହବନ୍ଦୀ ଲୋକମାନେ କୌଣସି ପ୍ରକାରେ ଜିଲ୍ଲାପାଳଙ୍କୁ ଭେଟିବାକୁ ଜିଲ୍ଲାପାଳ ଅଫିସ ଯାଇଥିଲେ, ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ ଜେନେରାଲଙ୍କୁ ଭେଟି ଗୃହକୁ ରାସ୍ତା ଯୋଗାଇ ଦେବାକୁ ଦାବି କରିଥିଲେ। ଏଡିଏମ୍ ରାସ୍ତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବାପରେ ଲୋକମାନେ ଗୃହକୁ ଫେରି ଆସିଥିଲେ।

# ଭାଲୁ ଆକ୍ରମଣରେ ନାବାଳକ ଗୁରୁତର



ସୁକିନ୍ଦା,୧୯।୧୨(ସମିସ): ଭାଲୁ ଆକ୍ରମଣରେ ଜଣେ ନାବାଳକ ଗୁରୁତର ଆହତ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୂଚନା ମୁତାବକ ଢେଙ୍କାନାଳ ଜିଲ୍ଲା ଅଁଳାଝରି ଗ୍ରାମ ଅକ୍ଷୟ ବେହେରାଙ୍କ ଶିଶୁପୁତ୍ର ରୁଦ୍ର ବେହେରା (୬) ଶୁକ୍ରବାର ସକାଳ ସମୟରେ ଘର ପଛ ପଟକୁ ଶୌଚ ପାଇଁ ଯାଇଥିବା ବେଳେ ଏକ ଭାଲୁ ଆକ୍ରମଣର ଶୀକାର ହୋଇଥିଲା। ଏହି ଆକ୍ରମଣରେ ଶିଶୁ ପୁତ୍ରର ବେକର ଉଭୟ ପାଶ୍ୱର୍ରେ ଗଭୀର ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲା। ଶିଶୁ ପୁତ୍ରର ଚିତ୍କାର ଶୁଣି ପରିବାର ଲୋକେ ଯିବାରୁ ଭାଲୁ ସେଠାରୁ ଖସି ପଳାଇଥିଲା। ପରିବାର ଲୋକେ ତୁରନ୍ତ ଶିଶୁ ପୁତ୍ରକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶିଶୁର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ସମାଜସେବୀ ବିଭୁ ଶଙ୍କର ପୃଷ୍ଟିଙ୍କର ପରଲୋକ

କୁନ୍ଦଲ,୧୯।୧୨(ସମିସ): ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତ ଅନ୍ତର୍ଗତ ପିରମାଟଣା ଗ୍ରାମର ସମାଜସେବୀ ବିଭୁଶଙ୍କର ପୃଷ୍ଟି (୫୪)ଙ୍କର ଆଜି ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଛି। ବିଭୁ ଆଜି ଦିନତମାମ ବୁଲାବୁଲି କରିଥିଲେ। ମଧ୍ୟାହ୍ନରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ମରଶରୀର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକକୂଳ ପରିବେଶ ସୃଷ୍ଟି ହୋଇଥିଲା।



ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ଚାରିନଙ୍ଗଳ ସରପଞ୍ଚ ନୁରଜାନ ବେଗମ, ସମିତିସଭ୍ୟା ଚନ୍ଦ୍ରକଳା ଜେନା, ପ୍ରାକ୍ତନ ସରପଞ୍ଚ ମନ୍ମଥ କେଶରୀ ସାହେବରାୟ, ସେକ୍ ରିଆସତ ଅଲ୍ଲୀ, ବିଳାସ ଚନ୍ଦ୍ର ବାରିକ, ଆଇନଜୀବୀ ପ୍ରତାପ ଚନ୍ଦ୍ର ନାୟକ, ପ୍ରାକ୍ତନ ସମିତିସଭ୍ୟ ସେକ୍ ମୋଇନ ଅହେମ୍ମଦ, ପ୍ରଫୁଲ୍ଲ ଦାସ, ପ୍ରାକ୍ତନ ଜିଲ୍ଲା ଯୁବକଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ, ଚାରିନଙ୍ଗଳ ପଞ୍ଚାୟତ ବିଜେପି ସଭାପତି ପ୍ରଦ୍ୟୋତ କେଶରୀ ସାମଲ, ପଞ୍ଚାୟତ ବିଜେଡି ସଭାପତି ଗୋଲାମ କିବିରିଆ ଖାଁ, ଶିକ୍ଷାବିତ୍ ଅଜୟ କୁମାର ସାମଲ, ରବୀନ୍ଦ୍ରନାଥ ସାମଲ, ସାମ୍ବାଦିକ ଉତ୍କଳ କେଶରୀ ସାମଲ, ପ୍ରବାସ କୁମାର ଦାଶ, ସେକ୍ ଇକବାଲ ହୁସେନ୍, ବାଲିଚନ୍ଦ୍ରପୁର ଶ୍ୟାମସୁନ୍ଦର ବଜାର କମିଟି ପକ୍ଷରୁ ପ୍ରତିନିଧି ଅକ୍ଷୟ କୁମାର ପରିଡ଼ା, ରଶ୍ମିରଞ୍ଜନ ବଳ, ଭିମସେନ୍ ରାଉତ, ଅଶୋକ କୁମାର ରାଉତ, ଶରତ ଚନ୍ଦ୍ର ସାହୁ, ଅଶୋକ କୁମାର ବେହେରା, ସଂଜୟ କୁମାର ସାମଲ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପ୍ରକାଶ ଥାଉକି ବିଭୁ ଶଙ୍କରଙ୍କ ପତ୍ନୀ ୧୦ ବର୍ଷ ପୂର୍ବରୁ ପରଲୋକ ଗମନ କରିଛନ୍ତି। ୧୮ ବର୍ଷର ଏକାମାତ୍ର ପୁତ୍ର ମୋହିତକୁ ଏକାକି କରି ବାପା ମାଆ ଦୁହେଁ ଆରପାରିକୁ ଚାଲିଗଲେ। ସେହି ଏକ ମାତ୍ର ପୁତ୍ର ବିଭୁ ଶଙ୍କରଙ୍କୁ ମୁଖାଗ୍ନି ଦେଇ ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଶିକ୍ଷା ପରିଭ୍ରମଣ

ବଡଚଣା,୧୯।୧୨(ସମିସ): ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଅମଲାପଡାର ବାର୍ଷିକ ଶିକ୍ଷା ପରିଭ୍ରମଣ ଅବସରରେ ଚଣ୍ଡିଖୋଲ ସ୍ଥିତ ମହାବିନାୟକ ମନ୍ଦିର, ବନଦୁର୍ଗା ଚଣ୍ଡି ମନ୍ଦିର, ଭୂଷଣ୍ଡପୁର ସ୍ଥିତ ଗ୍ରାମୀଣ ଉଦ୍ୟାନ, ଜଗତେଶ୍ୱର ମନ୍ଦିର, ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଛତିଆ ଆଦି ସ୍ଥାନ ପରିଭ୍ରମଣ କରିଥିଲେ। ପୁରାଣ ପ୍ରସିଦ୍ଧ ବାରୁଣାବନ୍ତ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ, ଭୂଷଣ୍ଡପୂରର ଉଦ୍ୟାନର ରଙ୍ଗବେରଙ୍ଗର ପୁଲର ସମ୍ଭାର, ଝରଣାର କୁଳୁକୁଳୁ ଶବ୍ଦ, ପକ୍ଷୀମାନଙ୍କର କଳରବ, ଶାନ୍ତଶାନ୍ତ ସବୁଜ ବନାନୀ, ପିଲାମାନଙ୍କର ମନକୁ ବିମୋହିତ କରିଥିଲା। ଏଥିସହିତ ବିଭିନ୍ନ ନୃତ୍ୟ ସଙ୍ଗୀତ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭୋଜିଭାତର ଆସରର ମଜା ନେବା ସହିତ ନିଜନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ରମେଶ ଚନ୍ଦ୍ର ମହାରଣା, ଅଧ୍ୟକ୍ଷ ନିର୍ମଳା ଓଝା, ସ୍କୁଲ ପରିଚାଳନ କମିଟି ସଭାପତି ଅକ୍ଷୟ କୁମାର ସାହୁ, ଉପଦେଷ୍ଟା ନିରଞ୍ଜନ ପଟ୍ଟଳ, ମଙ୍ଗରାଜ ରାଉତ, ସୁଶାନ୍ତ କୁମାର ମହାନ୍ତି, ରାକେଶ ଚନ୍ଦ୍ର ସାହୁ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି ବାର୍ଷିକ ଶିକ୍ଷା ପରିଭ୍ରମଣରେ ଯୋଗଦେଇଥିଲେ।

# ପ୍ରାଥମିକ ଶିକ୍ଷକ ଫେଡେରେସନ ପୁନର୍ଗଠିତ

ମଙ୍ଗଳପୁର,୧୯।୧୨(ସମିସ): ମିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଦଶରଥପୁର ବ୍ଲକ ଶାଖା ସଙ୍ଗଠନର ସାମ୍ବିଧାନିକ ପୁନର୍ଗଠନ ପ୍ରକ୍ରିୟା ବିରିପଟା ପଞ୍ଚାୟତ ଚନ୍ଦନ ଶ୍ରୀକ୍ଷେତ୍ର ନାରୀଗାଁ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଙ୍ଗଠନର ସଭାପତି ରବୀନ୍ଦ୍ର କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ପ୍ରାଥମିକ ସଂଘର ଉପଦେଷ୍ଟା କମଳା କାନ୍ତ ସନ୍ଧିବିଗ୍ରହ, ଯାଜପୁର ଜିଲ୍ଲା ସଙ୍ଗଠନର ସଭାପତି ବିଜୟ କୁମାର ନାୟକ ଓ ଧର୍ମଶାଳା ବ୍ଲକ ସଙ୍ଗଠନର ସମ୍ପାଦକ ଆର୍ତ୍ତତ୍ରାଣ ସେଠୀ ନିର୍ବାଚନ ଅଧିକାରୀ ଭାବେ ଯୋଗଦେଇ ନିର୍ବାଚନ ପରିଚାଳନା କରିଥିଲେ। ନୂତନ ପେନ୍‌ସନ ଯୋଜନା ଭୁକ୍ତ ବହୁ ଶିକ୍ଷକ ଶିକ୍ଷୟତ୍ରୀ ସେମାନଙ୍କର ପ୍ରତିନିଧି ବିକାଶ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘରେ ଯୋଗଦାନ କରିଥିଲେ। ସର୍ବସମ୍ମତି କ୍ରମେ ସଙ୍ଗଠନର ସମ୍ପାଦକ ପ୍ରମୋଦ କୁମାର ପାଣିଗ୍ରାହୀ ନୂତନ କର୍ମକର୍ତ୍ତାମାନଙ୍କର ଏକ ଚିଠା ରାଜ୍ୟ ଉପଦେଷ୍ଟା ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ନୂତନ ବ୍ଲକ ସଭାପତି ଭାବେ ବିଜୟ କୁମାର ନାୟକ, ଉପସଭାପତି ଭାବେ ରଜତ କୁମାର ସାମଲ, ସ୍ନେହାଞ୍ଜଳି ଯେନା, ସମ୍ପାଦକ ଭାବେ ବିକାଶ କୁମାର ମଲ୍ଲିକ, ସହସମ୍ପାଦକ ଭାବେ ଶଶଧର ଦାସ, ଅନିଲ ଜେନା, ପ୍ରଦୀପ କୁମାର ପରିଡା, ବ୍ଲକ ସଂଯୋଜକ ଭାବେ ପ୍ରଭାତ କୁମାର ସାହୁ ଓ କୋଷାଧକ୍ଷ ଭାବେ ମହେଶ୍ୱର ପଣ୍ଡାଙ୍କ ନାମ ଘୋଷଣା କରାଯାଇଥିଲା। ସଙ୍ଗଠନର ଉପଦେଷ୍ଟା ଭାବେ ରବୀନ୍ଦ୍ର କୁମାର ରାୟ, ପ୍ରମୋଦ ପାଣିଗ୍ରାହୀ, ସୁରେଶ ଚନ୍ଦ୍ର ପତି, ଗତିକୃଷ୍ଣ ମହାନ୍ତି, ଅକ୍ଷୟ ଧଳ, କ୍ଷୀରୋଦ ଚନ୍ଦ୍ର ନାୟକ ଆଦି ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ମନୋନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରିୟରଞ୍ଜନ ଦାସ, ତୁଷାର କାନ୍ତ ମହାପାତ୍ର, ସୁବାସ ଚନ୍ଦ୍ର ସାମଲ, ସଂଗ୍ରାମ କେଶରୀ ନାୟକ, ପ୍ରବିର ନାୟକ, ଅଶୋକ ସାହୁ ଆଦି ଉଭୟ ଓପିଏସ ଓ ଏନପିଏସ ବର୍ଗର ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।



## ପ୍ରେମ ପାଇଁ ଜୀବନ ଗଲା

# ପ୍ରେମିକା ଘରୁ ନାବାଳକର ଝୁଲନ୍ତା ମୃତଦେହ ଜବତ

ବିଞ୍ଝାରପୁର,୧୯।୧୨(ସମିସ):


ପ୍ରେମ ପାଇଁ ଆସିଥିବା ଜଣେ ନାବାଳକର ଝୁଲନ୍ତା ମୃତଦେହକୁ ବିଞ୍ଝାରପୁର ଥାନା ଅନ୍ତର୍ଗତ ମଇଁଦା ନିକଟସ୍ଥ ପ୍ରେମିକା ଘର ନିକଟରୁ ଶୁକ୍ରବାର ପୂର୍ବାହ୍ନରେ ଜବତ ହୋଇଛି। ମୃତକ ହେଲେ କଟକ ଜିଲ୍ଲା ସାଲେପୁର ଥାନା ଗଙ୍ଗେଶ୍ୱର ଦେଉଳି ଗ୍ରାମର ମନୋଜ ଦାସଙ୍କ ପୁଅ ଅଶୋକ ଦାସ (୧୭) ବୋଲି ଜଣାପଡିଛି। ଏହି ଘଟଣାକୁ ନେଇ ଅଶୋକଙ୍କ ମା' ବେବିନା ଦାସ ତାଙ୍କ ପୁଅକୁ ପ୍ରେମିକା ଘର ଲୋକେ ହତ୍ୟା କରି ଟାଙ୍ଗି ଦେଇଥିବା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବେବିନାଙ୍କ ଅଭିଯୋଗ ମୁତାବକ ବିଞ୍ଝାରପୁର ଥାନା ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତ ଦାସସାହିର ଯୁବତୀ ଗତବର୍ଷ କଟକ ଜିଲ୍ଲା ସାଲେପୁର ଥାନା ଅଞ୍ଚଳର ଗଙ୍ଗେଶ୍ୱର ଦେଉଳି ଗ୍ରାମରେ ବାହା ହୋଇଥିଲେ। ବାହାଘର ପରେ ସେଠାରେ ଯୁବତୀଙ୍କ ସହିତ ସେହି ଗ୍ରାମର ମନୋଜ ଦାସଙ୍କ ନାବାଳକ ପୁଅ ଅଶୋକ ଦାସ (୧୭)ଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହି ଅନୈତିକ ପ୍ରେମ ସମ୍ପର୍କ ଯୋଗୁଁ ଯୁବତୀଙ୍କର ଶାଶୂଘର ସହିତ ମନାନ୍ତର ହେବାରୁ ସେ ଆସି ବାପ ଘରେ ରହୁଥିଲେ। ଯୁବତୀଙ୍କ ପ୍ରେମରେ ଉବୁଟୁବୁ ଅଶୋକ ପ୍ରେମିକାଙ୍କ ଘର ବିଞ୍ଝାରପୁର ବୁଲି ଆସିଥିବା ବେଳେ ସେଠାରେ ତାକୁ ତାଙ୍କ ଘର ଲୋକ ବାନ୍ଧି ଦେଇଥିଲେ। ଏ ନେଇ ସେ ଗତକାଲି ରାତିରେ ନିଜ ଘରକୁ ଫୋନ ମାଧ୍ୟମରେ ଜଣାଇଥିଲେ। ଏହି ଖବର ପାଇ ଅଶୋକଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପାଇଁ ବିଞ୍ଝାରପୁରରେ ପହଞ୍ଚି ପୁଅର ମୃତଦେହ ଦେଖିବାକୁ ପାଇଥିଲେ। ଖବର ପାଇ ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଶୋକର ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ମୃତ ଅଶୋକଙ୍କ ମା' ବେବିନାଙ୍କ ଲିଖିତ ଅଭିଯୋଗ ଆଧାରରେ ବିଞ୍ଝାରପୁର ପୁଲିସ ଏକ ହତ୍ୟା ମାମଲା କେଶ ନଂ ୫୯୩/୨୫ ରୁଜ କରି ତଦନ୍ତ କରୁଥିବା ଜଣାପଡିଛି।






ସକାଳ
THE SAKALA

# ସମ୍ପାଦକୀୟ



ଯେତେବେଳେ ପର୍ଯ୍ୟନ୍ତ ଲୋକମାନେ ଯୁଦ୍ଧ କ୍ଷେତ୍ରକୁ ନ ଯିବା ପାଇଁ ପଣ ନ ନେଇଛନ୍ତି ସେ ପର୍ଯ୍ୟନ୍ତ କୌଣସି ଶକ୍ତି ଯୁଦ୍ଧକୁ ଅଟକାଇ ପାରିବ ନାହିଁ।
-ଆଲବର୍ଟ ଆଇନଷ୍ଟାଇନ୍

## ଠିକା ନିଯୁକ୍ତିକୁ ଅଦାଲତ ଛାଟ

ଠିକା ବା ଚୁକ୍ତିବଦ୍ଧ ଅସ୍ଥାୟୀ ନିଯୁକ୍ତି ଏକ ବିଧିବଦ୍ଧ ବ୍ୟବସ୍ଥାରେ ପରିଣତ ହୋଇଛି। ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାରେ ନାମକୁମାତ୍ର ବେତନ ଦେଇ ଠିକା ନିଯୁକ୍ତିକୁ ପ୍ରାଧାନ୍ୟ ଦିଆଯାଉଛି। କେତେବର୍ଷରେ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରାଯିବ ତାହାର ମଧ୍ୟ ନିର୍ଦ୍ଦିଷ୍ଟ ସୀମାରେଖା ସ୍ଥିର କରାଯାଇନାହିଁ। ଅଥଚ ମୂଳ ପଦବୀର ଏକ-ଚତୁର୍ଥାଂଶ ବେତନ ନେଇ ସେମାନେ ନିଷ୍ଠାର ସହ କାର୍ଯ୍ୟକରି ଚାଲିଛନ୍ତି ସ୍ଥାୟୀ ନିଯୁକ୍ତି ପାଇବା ଆଶାରେ। ଏପରିକି କେତେକ ସ୍ଥଳେ ବିଜ୍ଞାପନ ମାଧ୍ୟମରେ ପରୀକ୍ଷା କରି ସେହି ପଦବୀରେ ସ୍ଥାୟୀ ନିଯୁକ୍ତି ଦିଆଯାଉଛି। ଶେଷରେ ଦୀର୍ଘ ବର୍ଷ ଧରି ନାମକୁ ମାତ୍ର ବେତନ ବିନିମୟରେ ସେବା ଦେଇଆସିଥିବା କର୍ମଚାରୀଙ୍କୁ ବାହାର କରି ଦିଆଯାଉଛି। ସେ ସମୟକୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ନିଯୁକ୍ତି ପରୀକ୍ଷା ଦେବାର ବୟସ ଅତିକ୍ରମ କରି ଯାଇଥାଏ। ଏମାନେ ଆଗକୁ କରିବେ କ'ଣ, ପରିବାରର ଭରଣପୋଷଣ କରିବେ କିପରି, ଏକଥା ନା ସରକାର କିମ୍ବା ନିଯୁକ୍ତି ଦେଇଥିବା ସଂସ୍ଥାର ସୁବିଚାରକୁ ଆସେ ନାହିଁ। ସୋମବାର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏଭଳି ଏକ ଆବେଦନର ବିଚାର କରି ଦେଇଥିବା କଡ଼ା ମନ୍ତବ୍ୟ ପ୍ରେକ୍ଷାପଟରେ ଆମେ ଏହି ପ୍ରସଙ୍ଗ ଉପସ୍ଥାପନ କରୁଛୁ।

ବିଧିବଦ୍ଧ ଭାବେ ପଦବୀ ସୃଷ୍ଟି ହୋଇ ନଥିଲେ ମଧ୍ୟ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲ କର୍ତ୍ତୃପକ୍ଷ ବିଧିବଦ୍ଧ ବିଜ୍ଞାପନ ଓ ସାକ୍ଷାତକାର ମାଧ୍ୟମରେ ୨୦୧୧ ରେ ଦୁଇଜଣ ଇସିଜି ଟେକ୍ନିସିଆନଙ୍କୁ ନିଯୁକ୍ତି ଦେଇଥିଲେ। ୨୦୧୪ ରେ ସରକାର ଅନୁରୂପ ୪ଟି ପଦକୁ ମଞ୍ଜୁରୀ ପ୍ରଦାନ କଲେ। ତେଣୁ ସାନି ନିଯୁକ୍ତି ବିଜ୍ଞାପନ ଓ ପରୀକ୍ଷା କରାଗଲା, କିନ୍ତୁ ୩ ବର୍ଷ ପୂର୍ବରୁ କାର୍ଯ୍ୟକରୁଥିବା କର୍ମଚାରୀଙ୍କ ପ୍ରସଙ୍ଗ ବିଚାରକୁ ନିଆଗଲା ନାହିଁ। ସେମାନେ ପ୍ରଶାସନିକ ଟ୍ରିବ୍ୟୁନାଲଠାରୁ ଆରମ୍ଭ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଲେ ନ୍ୟାୟ ପାଇବା ଆଶାରେ। ଶେଷରେ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ଏମାନଙ୍କୁ ୩ ମାସ ମଧ୍ୟରେ ସ୍ଥାୟୀ ପଦରେ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଲେ। ସ୍ଥାୟୀ ପଦ ଶୂନ୍ୟ ପଡ଼ିଥିବା ବେଳେ ବର୍ଷ ବର୍ଷ ଧରି ସେହି ସ୍ଥାନରେ ଠିକାରେ କାମ କରାଇବା ଏକ ଅସାଧୁ ଶ୍ରମ ନିୟୋଜନ ଉପାୟ। ପରୋକ୍ଷରେ ଉଚ୍ଚ ନ୍ୟାୟାଳୟ ସରକାରଙ୍କୁ ଏକପ୍ରକାର ଚେତାବନୀ ଦେଇଛନ୍ତି। ଦେଶରେ ବେକାରୀ ସମସ୍ୟା ଦିନକୁ ଦିନ ଭୟଙ୍କର ରୂପ ନେଉଥିବା ବେଳେ ସ୍ଥାୟୀ ପଦପଦବୀରେ ଏହି ଅସ୍ଥାୟୀ ନିଯୁକ୍ତି ନୂଆ ସମସ୍ୟା ସୃଷ୍ଟି କରୁଛି। ସେମାନଙ୍କ ସ୍ୱଳ୍ପ ବେତନ ନା ପେଟକୁ ଅଣ୍ଟୁଛି ନା ପିଠିକୁ। ଅଥଚ ସେମାନଙ୍କୁ ବେକାରମୁକ୍ତ ଭାବେ ଗଣତି କରାଯାଉଛି। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ କେନ୍ଦ୍ରସରକାରଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟାଳୟ ବା ଦପ୍ତରରେ ୯ ଲକ୍ଷ ୬୪ ହଜାର ମଞ୍ଜୁରୀପ୍ରାପ୍ତ ପଦ ଖାଲି ପଡ଼ିଥିବା ବେଳେ ଆମ ରାଜ୍ୟ ସରକାରଙ୍କ ଅଧୀନରେ ଶୂନ୍ୟ ପଡ଼ିଥିବା ପଦବୀ ସଂଖ୍ୟା ୨ ଲକ୍ଷରୁ ଊର୍ଦ୍ଧ୍ୱ। ସରକାରୀ ଦପ୍ତରରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ସଂଖ୍ୟା କେତେ ତାହା ଅସ୍ପଷ୍ଟ। ସରକାରଙ୍କ ଭଳି ବିଭିନ୍ନ ବେସରକାରୀ ଓ କର୍ପୋରେଟ ସଂସ୍ଥା ମଧ୍ୟ ବିଭିନ୍ନ ଏଜେନ୍ସି ଜରିଆରେ ଠିକା ନିଯୁକ୍ତି ଦେଇ ଚାଲିଛି। ସେମାନେ ଏକ ଅନ୍ଧକାରମୟ ଭବିଷ୍ୟତକୁ ନେଇ ଜୀବନ ସହ ଯୁଝି ଚାଲିଛନ୍ତି।

ଉଚ୍ଚ ନ୍ୟାୟାଳୟ ଏହି ଠିକା ନିଯୁକ୍ତିକୁ ଏକ ଅସାଧୁ ଉପାୟ ବୋଲି ମନ୍ତବ୍ୟ ଦେଉଥିବା ବେଳେ ଆମେ ଏହାକୁ ସୁଚିନ୍ତିତ ବା ଯୋଜନାବଦ୍ଧ ଶୋଷଣ କହିବାରେ କିଛି ଅସୁବିଧା ନାହିଁ। ଏଠାରେ ଏତିକି କୁହାଯାଇପାରେ କି ଅନ୍ତତଃ ଠିକା କର୍ମଚାରୀଙ୍କ ସକାଶେ କେତେବର୍ଷରେ ସ୍ଥାୟୀ ନିଯୁକ୍ତି ମିଳିବ ତାହାର ପ୍ରାବଧାନ ସରକାର ନିର୍ଦ୍ଧାରଣ କରିବା ଉଚିତ୍।

## ଭାରତ – ଓମାନ ବାଣିଜ୍ୟ ରାଜିନାମା

ଭାରତୀୟ ସାମଗ୍ରୀ ଉପରେ ଆମେରିକା ଅତିରିକ୍ତ ଶୁଳ୍କ ଲାଗୁ କରିବାକୁ କେନ୍ଦ୍ର କରି ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି ତାହାର ସମାଧାନ ପାଇଁ ଚାଲିଥିବା କଥାବାର୍ତ୍ତାର ନିଷ୍କର୍ଷତା ନେଇ ଅନିଶ୍ଚିତତା ଜାରି ରହିଛି। ଗତ ଅଗଷ୍ଟ ମାସରୁ ଦେଶର ବାଣିଜ୍ୟ ଅର୍ଥନୀତି ପ୍ରତିକୂଳ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସରକାର ନୂଆ ବଜାର ସନ୍ଧାନରେ ଅଛନ୍ତି। ମଧ୍ୟପ୍ରାଚ୍ୟରେ ଆରବ ଏମିରେଟ ସହ ୨୦୨୨ ରେ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ଚଳିତ ତ୍ରିରାଷ୍ଟ୍ରୀୟ ଗସ୍ତବେଳେ ଓମାନ ସହ ଗୁରୁବାର ଅନୁରୂପ ରାଜିନାମାରେ ଉପନୀତ ହୋଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଭାଗରେ ବ୍ରିଟେନ ସହ ମଧ୍ୟ ମୁକ୍ତ ବାଣିଜ୍ୟ କାରବାର ପାଇଁ ରାଜିନାମା ସ୍ୱାକ୍ଷର ହୋଇଥିଲା। ୟୁରୋପୀୟ ରାଷ୍ଟ୍ର ଓ ନ୍ୟୁଜିଲାଣ୍ଡ ସହ ଅନୁରୂପ ନିଷ୍କର୍ଷରେ ଉପନୀତ ହେବା ପାଇଁ ଚାଲିଥିବା ଆଲୋଚନା ଏଥିମଧ୍ୟରେ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରିଛି। ଗଲଫ୍ ସହଯୋଗ ପରିଷଦ ସହ ମଧ୍ୟ ଆଲୋଚନାର ପଥ ସୁଗମ ହୋଇଛି। ଆମେରିକାଠାରୁ ସୃଷ୍ଟି ହୋଇଥିବା ପ୍ରତିବନ୍ଧକକୁ ଅତିକ୍ରମ କରି ଭାରତୀୟ ସାମଗ୍ରୀର ରପ୍ତାନି ବାଣିଜ୍ୟକୁ ନୂଆ ଦିଗ ଦେବା ପାଇଁ ସରକାରୀ ସ୍ତରରେ ଚାଲିଥିବା ଉଦ୍ୟମ ଗୋଟିକ ପରେ ଗୋଟିଏ ଫଳବତୀ ହେବାରେ ଲାଗିଛି।

ବାଣିଜ୍ୟିକ କାରବାର ଦୃଷ୍ଟିରୁ ଓମାନ ବଜାର ସେଭଳି ବୃହତ୍ ନ ହେଲେ ମଧ୍ୟ ଏହା ଏକ ବାଣିଜ୍ୟିକ ପେଣ୍ଠସ୍ଥଳ, ଯାହାକି ଆଫ୍ରିକୀୟ ରାଷ୍ଟ୍ରମାନଙ୍କର ଭାରତୀୟ ସାମଗ୍ରୀ ଉପଲବ୍ଧତା ପାଇଁ ପଥ ପରିଷ୍କାର କରିବ। ଦୁଇ ରାଷ୍ଟ୍ର ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଭାଗିତା ସକାଶେ ଯେଉଁ ରାଜିମାନା ସ୍ୱାକ୍ଷରିତ ହୋଇଛି ସେଥିରେ ଭାରତ ରପ୍ତାନି କରୁଥିବା ୯୮ ପ୍ରତିଶତ ସାମଗ୍ରୀ ଶୁଳ୍କମୁକ୍ତ ହେବାର ସୁଯୋଗ ପାଇବ। ଓମାନ ମଧ୍ୟ ଅନୁରୂପ ଭାବେ ୯୪.୮୧ ପ୍ରତିଶତ ସାମଗ୍ରୀ ଉପରେ ଟିକସ ସହାୟତା ପାଇବ। ଶ୍ରମଭିତ୍ତିକ ଉତ୍ପାଦ, ବିଶେଷକରି ରତ୍ନ ପଥର, ଅଳଙ୍କାର, ବୟନ ସାମଗୀ, ଚମଡ଼ା ଜାତ ଦ୍ରବ୍ୟ, ଇଂଜିନିୟରିଂ, କୃଷି ଉତ୍ପାଦ, ଫାର୍ମାସ୍ୟୁଟିକାଲ, ମେଡିକାଲ ଯନ୍ତ୍ରାଂଶ, ଅଟୋମୋବାଇଲ୍ କ୍ଷେତ୍ର ଏହି ରାଜିନାମାର ସୁଯୋଗ ନେବ। ସେବା କ୍ଷେତ୍ର ପାଇଁ ସୃଷ୍ଟି ହୋଇଥିବା ବିପୁଳ ସୁଯୋଗ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପୋସାଦାରଙ୍କ ନିଯୁକ୍ତି କ୍ଷେତ୍ର ସଂପ୍ରସାରିତ ହୋଇଛି। ଏକ୍ଷେତ୍ରରେ ସେମାନଙ୍କ ଅବସ୍ଥାନ ସମୟ ସୀମା ୯୦ ଦିନରୁ ୪ ବର୍ଷକୁ ବୃଦ୍ଧି କରାଯାଇଛି। ଓମାନ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ସେବା କ୍ଷେତ୍ର ପାଇଁ ୧୨.୫୨ ବିଲିୟନ ଡଲାର ଖର୍ଚ୍ଚ କରୁଥିବା ବେଳେ ସେଥିରେ ଭାରତର ଅଂଶ ଥିଲା ୫.୩୧ %। ଏହି ରାଜିନାମା ଫଳରେ ଭାରତୀୟଙ୍କ ପାଇଁ ସୁଯୋଗ ସଂପ୍ରସାରିତ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତ ୪.୦୬ ବିଲିୟନ ଡଲାର ସାମଗ୍ରୀ ଓମାନକୁ ରପ୍ତାନି କରିଥିବା ବେଳେ ଓମାନ ରପ୍ତାନି କରିଥିଲା ୬.୫ ବିଲିୟନ ଡଲାର। ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ କ୍ଷେତ୍ର ସଂପ୍ରସାରିତ ହୋଇଛି। ଦୁଇ ଦେଶର ଆବଶ୍ୟକତାକୁ ଚାହିଁ ବିଶେଷ ଜ୍ଞାନକୌଶଳ ପ୍ରୟୋଗରେ ଏହି ନିବେଶ ସହାୟକ ହେବ ବୋଲି ଆଶା ରହିଛି।

# ଏକ ପରିବେଶ-ପ୍ରତିକୂଳ ବିମାନ ବନ୍ଦର ପରିକଳ୍ପନା

ସୁରେନ୍ଦ୍ର ତପସ୍ୱୀ

ଆମ ଉପକୂଳ ଏକ ବାତ୍ୟାପ୍ରବଣ ଅଞ୍ଚଳ ଭାବେ ବ୍ରିଟିଶ ଶାସନ ସମୟରୁ ଘୋଷଣା କରାଯାଇ ଏହାର ନିରାକରଣ ନିମନ୍ତେ ୧୯୭୨ ମସିହାରୁ ସରକାରୀସ୍ତରରେ ବହୁ ଉଦ୍ୟମ ହୋଇଥିଲେ ହେଁ ବାତ୍ୟାର ପ୍ରକୋପ କମିବା ପରିବର୍ତ୍ତେ ବୃଦ୍ଧି ଘଟୁଛି। ସାଧାରଣତଃ ଅକ୍ଟୋବର, ନଭେମ୍ବର ମାସ ବାତ୍ୟା ସମୟ। ଗୋଟିଏ ବାତ୍ୟାର କ୍ଷତ ନ ଲିଭୁଣୁ ଆଉ ଏକ ବାତ୍ୟା ଓଡ଼ିଶାର ଉପକୂଳ ଅଞ୍ଚଳର ଧନଜୀବନର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏଭଳି ସ୍ଥିତିରେ ନିକଟରେ କେନ୍ଦ୍ର ସରକାର ଓଡ଼ିଶାର ପୁରୀ ଭଳି ଏକ ବାତ୍ୟା ଓ ସୁନାମୀ ପ୍ରବଣ ଅଞ୍ଚଳରେ ଏକ ଅନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି।

ସମୁଦ୍ର ପୂର୍ବାପେକ୍ଷା ଅଧିକ ଅଶାନ୍ତ ଓ ପ୍ରଳୟମୁଖୀ ହୋଇପଡୁଥିବାରୁ 'ବିଶ୍ୱ ବେସାମରିକ ବିମାନ ପରିଚାଳନା କୌଶଳ ସଂସ୍ଥା' ବିମାନ ବନ୍ଦର ସ୍ଥାପନା ନ କରିବାକୁ ଏହାର ସଭ୍ୟଭୁକ୍ତ ଦେଶମାନଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିଛି। ଅପରପକ୍ଷେ ଯେଉଁସବୁ ବିମାନ ବନ୍ଦର ସମୁଦ୍ର କୂଳରେ ରହିଛି, ସେଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦିଆଯାଇଛି। ଫଳସ୍ୱରୂପ ଗୋଆ, ବିଶାଖାପାଟଣା, ମୁମ୍ବାଇ ଇତ୍ୟାଦି ବିମାନ ବନ୍ଦରଗୁଡ଼ିକୁ ସମୁଦ୍ରକୂଳଠାରୁ ୫୦-୬୦ କି.ମି ଦୂରକୁ ସ୍ଥାନାନ୍ତରଣ ପ୍ରକ୍ରିୟା ଜାରି ରହିଛି। ତେବେ ସରକାର ଏହାକୁ ଗୁରୁତ୍ୱ ନ ଦେଇ ପୁରୀ ବେଳାଭୂମିରେ ବିମାନ ବନ୍ଦର ନିର୍ମାଣ ଭଳି ଏକ ପରିବେଶ ବିରୋଧୀ ପ୍ରକଳ୍ପ ନିମନ୍ତେ ଅଣ୍ଟା ଭିଡ଼ିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ପ୍ରସ୍ତାବିତ ବିମାନ ବନ୍ଦର ପାଇଁ ୧୨୦୦ ଏକର ଜମି ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଏବଂ ଅନେକ ବନ୍ୟଜନ୍ତୁଙ୍କ ଆଶ୍ରୟ ସ୍ଥଳ, ବିରଳ ଅଲିଭ୍ ରିଡ୍‌ଲେ କଇଁଚମାନଙ୍କର ଅଣ୍ଡାଦାନ ସ୍ଥଳ ଏବଂ ବିରଳ ୱାଡି ୱାଡି ଡଲ୍‌ଫିନ୍‌ମାନଙ୍କର ବିଚରଣ ସ୍ଥଳ। ଏତଦ୍‌ବ୍ୟତୀତ କେତେକ ବିରଳ ଗୁଳ୍ମ ଏଠାରେ ଦେଖିବାକୁ ମିଳେ। ସବୁଠାରୁ ବଡ଼ କଥା ହେଉଛି ଉକ୍ତ ଜଙ୍ଗଲରୁ ଫଳ, କାଠ, ଶାଗ, ଛତୁ ଆଦି ସଂଗ୍ରହ କରି ପ୍ରାୟ ଏକ ହଜାର ପରିବାର ଜୀବିକା ନିର୍ବାହ କରୁଛନ୍ତି। ବିମାନ ବନ୍ଦର ହେଲେ ଏମାନେ ବିପୁଳ କ୍ଷତି ସହିବେ।

ସରକାରଙ୍କ ଯୁକ୍ତି ଯେ, ଅନ୍ତର୍ଜାତୀୟ ବିମାନ ବନ୍ଦର ହେଲେ ପୁରୀକୁ ବାର୍ଷିକ ପ୍ରାୟ ୪.୫ ଲକ୍ଷ ପର୍ଯ୍ୟଟକ ଆସିବେ। ପୁରୀର ବିକାଶ ହେବ। ଜମିର ମୂଲ୍ୟ ବୃଦ୍ଧି ଘଟିଲେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ପାଇବେ ଏବଂ ଜଗନ୍ନାଥ ସଂସ୍କୃତି ବିଶ୍ୱସ୍ତରରେ ଅଧିକ ପ୍ରଚାର ପ୍ରସାର ହେବ। ପର୍ଯ୍ୟଟନ ଋତୁ ପାଞ୍ଚମାସ, ଅର୍ଥାତ ନଭେମ୍ବର ଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପୁରୀକୁ ବିଦେଶୀ ପର୍ଯ୍ୟଟକ ଆସନ୍ତି। ଗ୍ରୀଷ୍ମ ଦିନେ ଓ ବର୍ଷାଦିନେ ବାରମ୍ବାର ଲଘୁଚାପ ଓ ଅଶାନ୍ତ ସମୁଦ୍ର ହେତୁ କୌଣସି ବିଦେଶୀ ପର୍ଯ୍ୟଟକ ପୁରୀ ଆସନ୍ତି ନାହିଁ। ଯେଉଁ ମୁଷ୍ଟିମେୟ ବିଦେଶୀ ପର୍ଯ୍ୟଟକ ଆସନ୍ତି ସେମାନଙ୍କୁ ମନ୍ଦିର ପ୍ରବେଶ ନିଷେଧ। ସେମାନଙ୍କ ରହଣି ପାଇଁ ଗୋଟିଏ ବି ପଞ୍ଚତାରକା ହୋଟେଲ ପୁରୀରେ ନାହିଁ କିମ୍ବା ଏକ ସୁସଂଗଠିତ, ସ୍ୱଚ୍ଛ, ସୁରକ୍ଷିତ ବେଳାଭୂମି ନାହିଁ। ପୁରୀଠାରୁ ମାତ୍ର ଷାଠିଏ କିମି ଦୂରତାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଅଛି, ଯେଉଁଠୁ ସଡ଼କ ପଥରେ ପୁରୀ ଆସିବା ପାଇଁ ମାତ୍ର ୪୦ ମିନିଟ୍ ସମୟ ଲାଗେ।

୨୦୨୩ ମସିହାରୁ ଭୁବନେଶ୍ୱର ବିମାନ ବନ୍ଦର ନ୍ତର୍ଜାତୀୟ ମାନ୍ୟତା ପାଇବ ପରଠାରୁ ଆଶାନୁରୂପକ ସଫଳତା ପାଉପାରିନାହିଁ। କାରଣ ଅନ୍ତର୍ଜାତୀୟ ବିମାନ ବନ୍ଦର ଘୋଷଣା ପରେ ଏଠାରୁ ଉଡ଼ାଣ କରୁଥିବା ଇଣ୍ଡିଗୋ- ୨୬, ଏୟାର ଇଣ୍ଡିଆ ୩, ଏୟାର ଇଣ୍ଡିଆ ଏକ୍ସପ୍ରେସ୍-୧୩, ଆକାସା-୧, ଇଣ୍ଡିଆ ୱାନ-୫ ଏହିପରି ମୋଟ ୪୬ଟି ବିମାନ ଉଡ଼ାଣ କରୁଛନ୍ତି। ତେବେ ଏହି ଆକାଶ ବଜାରରେ ଯାତ୍ରୀଙ୍କ ସଂଖ୍ୟା ଆଶାନୁରୂପକ ହେଉ ନଥିବାରୁ ବିମାନ ବନ୍ଦର କ୍ଷତିରେ ଚାଲୁଛି। ତେଣୁ ଘରୋଇ ବିମାନଗୁଡ଼ିକର ଉଡ଼ାଣଜନିତ କ୍ଷତିକୁ ଭରଣା କରିବା ପାଇଁ ରାଜ୍ୟ ସରକାର ଅଗଷ୍ଟ ୨୦୨୫ ସୁଦ୍ଧା ୧୭୦ କୋଟି ଟଙ୍କା ସାଧନଯୋଗ୍ୟ ସହାୟତା (ଭିଜିଏଫ୍) ରାଶି ଯୋଗାଇଛନ୍ତି। ଏତଦ୍‌ବ୍ୟତୀତ ବିଦେଶ ଓ ଦେଶ ଭିତରେ କେତେକ ବିମାନକୁ ଯାତ୍ରାପଥ ପିଛା ଯଥାକ୍ରମେ ୧୦ ଲକ୍ଷ ଓ ୫ ଲକ୍ଷ ଟଙ୍କା ସାଧନ ସହାୟତା ଯୋଗାଉଛନ୍ତି।

ଅପରପକ୍ଷେ ସିଏଜି ରିପୋର୍ଟ ଅନୁଯାୟୀ କେନ୍ଦ୍ର ସରକାରଙ୍କ 'ଉଡ଼େ ଦେଶ୍‌କା ଆମ ନାଗରିକ(ଉଡ଼ାନ୍)' ଯୋଜନା ବିଫଳ ହୋଇଛି। କାରଣ 'ବନ୍ଦେ ଭାରତ' ଭଳି ଦ୍ରୁତଗାମୀ ଟ୍ରେନ୍, ସଂପ୍ରସାରିତ ରାଜପଥ ଯୋଗୁଁ ଦୁରନ୍ତ ଅଞ୍ଚଳକୁ ଯାତ୍ରା କରୁଥିବା ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ବସଗୁଡ଼ିକର ବ୍ୟାପକ ପ୍ରଚଳନ ହେତୁ ସାଧାରଣ ଜନତା ବିମାନ ସେବା ବଦଳରେ ସଡ଼କ ଓ ରେଳ ସେବାକୁ ଅଧିକ ପସନ୍ଦ କରୁଛନ୍ତି।

ଏଭଳି ସ୍ଥିତିରେ ପୁରୀରେ ଏକ ଅନ୍ତର୍ଜାତୀୟ 'ଗ୍ରୀନ ଫିଲ୍ଡ ବିମାନ ବନ୍ଦର' ପାଇଁ ସରକାରଙ୍କ ପ୍ରସ୍ତାବଟି ଚିନ୍ତାଜନକ ବିଷୟ। କାରଣ ପୁରୀରେ ବିମାନ ବନ୍ଦର ହେଲେ ଲକ୍ଷ ଲକ୍ଷ ବୃକ୍ଷ ଛେଦନ ସହିତ ଶହଶହ ବାଲୁବନ୍ତଗୁଡ଼ିକୁ ଭାଙ୍ଗିବାକୁ ପଡ଼ିବ। ପରିଣାମ ସ୍ୱରୂପ ବାତ୍ୟା ଓ ସାମୁଦ୍ରିକ ଜୁଆର ପ୍ରକୋପ ବୃଦ୍ଧି ପାଇବ। ସମୁଦ୍ର ଗର୍ଭରୁ ଅଣ୍ଡା ଦେବା ପାଇଁ ଆସୁଥିବା ଅଲିଭ ରିଡଲେ କଇଁଚମାନଙ୍କ ଆଗମନ ବାଧାପ୍ରାପ୍ତ ହେବା ସହିତ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ପ୍ରତି କେବଳ ସମସ୍ୟା ହେବ ନାହିଁ, ଉଡ଼ାଣ ଜନିତ 'ବାର୍ଡହିଟ୍' ଆଶଙ୍କା ଦେଖାଯାଇପାରେ। ଅନ୍ୟପଟେ ପୁରାତନ କୀର୍ତ୍ତିରାଜି ଶ୍ରୀମନ୍ଦିର ପ୍ରତି ମଧ୍ୟ ବିପଦ ଦେଖାଯିବ। ସାଧାରଣତଃ ଅନ୍ତର୍ଜାତୀୟସ୍ତରୀୟ ଉଡ଼ାଣ ହେଉଥିବା ବିମାନଗୁଡ଼ିକ ପ୍ରାୟତଃ ୪ଇଞ୍ଜିନ ବିଶିଷ୍ଟ। ଏହାର ଉଡ଼ାଣ ବେଳେ ଉତ୍ପନ୍ନ ହେଉଥିବା ଶବ୍ଦତରଙ୍ଗ ଜନିତ କମ୍ପନ ଶ୍ରୀମନ୍ଦିର ପ୍ରତି କ୍ଷତି ପହଁଚାଇବ ନାହିଁ ତ? ଯେଉଁଥିପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ସଂସ୍ଥାର ମହାନିର୍ଦ୍ଦେଶକ (ଡିଜିସିଏ) ଶ୍ରୀମନ୍ଦିର ନିକଟବର୍ତ୍ତୀ ଅଞ୍ଚଳର ଭୂମିଠାରୁ ୫୦ ହଜାର ଫୁଟ ଉଚ୍ଚ ଆକାଶ ଅଞ୍ଚଳକୁ 'ରେଡ୍ ଜୋନ୍' ବା 'ନୋ ଫ୍ଲାଇ ଜୋନ୍' ଘୋଷଣା କରିଛନ୍ତି।

ଅପରପକ୍ଷରେ 'ଭାରତ ବିମାନ ବନ୍ଦର ଆଇନ୍ ୧୯୯୪' ଅନୁଯାୟୀ ଗୋଟିଏ ବିମାନ ବନ୍ଦର ଅବସ୍ଥିତିଠାରୁ ୧୫୦ କି.ମି ଦୂରତା ମଧ୍ୟରେ ଭିନ୍ନ ଏକ ବିମାନ ବନ୍ଦର ସ୍ଥାପନା କରାଯାଇ ପାରିବ ନାହିଁ। ପୁନଃଶ୍ଚ ଆଇନ୍ ୧୯୩୪ ଅନୁଯାୟୀ ଦେଶର ସମସ୍ତ ସରକାରୀ ଓ ଘରୋଇ ବିମାନ ଏବଂ ବିମାନ ବନ୍ଦରଗୁଡ଼ିକର ଉନ୍ନତିକରଣ ଓ ପରିଚାଳନା ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ମହାନିର୍ଦ୍ଦେଶକଙ୍କ ସୂଚନାରୁ ସ୍ପଷ୍ଟ। ଏଭଳି ଏକ ସ୍ପର୍ଶକାତର ତଥା ସମ୍ବେଦନଶୀଳ ପ୍ରସଙ୍ଗକୁ ଯଦି ସରକାର ଗୁରୁତ୍ୱର ସହିତ ବିଚାର ନ କରିବେ ତେବେ ଜନପ୍ରତିବାଦ ତେଜିବ।

ଏଭଳି ସ୍ଥିତିରେ ବିଚାର କରାଗଲେ ଧନଜୀବନ ସୁରକ୍ଷା, ବ୍ୟବସାୟିକ, ସାଂସ୍କୃତିକ ଓ ପରିବେଶ କୌଣସି ଗୋଟିଏ ଦିଗରୁ ମଧ୍ୟ ପୁରୀରେ ବିମାନ ବନ୍ଦର ପରିକଳ୍ପନା ଅନୁକୂଳ ନୁହେଁ। ଯଦି ସରକାର ବାସ୍ତବରେ ଜନଗଣଙ୍କ ବିକାଶ ଚାହୁଁଛନ୍ତି ତେବେ ଭଲ ସୁଦୀର୍ଘ ବେଳାଭୂମି ଅଞ୍ଚଳରେ ବ୍ୟାପକ ବନୀକରଣ ସହିତ ପାରମ୍ପରିକ କୃଷି ବା ଜୈବିକ କୃଷି ପ୍ରଣାଳୀ (ପ୍ରୋମାକଲଚର)ର ଏକ ପ୍ରୟୋଗଶାଳା ଖୋଲନ୍ତୁ। ଯାହା ହଜାର ହଜାର ଲୋକଙ୍କୁ ନିଯୁକ୍ତିର ସୁଯୋଗ ସୃଷ୍ଟି ସହିତ ଉପକୂଳ ଅଞ୍ଚଳର ଜୈବ ବିବିଧତାକୁ ସୁରକ୍ଷା ଦେବ। କହିବା ବାହୁଲ୍ୟ ଯେ, ଯେବେଠାରୁ ପୁରୀରେ ଗ୍ରୀନଫିଲ୍ଡ ଆନ୍ତର୍ଜାତୀୟ ବିମାନ ବନ୍ଦର ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି ସେହିଦିନଠାରୁ ବିଭିନ୍ନ ଜନଶୁଣାଣିରେ ସ୍ଥାନୀୟ ଅଧିବାସୀ ଓ ପରିବେଶବିତ୍‌ମାନେ ଏହାକୁ ବିରୋଧ କରିଛନ୍ତି। ଏହା ବିରୁଦ୍ଧରେ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ରେ ମାମଲା ଦାୟର କରିଛନ୍ତି। ତେବେ ବିଡ଼ମ୍ବନାର ବିଷୟ ଏହି ଯେ, କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ନିଜର ହୀନ ଉଦ୍ୟମକୁ ସାର୍ଥକ କରିବା ପାଇଁ ବିମାନ ବନ୍ଦର ସପକ୍ଷରେ ନାନା ଗୁଜବ ପ୍ରଚାରରେ ଲିପ୍ତ ଅଛନ୍ତି। ବେଳାଭୂମିର ପରିବେଶ ଓ ଜନଗଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାର ଏହାର ପୁନର୍ବିଚାର କରିବା ଦରକାର।

ପୁରୀ, ମୋ: ୮୨୪୯୧୬୩୪୩୯

# ସଙ୍କେତ ସତ କୁହେ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ରାଜସ୍ଥାନ ଯୋଧପୁର ଜୟ ନାରାୟଣ ବ୍ୟାସ ବିଶ୍ୱବିଦ୍ୟାଳୟ ଜୀବବିଜ୍ଞାନ ବିଭାଗର ଅଧ୍ୟୟନରୁ ପ୍ରମାଣିତ ହୋଇଛି ଯେ, ପକ୍ଷୀମାନଙ୍କର ବସା ନିର୍ମାଣଠାରୁ ଆରମ୍ଭ କରି ପଶୁମାନଙ୍କ ଆଚରଣରୁ ପାଣିପାଗ ସଙ୍କେତ ଚିହ୍ନଟ କରାଯାଇପାରିବ। 'ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ୍ ଏନଭାୟର୍ନମେଣ୍ଟାଲ୍ ସାଇନ୍ସ'ରେ ପ୍ରକାଶିତ ଏହି ଗବେଷଣାରେ କୁହାଯାଇଛି ଯେ ପଶୁ ଆଚରଣରୁ ୮୦% ସଠିକତା ସହିତ ପାଣିପାଗ ପୂର୍ବାନୁମାନ କରିହେବ। ବିଶ୍ୱବିଦ୍ୟାଳୟର ଗବେଷକ ଦଳ କହିଛନ୍ତି ଯେ ପ୍ରାକୃତିକ ସଙ୍କେତଗୁଡ଼ିକ ଆଜି ମଧ୍ୟ ପ୍ରଭାବଶାଳୀ। ପଶୁ ଓ ପକ୍ଷୀଙ୍କ ଆଚରଣ ପାଣିପାଗର ପୂର୍ବାନୁମାନ କରିପାରିବ। ବୈଜ୍ଞାନିକ ଅଧ୍ୟୟନ ଏହି ତଥ୍ୟଗୁଡ଼ିକୁ ନିଶ୍ଚିତ କରିଛି।

ଏହି ଅଧ୍ୟୟନରୁ ପ୍ରମାଣିତ ହୋଇଛି ଯେ ଗାଁ ଲୋକଙ୍କ ଦ୍ୱାରା ବ୍ୟବହୃତ ଏହି ପାରମ୍ପରିକ ଜ୍ଞାନକୁ ଏବେ ବୈଜ୍ଞାନିକ ଭାବରେ ବୈଧ କରାଯାଇଛି। ଉଦାହରଣ ସ୍ୱରୂପ ମୟୂରର ନାଚ କିମ୍ବା ଚିତ୍କାର ମୌସୁମୀ ଆରମ୍ଭର ସଙ୍କେତ ଦିଏ। ସେହିପରି ପିମ୍ପୁଡ଼ି ଖାଦ୍ୟ ସଂଗ୍ରହ କରିବା ମରୁଡ଼ିର ସଙ୍କେତ ଦିଏ। ସାପ ଗଛରେ ଚଢ଼ିବା ବର୍ଷା ସମ୍ଭାବନାର ପୂର୍ବାନୁମାନ। ସେହିପରି ସିଆଳର ଉପସ୍ଥିତି କ୍ଷେତରେ ମୂଷାଙ୍କ ନିୟନ୍ତ୍ରଣକୁ ସୂଚିତ କରେ। ଯଦି ଏକ ପକ୍ଷୀ କିମ୍ବା ଚଢ଼େଇ ଘରେ ବସା ତିଆରି କରନ୍ତି, ତାହା ସମୃଦ୍ଧି ଓ ପ୍ରଗତିର ଏକ ସଙ୍କେତ। ପକ୍ଷୀମାନଙ୍କ ପାଣିପାଗ ସଙ୍କେତଗୁଡ଼ିକ ମଧ୍ୟରେ ସେମାନଙ୍କର କମ୍-ଉଚ୍ଚତା ଉଡ଼ାଣ ବର୍ଷାର ସଙ୍କେତ, ଉଚ୍ଚ-ଉଚ୍ଚତା ଉଡ଼ାଣ ଭଲ ପାଗକୁ ସଙ୍କେତ କରେ। ପକ୍ଷୀମାନଙ୍କର ଡାକ ଯଥା ପେଚାର ହୁଙ୍କାର କିମ୍ବା ମୟୂରର ନାଚ ବର୍ଷାର ସଙ୍କେତ ବୋଲି ବିବେଚନା କରାଯାଏ। ସେମାନେ ଝଡ଼ ପୂର୍ବରୁ ପ୍ରଚୁର ପରିମାଣରେ ଖାଦ୍ୟ ଖାଇଥା'ନ୍ତି।



ରାଜସ୍ଥାନ ଗ୍ରାମାଞ୍ଚଳର ଭିଲ, ମୀନା ଓ ବଞ୍ଜାରା ସମ୍ପ୍ରଦାୟର ଲୋକମାନେ ଏବେ ବି ପଶୁପକ୍ଷୀଙ୍କ ସଙ୍କେତକୁ ଅନୁସରଣ କରନ୍ତି। ଉଦାହରଣ ସ୍ୱରୂପ, ଯେତେବେଳେ ଲାଲ ପିମ୍ପୁଡ଼ି ସେମାନଙ୍କର ଅଣ୍ଡା ଘୁଞ୍ଚାଏ, ତାହା ବର୍ଷା ଆସିବାକୁ ସୂଚିତ କରେ। ଏହା ପରିବେଶ ପ୍ରଣାଳୀରେ ପ୍ରାଣୀଙ୍କ ପୂର୍ବାନୁମାନ ବୁଦ୍ଧିମତ୍ତାକୁ ପ୍ରତିଫଳିତ କରେ। ରାଜସ୍ଥାନର ମାରୱାଡ଼ ଗ୍ରାମରେ ପାଣିପାଗ ପୂର୍ବାନୁମାନ କରିବା ପାଇଁ ପ୍ରକୃତିର ସଙ୍କେତଗୁଡ଼ିକୁ ଏବେ ମଧ୍ୟ ଅନୁସରଣ କରାଯାଏ। ବିଜ୍ଞାନ ପାଣିପାଗ ପୂର୍ବାନୁମାନ ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ବିକଶିତ କରିଥିବା ବେଳେ ଏହି ପାରମ୍ପରିକ ପଦ୍ଧତିଗୁଡ଼ିକ ବହୁତ ଉପଯୋଗୀ। ଏହି ପ୍ରାଚୀନ ପ୍ରଥାଗୁଡ଼ିକୁ ବର୍ତ୍ତମାନ ଆଧୁନିକ ବିଜ୍ଞାନ ମାଧ୍ୟମରେ ଆହୁରି ବୈଧ କରାଯାଉଛି।

କିଛି ଗ୍ରାମୀଣ ପରମ୍ପରା ପକ୍ଷୀଙ୍କ ବସା ସ୍ଥାନକୁ ମଧ୍ୟ ପାଗର ସୂଚକ ଭାବରେ ବିବେଚନା କରେ। ପେଚାର ଚିତ୍କାର ଏବଂ ଧୂଳିରେ ଚଢ଼େଇର ଗଡ଼ିବା ବର୍ଷାର ସଙ୍କେତ ବୋଲି ବିବେଚନା କରାଯାଏ। ଯଦି କାଉ କଣ୍ଟା ଗଛରେ ବସା ତିଆରି କରେ ତେବେ ଏହାକୁ କମ୍ ବର୍ଷାର ସଙ୍କେତ ଭାବରେ ଦେଖାଯାଏ। ସେହିପରି ଉଚ୍ଚ ଆକାଶରେ ପକ୍ଷୀମାନେ ଉଡ଼ିଲେ ବର୍ଷା ହେବାର କୌଣସି ସମ୍ଭାବନା ନାହିଁ। କାଉମାନେ ଯୋଡ଼ା ହୋଇ ଉଡ଼ିବା ମଧ୍ୟ ଭଲ ପାଗକୁ ସୂଚିତ କରନ୍ତି। ବର୍ଷା ପୂର୍ବରୁ କୁକୁଡ଼ାମାନେ ଅସ୍ଥିର ହୋଇଯାଆନ୍ତି କିମ୍ବା ଧୂଳିରେ ନିଜକୁ ଘଷି ଦିଅନ୍ତି। ହଂସର ବକ୍ଷସ୍ଥଳର ଲାଲ କିମ୍ବା ଗାଢ଼ ରଙ୍ଗ ଶୀତ ଓ ଝଡ଼କୁ ସୂଚାଇପାରେ। ଯଦି ସାରସ ଆକାଶରେ ବୃତ୍ତାକାର ବୃତ୍ତରେ ଉଡ଼ନ୍ତି, ତେବେ ଏହା ଆସନ୍ନ ବର୍ଷାର ସଙ୍କେତ। ଯେତେବେଳେ ପକ୍ଷୀମାନେ ଏକାଠି ହୁଅନ୍ତି ଏବଂ ଡେଣା ଫଡ଼ ଫଡ଼ କରନ୍ତି, ସେତେବେଳେ ପାଗରେ ପରିବର୍ତ୍ତନ ଆଶା କରାଯାଏ। ଚାତକକୁ ବର୍ଷା ପକ୍ଷୀ ଭାବରେ ବିବେଚନା କରାଯାଏ ଏବଂ ଏହାର ଆଗମନ ମୌସୁମୀ ଋତୁର ସଙ୍କେତ ଦିଏ।

ବାସ୍ତବରେ ଏହା ହେଉଛି ପ୍ରାଣୀମାନଙ୍କ ବିଷୟରେ ଆମର ପାରମ୍ପରିକ ଜ୍ଞାନ, ଯାହାକୁ ଆମର ପୂର୍ବପୁରୁଷମାନେ ବହୁତ ସମ୍ମାନ କରୁଥିଲେ। ମଣିଷ ବହୁଦିନ ଧରି ପକ୍ଷୀଙ୍କ ଆଚରଣକୁ ପରିବର୍ତ୍ତନଶୀଳ ଋତୁର ସୂଚକ ଭାବରେ ବ୍ୟବହାର କରିଆସୁଛି। ଅନେକ ଲୋକକଥା ଏବଂ କାହାଣୀ ଅଛି, ଯାହା ସୂଚାଇ ଦିଏ ଯେ ପକ୍ଷୀ ଆଚରଣରେ ବୃଦ୍ଧି କିମ୍ବା ହ୍ରାସ ଗୋଟିଏ ଅଧ୍ୟାୟର ଶେଷ ଏବଂ ଏକ ନୂତନ ଅଧ୍ୟାୟର ଆରମ୍ଭକୁ ସଙ୍କେତ କରେ। ଆମ ମଧ୍ୟରୁ ଅଧିକାଂଶ ଏହି ସଂଯୋଗକୁ ଭୁଲି ଯାଇଛନ୍ତି। ପକ୍ଷୀ ପରୀକ୍ଷକ ଶୀତକାଳରେ ପକ୍ଷୀମାନଙ୍କୁ ରଙ୍ଗୀନ ରଙ୍ଗରେ ପରିବର୍ତ୍ତନ ହେବା ଦେଖି ଉତ୍ସାହିତ ହୁଅନ୍ତି। ପ୍ରବାସୀ ପକ୍ଷୀମାନେ ମଧ୍ୟ ଅନେକ ପୂର୍ବାନୁମାନଯୋଗ୍ୟ ଭବିଷ୍ୟବାଣୀ ପ୍ରଦାନ କରନ୍ତି। ଉଦାହରଣ ସ୍ୱରୂପ, ମକିଂବର୍ଡ ଓ ବ୍ଲାକବର୍ଡଙ୍କ ରାତିର କିଚିରିମିଚିରି ଶବ୍ଦ ସୂଚାଇଥାଏ ଯେ ଗରମ ଦିନ ଆସୁଛି। ଅନେକ ପ୍ରବାସୀ ପକ୍ଷୀ ଶୀତର ଆଗମନ କିମ୍ବା ପ୍ରସ୍ଥାନକୁ ସଙ୍କେତ ଦିଅନ୍ତି। ପରିବେଶ ଦୃଷ୍ଟିରୁ ପକ୍ଷୀମାନଙ୍କର ଅଧ୍ୟୟନ ଆମକୁ ପରିବେଶଗତ ସନ୍ତୁଳନ ବୁଝିବାରେ ସାହାଯ୍ୟ କରେ। ସେମାନେ କୀଟପତଙ୍ଗ ନିୟନ୍ତ୍ରଣ, ପରାଗପଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ମୃତ ପ୍ରାଣୀ ଓ ଅଳିଆ ସଫା କରିବାରେ ପକ୍ଷୀମାନେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ପକ୍ଷୀମାନଙ୍କର ବୈଜ୍ଞାନିକ ଅଧ୍ୟୟନ ଆମକୁ ସେମାନଙ୍କର ଆଚରଣ, ସ୍ଥାନାନ୍ତର, ପ୍ରଜନନ ଓ ଶାରୀରିକ ବୈଶିଷ୍ଟ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ବୁଝିବାରେ ସାହାଯ୍ୟ କରେ। ଆମକୁ କେବଳ ଏହି ଜ୍ଞାନକୁ ବୁଝିବା ଏବଂ ଏହାର ବୈଜ୍ଞାନିକ ପ୍ରୟୋଗଗୁଡ଼ିକୁ ଚିହ୍ନିବାକୁ ହେବ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ଓଡ଼ିଆ ଅସ୍ମିତାର ଅନନ୍ୟ ପ୍ରତୀକ: ଗୁରୁ ପଦ୍ମସମ୍ଭବ

ପ୍ରବୀର କୁମାର ପଟ୍ଟନାୟକ

## ଦ୍ୱିତୀୟ-ବୁଦ୍ଧ କଥା

ପଦ୍ମସମ୍ଭବ ବିଶ୍ୱର ଜଣେ ମହାନ୍ ଧାର୍ମିକ ଗୁରୁ ତଥା ଅଗ୍ରଣୀ ପଥପ୍ରଦର୍ଶକ। ସେ ହେଉଛନ୍ତି ବୌଦ୍ଧ ଜଗତର ଦ୍ୱିତୀୟ ବୁଦ୍ଧ। ବହୁ ଦେଶରେ ଉପସ୍ଥିତି ଜାହିର କରିଥିବା ତିବ୍ବତୀୟ ବୌଦ୍ଧ ଧର୍ମର କୋଟିକୋଟି ଅନୁଗାମୀ ଏବଂ ସମର୍ଥକମାନେ ତାଙ୍କୁ ଅସାମାନ୍ୟ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରିଥା'ନ୍ତି। ସେ ହେଉଛନ୍ତି ଭାରତୀୟ। ଜୀବନର ପ୍ରଥମାବସ୍ଥା ତଥା ଶେଷାବସ୍ଥାରେ ଦୀର୍ଘ ବର୍ଷ ସେ ଭାରତରେ ବିତାଇଛନ୍ତି ଏବଂ ଏହି ଭାରତରେ ହିଁ ସେ ବୋଧି ବା ସିଦ୍ଧି ଲାଭ କରିଛନ୍ତି। କିନ୍ତୁ ତାଙ୍କ ନିଜ ଦେଶ ଭାରତରେ ତାଙ୍କୁ ପ୍ରାୟ ସମସ୍ତେ ଭୁଲି ଯାଇଛନ୍ତି। ବହୁ କମ୍‌ସଂଖ୍ୟକ ଲୋକ ତାଙ୍କ ବିଷୟରେ ତଥା ତାଙ୍କର ଆଶ୍ଚର୍ଯ୍ୟଜନକ ଧାର୍ମିକ କାର୍ଯ୍ୟକଳାପ, କୀର୍ତ୍ତି ତଥା ସାଫଲ୍ୟ ସଂପର୍କରେ ଜାଣିଛନ୍ତି ଅଥବା ଲିପିବଦ୍ଧ କରିଛନ୍ତି। ଦେଶ ବାହାରେ ଏକ ବିରାଟ ଭୂଖଣ୍ଡରେ ତାଙ୍କର କୀର୍ତ୍ତିମୟ ତଥା ଯଶୋମୟ କାର୍ଯ୍ୟକଳାପ ସବୁ ଆମ ପାଖରେ ଅନ୍ଧକାରରେ ରହିଯାଇଛି। ଆମ ଦେଶର ସାହିତ୍ୟ, ଇତିହାସ, ଏପରିକି ବୌଦ୍ଧ ସମୁଦାୟ ମଧ୍ୟ ତାଙ୍କ ବିଷୟରେ ନୀରବ।

ପଦ୍ମସମ୍ଭବଙ୍କ କାର୍ଯ୍ୟକାଳ ଥିଲା ମୁଖ୍ୟତଃ ଅଷ୍ଟମ-ନବମ ଶତାବ୍ଦୀ ମଧ୍ୟରେ। ଏବେ ସମଗ୍ର ବିଶ୍ୱରେ ତାଙ୍କର ଯେଉଁ ଧାର୍ମିକ କାର୍ଯ୍ୟକଳାପ ଆଲୋଚନାର ବିଷୟବସ୍ତୁ ପାଲଟିଛି ତାହା ମୁଖ୍ୟତଃ ତିବ୍ବତ ତଥା ତାହା ଚାରିପାଖରେ ବ୍ୟାପୀ ରହିଥିବା ହିମାଳୟ ଅଞ୍ଚଳରେ ହିଁ ସୀମିତ ଥିଲା। ଏଥିରେ ଭାରତବର୍ଷର ହିମାଳୟ ଅଞ୍ଚଳ ଓ ସିକ୍କିମ, ଭୁଟାନ, ଅରୁଣାଚଳ, ହିମାଚଳ ଓ ଲଦାଖ ଅଞ୍ଚଳ ମଧ୍ୟ ରହିଥିଲା। ଏହି କାରଣ ଯୋଗୁଁ ତାଙ୍କ ସମ୍ବନ୍ଧରେ ବହୁତ କମ୍ ଐତିହାସିକ ତଥ୍ୟ ଭାରତବର୍ଷରେ ରହିଛି। ଏବେ ପଦ୍ମସମ୍ଭବଙ୍କ ସମ୍ପର୍କରେ ଯେତିକି ତଥ୍ୟ ଆମଙ୍କୁ ଉପଲବ୍ଧ, ତାହା ମୁଖ୍ୟତଃ ତିବ୍ବତୀୟ ସୂତ୍ରରୁ ପ୍ରାପ୍ତ ଏବଂ ତାହା ମଧ୍ୟ ତିବ୍ବତୀୟ ବୌଦ୍ଧଗ୍ରନ୍ଥ ଏବଂ କିମ୍ବଦନ୍ତୀମୂଳକ ଜୀବନଚରିତଗୁଡ଼ିକରୁ।

ପଦ୍ମସମ୍ଭବଙ୍କ କାଳ ମୁଖ୍ୟତଃ ଅଷ୍ଟମ ଶତାବ୍ଦୀ ଥିଲା ବୌଦ୍ଧଧର୍ମର ଘୋର ପରିବର୍ତ୍ତନ ଅଥବା ସଂପୂର୍ଣ୍ଣ ରୂପାନ୍ତର କରଣର କାଳ। ଏହି କାଳ ବେଳକୁ ବୌଦ୍ଧଧର୍ମ ସଂପୂର୍ଣ୍ଣ ରୂପାନ୍ତରିତ ହୋଇ ତାନ୍ତ୍ରିକ ବୌଦ୍ଧ ଧର୍ମରେ ପରିଣତ ହୋଇଯାଥିଲା। ଏହାର ଅନୁଗାମୀମାନେ ମୁଖ୍ୟତଃ ପୂର୍ବ ଭାରତୀୟ ଅଞ୍ଚଳ ଓଡ଼ିଶା, ମଗଧ (ବିହାର), ବଙ୍ଗ ଓ ଆସାମ ଆଦି ଅଞ୍ଚଳରେ ହିଁ କେନ୍ଦ୍ରିତ ହୋଇଥିଲେ। ଦେଶର ଅନ୍ୟ ଅଞ୍ଚଳଗୁଡ଼ିକରେ ବୌଦ୍ଧଧର୍ମର ଘୋର ଅବନତି ଘଟିସାରିଥିଲା ଏବଂ ଏହାର ଶକ୍ତି ଓ ପ୍ରଭାବ ନିମ୍ନଗାମୀ ହୋଇଥିଲା ଅଥବା ହେଉଥିଲା। ଗାନ୍ଧାର- କାଶ୍ମୀର ଅଞ୍ଚଳରେ ତ ସପ୍ତମ ଶତାବ୍ଦୀ ସମୟକୁ ହୁଏନସାଂଙ୍କ ଭାରତ ଭ୍ରମଣ କାଳକୁ ବୌଦ୍ଧ ଧର୍ମ ଏକପ୍ରକାର ଲୋପ ପାଇ ସାରିଥିଲା। ବୌଦ୍ଧବିହାରଗୁଡ଼ିକ ଭଗ୍ନ ଏବଂ ପରିତ୍ୟକ୍ତ ଅବସ୍ଥାକୁ ଚାଲିଆସିବା ସହ ଭିକ୍ଷୁ ଏବଂ ବୌଦ୍ଧସନ୍ନ୍ୟାସୀଶୂନ୍ୟ ହୋଇସାରିଥିଲା। ହୁଏନସାଂ ଜଣେ ମହାଯାନ ବୌଦ୍ଧ ଧର୍ମର ଅନୁଗାମୀ ଥିଲେ। ସେ ଓଡ଼ିଶାର ପ୍ରାୟ ସମସ୍ତ ଅଞ୍ଚଳ ତାମଲୁକ ବା ତାମ୍ରଲିପ୍ତ, ଓଡ୍ର, କଙ୍ଗୋଦ, କଳିଙ୍ଗ ଏବଂ କୋଶଳ (ଦକ୍ଷିଣ କୋଶଳ) ଭ୍ରମଣ ଏବଂ ଏ ସମସ୍ତ ଅଞ୍ଚଳରେ ତାଙ୍କ ସମୟକୁ ମହାଯାନ ବୌଦ୍ଧଧର୍ମ ଅତ୍ୟନ୍ତ ଉନ୍ନତ ତଥା ସମୃଦ୍ଧ ଅବସ୍ଥାରେ ରହିଥିବା ପ୍ରସଙ୍ଗ ସେ ଦର୍ଶାଇଛନ୍ତି।

ଓଡ଼ିଶା ହେଉଛି ମହାଯାନ ବୌଦ୍ଧଧର୍ମର ଉତ୍ପତ୍ତି ସ୍ଥଳ। ଏହା ଏକ ପ୍ରତିଷ୍ଠିତ ତଥା ପ୍ରମାଣସିଦ୍ଧ ପ୍ରସଙ୍ଗ। ଲାମା ତାରାନାଥଙ୍କ ତଥ୍ୟ ଅନୁଯାୟୀ ମହାଯାନ ଏହି ଓଡ଼ିଶାରେ ହିଁ ଜନ୍ମ ଲାଭ କରିଛି। ଓଡ଼ିଶା ମଧ୍ୟ ସେହି ସ୍ଥାନ, ଯେଉଁଠି ବୌଦ୍ଧଧର୍ମର ମହାଯାନ ଅନ୍ତର୍ଗତ ଯୋଗାଚାର ଶାଖାରୁ ତିନୋଟି ଯାକ ତାନ୍ତ୍ରିକ ଶାଖା ବଜ୍ରଯାନ, ସହଜଯାନ ଓ କାଳଚକ୍ରଯାନ ମଧ୍ୟ ଉଦ୍ଭବ ହୋଇଛନ୍ତି। ଅର୍ଥାତ୍ ସମଗ୍ର ତାନ୍ତ୍ରିକ ବୌଦ୍ଧଧର୍ମର ଉତ୍ପତ୍ତି ତଥା ବିକାଶ କ୍ଷେତ୍ର ହେଉଛି ଓଡ଼ିଶା। ଉଡ୍‌ଡୀୟାନ କ୍ଷେତ୍ର (ଓଡ଼ିଶା)ର ସମ୍ଭଳ (ସମ୍ବଲପୁର) ରାଜା ତଥା ସିଦ୍ଧ ଇନ୍ଦ୍ରଭୂତି ହେଉଛନ୍ତି ବଜ୍ରଯାନର ପ୍ରବର୍ତ୍ତକ। ତାଙ୍କ ଭଗିନୀ ଏବଂ ଶିଷ୍ୟା ସିଦ୍ଧ ଲକ୍ଷ୍ମୀଙ୍କରା ଯେ କି ଉଡ୍‌ଡୀୟାନ କ୍ଷେତ୍ର ଅନ୍ତର୍ଗତ ଲଙ୍କାପୁରୀ (ସୋନପୁର)ର ରାଜବଧୂ ଥିଲେ, ସେ ମଧ୍ୟ ବ୍ୟବସ୍ଥିତ ଢଙ୍ଗରେ ସହଜଯାନର ପ୍ରବର୍ତ୍ତିକା ଥିଲେ। ପରବର୍ତ୍ତୀ କାଳରେ ଆଚାର୍ଯ୍ୟ ପୀତୋପାଦ ବିରଜା କ୍ଷେତ୍ର ପାର୍ଶ୍ୱବର୍ତ୍ତୀ ରତ୍ନଗିରି ମହାବିହାରରୁ କାଳଚକ୍ରଯାନର ପ୍ରବର୍ତ୍ତନ କରିଥିଲେ। ଏହି ସମସ୍ତ ଅଞ୍ଚଳ ସମ୍ଭଳ, ଲଙ୍କାପୁରୀ ହେଉଛନ୍ତି ପଶ୍ଚିମ ଓଡ଼ିଶା ଅଥବା ଦକ୍ଷିଣ କୋଶଳ ଅନ୍ତର୍ଗତ ଏବଂ ରତ୍ନଗିରି ହେଉଛି ଓଡ୍ର ତଥା ତୋଷାଳୀ ଅନ୍ତର୍ଭୁକ୍ତ। ସବୁଗୁଡ଼ିକ ବୌଦ୍ଧଧର୍ମର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରସବୁ ଥିଲେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ବିଜେପିର ପ୍ରତିହିଂସା ପରାୟଣ ରାଜନୀତିକୁ ବିରୋଧ


# କଂଗ୍ରେସର ମଶାଲ ଶୋଭାଯାତ୍ରା




ଭୁବନେଶ୍ୱର,୧୯ ।୧୨(ସମିସ): ନ୍ୟାସନାଲ ହେରାଲ୍ଡ ମାମଲାରେ ଭାରତୀୟ ଜାତୀୟ କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଓ ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀଙ୍କୁ ଫସାଇବା ପ୍ରତିବାଦରେ ରାଜ୍ୟ ସାରା ମଶାଲ ଶୋଭାଯାତ୍ରା କରିଛି କଂଗ୍ରେସ । ଦଳ ପକ୍ଷରୁ କୁହାଯାଇଛି ଯେ କେନ୍ଦ୍ର ସରକାର ଇଡିକୁ ହାତବାରିସୀ କରି କଂଗ୍ରେସର ଶୀର୍ଷର୍ ନେତୃତ୍ୱଙ୍କୁ ଯେଭଳି ହଇରାଣ କରୁଛନ୍ତି, ତାହା ଭାରତ ରାଜନୀତିରେ ଏକ ବିରଳ ଘଟଣା । ବିଜେପି ସରକାର ଏହି ଘଟଣାରେ ପ୍ରତିହିଂସା ପରାୟଣ ରାଜନୀତି କରିଥିବା ନେଇ ଦଳ ଅଭିଯୋଗ କରି ଏହା ବିରୋଧରେ ମଶାଲ ଶୋଭାଯାତ୍ରା କରିଛି ।

ଏହି କ୍ରମରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ନେତୃତ୍ୱରେ କଂଗ୍ରେସ ଭବନଠାରୁ ଏକ ମଶାଲ ପ୍ରତିବାଦ ଯାତ୍ରା ବାହାରି ବିଜେପି ଅଫିସ ସମ୍ମୁଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏହି ମଶାଲ ଯାତ୍ରାରେ ପିସିସି ସଭାପତି ଭକ୍ତଚରଣ ଦାସ, ସୁରେଶ ରାଉତରାୟ, ଶିବାନନ୍ଦ ରାୟ, ନବଜ୍ୟୋତି ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ ନେତୃମଣ୍ଡଳୀ ଯୋଗ ଦେଇଥିଲେ ।

# ଅଶୋକ ବସା 'ଡବ୍ଲ୍ୟୁଏଫଇଓ'ର ଆଭ୍ୟନ୍ତରୀଣ ଅଡିଟର ନିଯୁକ୍ତ



ଭୁବନେଶ୍ୱର,୧୯ ।୧୨(ସମିସ): ଭାରତ ତଥା ଓଡ଼ିଶାର ସୁଖ୍ୟାତ ଇଞ୍ଜିନିୟର ଅଶୋକ ବସା ୱାର୍ଲ୍ଡ ଫେଡେରେସନ୍ ଅଫ୍ ଇଞ୍ଜିନିୟରିଂ ଅର୍ଗାନାଇଜେସନ୍ସ (ଡବ୍ଲ୍ୟୁଏଫଇଓ)ର ଆଭ୍ୟନ୍ତରୀଣ ଅଡିଟର୍ ଭାବେ ନିଯୁକ୍ତ ହୋଇଛନ୍ତି। ୨୦୨୫-୨୦୨୭ ଅବଧି ପାଇଁ ପାଇଁ ଇଂ ବାସାଙ୍କୁ ଏହି ପଦରେ ନିଯୁକ୍ତି ମିଳିଛି। 'ଡବ୍ଲ୍ୟୁଏଫଇଓ'ର କାର୍ଯ୍ୟକାରୀ ବୋର୍ଡ ଦ୍ୱାରା ସଂସ୍ଥାର କାର୍ଯ୍ୟପଦ୍ଧତି ନିୟମାବଳୀ ଅନୁସାରେ ଏହି ସମ୍ମାନନୀୟ ପଦବୀରେ ଇଞ୍ଜିନିୟର ଅଶୋକ ବସାଙ୍କ ନିଯୁକ୍ତି କରାଯାଇଛି। ଇଞ୍ଜିନିୟର ଅଶୋକ ବସା ଆର୍‌ଇସି (ବର୍ତ୍ତମାନ ଏନ୍‌ଆଇଟି) ରାଉରକେଲାର ପୂର୍ବତନ ଛାତ୍ର ଏବଂ ପୂର୍ବରୁ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ଭଳି ସୁପ୍ରତିଷ୍ଠିତ ଅନୁଷ୍ଠାନର ଅଧ୍ୟକ୍ଷ ପଦରେ ମଧ୍ୟ ରହି ଆସିଛନ୍ତି।

୧୯୬୮ ମସିହାରେ ୟୁନେସ୍କୋର ପ୍ରେରଣାରେ ଗଠିତ ଡବ୍ଲ୍ୟୁଏଫଇଓ ବିଶ୍ୱର ସବୁଠାରୁ ବଡ଼ ଅନ୍ତର୍ଜାତୀୟ ପେସାଦାର ଇଞ୍ଜିନିୟରିଂ ସଂସ୍ଥା। ୧୯୬୮ ମସିହାରେ ଡବ୍ଲ୍ୟୁଏଫଇଓ ଗଠନ ହେବା ପରେ ଇଞ୍ଜିନିୟର ଅଶୋକ ବସା ପ୍ରଥମ ଭାରତୀୟ ଭାବେ ଏହାର ଆଭ୍ୟନ୍ତରୀଣ ଅଡିଟର ନିଯୁକ୍ତ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୨୨-୨୫ ଅବଧିରେ ଏହି ସଂସ୍ଥାର କାର୍ଯ୍ୟକାରୀ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ଏହି ନିଯୁକ୍ତିକୁ ଭାରତୀୟ ଇଞ୍ଜିନିୟରିଂ ସମୁଦାୟ ପାଇଁ ଗର୍ବର ବିଷୟ ଭାବେ ଦେଖାଯାଉଛି ଏବଂ ଜାତୀୟ ଓ ବିଶ୍ୱସ୍ତରରେ ଇଞ୍ଜିନିୟରିଂ ନେତୃତ୍ୱକ୍ଷେତ୍ରରେ ଇଞ୍ଜିନିୟର ଅଶୋକ ବସାଙ୍କର ଦୀର୍ଘସ୍ଥାୟୀ ଅବଦାନର ସ୍ୱୀକୃତି ରୂପେ ଏହାକୁ ଗଣାଯାଉଛି।

## ଅମୀୟ ପଟ୍ଟନାୟକ ପିସିସି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ

ଭୁବନେଶ୍ୱର,୧୯ ।୧୨(ସମିସ): ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଶ୍ରୀ ପଟ୍ଟନାୟକଙ୍କୁ ଏହି ଦାୟିତ୍ୱରେ ନିଯୁକ୍ତି ଦେଇଛନ୍ତି। ପ୍ରକାଶ ଥାଉକି ଓଡିଶା ପ୍ରଦେଶ କଂଗ୍ରେସ କମିଟି ପରାମର୍ଶ କ୍ରମେ ନବନିଯୁକ୍ତ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଆଗାମୀ ଦିନରେ ସମବାୟ ପ୍ରକୋଷ୍ଠର କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରୁ ତ୍ୱରାନ୍ୱିତ କରାଯିବା ସହିତ ପ୍ରତି ପଞ୍ଚାୟତସ୍ତରରୁ ସମବାୟବିତ୍‌ମାନଙ୍କୁ ଚିହ୍ନଟ କରାଯାଇ ସମବାୟ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଅଣାଯିବ ବୋଲି ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ସୂଚନା ଦେଇଛନ୍ତି।

## ପୁଣି ଦାଦନ ମୃତ୍ୟୁ | ଖଟିବାକୁ ଯାଇ ଶବ ହୋଇ ଫେରିଲେ



ଧାମନଗର,୧୯ ।୧୨(ସମିସ): ଦାଦନ ଖଟିବାକୁ ଯାଇଥିଲେ, ଶବ ହୋଇ ଫେରିଲେ। ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ କଲ୍ୟାଣୀ ଗାଁରୁ ପୁଣି ଏକ ଦାଦନ ଦୁଃଖ ସାମ୍ନାକୁ ଆସିଛି। ମୃତକ ହେଲେ, ଗାଁର ସୁରେନ୍ଦ୍ର ବାରିକଙ୍କ ପୁଅ ଦୀପକ ବାରିକ (୩୨)। ପ୍ରବାସୀ ଓଡ଼ିଆମାନଙ୍କ ସହଯୋଗରେ ତାଙ୍କ ଶବ ସୋମବାର ଗାଁରେ ପହଞ୍ଚିବା ପରେ ଗାଁ ମଶାଣିରେ ଶେଷକୃତ୍ୟ କରାଯାଇଥିଲା। ଦୀପକ ହାଇଦ୍ରାବାଦର ରଙ୍ଗାରେଡ୍ଡୀ ଜିଲ୍ଲା ମାଲାପୁର ଅଞ୍ଚଳର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଦୃଷ୍ଟିବାଧିତ ବାପା ଓ ଅସୁସ୍ଥ ମା'ଙ୍କ ଔଷଧ ଖର୍ଚ୍ଚ ସହ ଘରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ଥିଲା। ଗତ ୧୩ ତାରିଖରେ ଦୀପକ ସେଠାରେ ରହୁଥିବା ଭଡ଼ାଘରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ସହକର୍ମୀମାନେ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଘଟ ହେବା ପରେ ଧାମନଗର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଦୀପକଙ୍କ ଏଭଳି ଅକାଳ ମୃତ୍ୟୁ ପରେ ତାଙ୍କ ପରିବାର ଅସହାୟ ହୋଇପଡ଼ିଛି। ଘରେ ଦୃଷ୍ଟିବାଧିତ ବାପାଙ୍କ ସହିତ ମା' ଓ ଗର୍ଭବତୀ ସ୍ତ୍ରୀ ଏହି ଘଟଣା ପରେ ଭାଙ୍ଗି ପଡ଼ିଛନ୍ତି। ମାତ୍ର ୯ ମାସ ତଳେ ଭଗବାନପୁର ପଞ୍ଚାୟତ ପଳିକିରି ଗ୍ରାମରେ ଦୀପକଙ୍କ ବିବାହ ହୋଇଥିଲା। ପରିବାରର ଏହି ଦୟନୀୟ ସ୍ଥିତିରେ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ବାଂଲାଦେଶରେ...

ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ନୂଆ ବାଂଲାଦେଶରେ ହିଂସାର କୌଣସି ସ୍ଥାନ ନାହିଁ ବୋଲି ସେ କହିଛନ୍ତି। ହସିନା ସରକାରଙ୍କୁ କ୍ଷମତାଚ୍ୟୁତ କରିବାଲାଗି ଗତବର୍ଷ ହୋଇଥିବା ଆନ୍ଦୋଳନର ପ୍ରମୁଖ ନେତା ୩୨ ବର୍ଷୀୟ ହାଦିଙ୍କୁ ଗତ ୧୨ ତାରିଖରେ କେତେକ ଦୁର୍ବୃତ୍ତ ଗୁଳି କରିଥିଲେ। ସଙ୍କଟାପନ୍ନ ଥିବା ହାଦିଙ୍କୁ ଉନ୍ନତ ଚିକିତ୍ସା ଲାଗି ସିଙ୍ଗାପୁର ହସପିଟାଲ ନିଆଯାଇଥିଲା। ଗତକାଲି ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା। ଭାରତ- ବିରୋଧୀ ରୂପେ ପରିଚିତ ହାଦିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାମାତ୍ରେ ଗତକାଲି ରାତି ଠାରୁ ତାଙ୍କର ହଜାର ହଜାର ସମର୍ଥକ ରାସ୍ତା ଉପରକୁ ଓହ୍ଲାଇ ହିଂସାକାଣ୍ଡରେ ମାତିଯାଇଥିଲେ। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ଲାଗି ସେମାନେ ଦାବି କରଥିଲେ। ଦୈନିକ ଇଂରାଜୀ ସମ୍ବାଦପତ୍ର ଡେଲି ଷ୍ଟାର ଏବଂ ପ୍ରଥମ ଆଲୋ ନାମକ ସମ୍ବାଦପତ୍ର ଅଫିସ କୋଠା ଭିତରେ ପଶି ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଇଦେଇଥିଲେ। ପୁଲିସ ସେଠାରେ ପହଂଚି ନିଆଁ ଲିଭାଇବା ସହିତ କର୍ମଚାରୀଙ୍କୁ ଉଦ୍ଧାର କରିଥିଲା। ଏହି କୋଠାରେ ୨୦ରୁ ୩୦ ଜଣ କର୍ମଚାରୀ ଫସିଯାଇଥିଲେ। ଏହି ଦୁଇଟିଯାକ ସମ୍ବାଦପତ୍ର ଭାରତ ସପକ୍ଷରେ ଆଭିମୁଖ୍ୟ ଗ୍ରହଣ କରିଥିବାରୁ ସେମାନଙ୍କ ଉପରେ ଆକ୍ରମଣ କରିଥିବା କୁହାଯାଉଛି। ଏହାପରେ ବିକ୍ଷୋଭକାରୀମାନେ ବିଳମ୍ବିତ ରାତିରେ ଚିଟାଗଙ୍ଗ ସ୍ଥିତ ଭାରତର ଆସିଷ୍ଟାଣ୍ଟ କମିସନ ଅଫିସ ଉପରେ ଆକ୍ରମଣ କରିଥିଲେ। ତେବେ ଠିକ୍ ସମୟରେ ପୁଲିସ ପହଞ୍ଚି ବିକ୍ଷୋଭକାରୀଙ୍କୁ ଘଉଡାଇଥିଲା।

ଆଜି ସକାଳେ ମଧ୍ୟ ବିକ୍ଷୋଭ ଜାରି ରହିଥିଲା। ବିକ୍ଷୋଭକାରୀ ଭାରତ ବିରୋଧରେ ସ୍ଲୋଗାନ ଦେବା ସହିତ ହସିନା ୱାଜେଦଙ୍କୁ ଭାରତ ତୁରନ୍ତ ହସ୍ତାନ୍ତର କରୁ ବୋଲି ଦାବି କରିଥିଲେ। ଏହାପରେ ସେମାନେ ମେମେନସିଂ ଜିଲଜଳାରେ ଦିପୁ ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ପିଟି ପିଟି ହତ୍ୟା କରିଥିଲେ। ଏହାପରେ ତାଙ୍କୁ ଗଛରେ ବାନ୍ଧି ନିଆଁ ଲଗାଇଦେଇଥିଲେ। ଇସଲାମ ଧର୍ମ ବିରୋଧୀ ମନ୍ତବ୍ୟ ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ସେମାନେ କହିଥିଲେ। ଏହାପରେ ସେମାନେ ପୂର୍ବତନ ମନ୍ତ୍ରୀ ମୋଇବୁଲ ହସନଙ୍କ ବାସଭବନ ଏବଂ ହସିନାଙ୍କ ଅୱାମୀ ଲିଗ ଅଫିସରେ ଆକ୍ରମଣ କରି ନିଆଁ ଲଗାଇଦେଇଥିଲେ। ଏହିସବୁ ହିଂସା ଘଟଣାରେ ୧୦ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଛି। ବାଂଲାଦେଶ ମଧ୍ୟବର୍ତ୍ତି ସରକାରର ମୁଖ୍ୟ ଉପଦେଷ୍ଟା ହିନ୍ଦୁଯୁବକଙ୍କୁ ହତ୍ୟା ନେଇ ଉଦବେଗ ପ୍ରକାଶ କରି ସହିତ କହିଛନ୍ତି ଯେ ନୂଆ ବାଂଲାଦେଶରେ ହିଂସାର କୌଣସି ସ୍ଥାନ ନାହିଁ। ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ତାମିଲନାଡୁରେ କଟିଲେ...

ମୁହାଁ ରାଜ୍ୟରେ ପ୍ରାୟ ୬.୪୧ କୋଟି ପଞ୍ଜିକୃତ ଭୋଟର ଅଛନ୍ତି। ଏସ୍‌ଆଇଆର ପରେ ୯୭ ଲକ୍ଷରୁ ଅଧିକ ଭୋଟରଙ୍କୁ ହଟାଇ ଦିଆଯାଇଛି। ହଟାଯାଇଥିବା ନାମ ମଧ୍ୟରେ ୨୬.୯୪ ଲକ୍ଷ ମୃତ, ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ୬୬.୪୪ ଲକ୍ଷ ଏବଂ ନକଲି ନାମ ପଞ୍ଜିକରଣ ତଥା ଏକାଧିକ ସ୍ଥାନରେ ନାମ ଥିବା ୩,୩୯, ୨୭୮ ଜଣ ସାମିଲ ଅଛନ୍ତି। ଅନ୍ୟ ସ୍ଥାନକୁ ପଳାଇ ଥିବା ଲୋକଙ୍କ ମଧ୍ୟରୁ ୬୬,୪୪, ୮୮୧ ଜଣ ନିଜେ ଦେଇଥିବା ଠିକଣାରେ ରହୁନାହାନ୍ତି। ଘରକୁ ଘର ବୁଲି ତିନି ଥର ସର୍ଭେ କରିବା ପରି ଏହି ପଦକ୍ଷେପ ନିଆଯାଇଛି।

ରିପୋର୍ଟ ଅନୁଯାୟୀ, ଏ ପର୍ଯ୍ୟନ୍ତ ହୋଇଥିବା ଏସଆଇଆରରେ ତାମିଲନାଡୁ ରାଜଧାନୀ ଚେନ୍ନଇରୁ ସର୍ବାଧିକ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏଠାରୁ ୧୪.୨୫ ଲକ୍ଷ ଭୋଟରଙ୍କୁ ହଟାଯାଇଛି। ଏମାନଙ୍କ ମଧ୍ୟରେ ୧.୫୬ ଲକ୍ଷ ମୃତ ଏବଂ ଅନ୍ୟତ୍ର ପଳାଇ ଥିବା ୧୨ ଲକ୍ଷ ସାମିଲ ଅଛନ୍ତି। ଏବେ ଚେନ୍ନଇରେ ୨୬ ଲକ୍ଷ ବୈଧ ଭୋଟର ରହିଛନ୍ତି। ସେହିପରି କୋଏମ୍ବାଟୁର ତାଲିକାରୁ ୬.୫ ଲକ୍ଷଙ୍କ ନାମ କଟାଯାଇଛି। କୋଏମ୍ବାଟୁର ଲୋକସଭା କ୍ଷେତ୍ରରେ ୬ଟି ବିଧାନସଭା କ୍ଷେତ୍ର ରହିଛି। ଏବେ ୫ଟି ଆସନ ଏଆଇଡିଏମକେ ଏବଂ ଗୋଟିଏ ବିଜେପି ହାତରେ ରହିଛି। ଡିଣ୍ଡିଗୁଲ ଜିଲ୍ଲାରୁ ୨.୩୪ ଲକ୍ଷ ଏବଂ କାଞ୍ଚିପୁରମରୁ ୨.୭୪ ଲକ୍ଷ ଭୋଟରଙ୍କ ନାମକୁ ବାଦ୍ ଦିଆଯାଇଛି। ଏହା ବାଦ କରୁରରୁ ୮୦ ହଜାର ଭୋଟରଙ୍କ ନାମ କାଟି ଦିଆଯାଇଛି। ଅଭିନେତା ବିଜୟଙ୍କ ରାଲିରେ ଦଳାଚକଟାକୁ ନେଇ ଏହି ଅଞ୍ଚଳ ଚର୍ଚ୍ଚାରେ ଥିଲା।

ଏବେ ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର ଆରମ୍ଭ ହେବ। ଜାନୁଆରୀ ୧୮ ତାରିଖ ସୁଦ୍ଧା ଭୋଟର ନିଜ ଦାବି ଉପସ୍ଥାପନ କରି ତାଲିକାରେ ସାମିଲ ହୋଇପାରିବେ। ଏହା ପରେ ଚୂଡ଼ାନ୍ତ ଭୋଟର ତାଲିକା ଜାରି ହେବ। ତାମିଲନାଡୁର କ୍ଷମତାସୀନ ଡିଏମକେର ବିରୋଧ ସତ୍ତ୍ୱେ ରାଜ୍ୟରେ ଏସଆଇଆର ହୋଇଛି। ଡିଏମକେ ଏହାକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଏହାକୁ ବିରୋଧ କରି କହିଥିଲେ ଯେ ଏହି ଗଣତନ୍ତ୍ର ବିରୋଧୀ ପଦକ୍ଷେପକୁ ଏଡ଼ାଇବା ପାଇଁ ସର୍ବଦଳୀୟ ବୈଠକ କରାଯାଇଥିଲା। ଏସଆଇଆର ବିରୋଧରେ ଏକ ସଙ୍କଳ୍ପ ପାରିତ ହୋଇଥିଲା। ନିର୍ବାଚନ କିଛି ମାସେ ପୂର୍ବରୁ ଇସିଙ୍କ ଦ୍ୱାରା ଏସଆଇଆର କରାଇବା ଏକ ସୁଚିନ୍ତିତ ଷଡ଼ଯନ୍ତ୍ରକୁ ଦର୍ଶାଉଛି।

## ଚାଷୀଙ୍କ ଡକରାରେ...

ବେଳେ ସକାଳେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି, ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଲକ୍ଷ୍ମୀଟକିଜ୍ ଛକରେ ପିକେଟିଂ କରାଯାଇଥିଲା। ପରେ ସହରର ଅଇଁଠାପାଲି, ଧନୁପାଲି ଆଦି ଛକମାନଙ୍କରେ ପିକେଟିଂ କରି ଜନସାଧାରଣଙ୍କ ବନ୍ଦକୁ ସମର୍ଥନ କରିବାକୁ ଅନୁରୋଧ କରାଯାଇଥିଲା।

ଅଇଁଠାପାଲି ଛକରେ ଜାତୀୟ ରାଜପଥ ନଂ. ୫୩କୁ ଚାଷୀମାନେ ଅବରୋଧ କରିଥିଲେ। ଉଭୟ ପାର୍ଶ୍ୱରେ ଶହଶହ ଭାରୀଯାନଗୁଡ଼ିକର ଲମ୍ବାଧାଡ଼ି ଲାଗିଯାଇଥିଲା। ପ୍ରାୟ ୩ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରୋକ ପରେ ପୂର୍ବାହ୍ନ ୧୧ଟାରେ ଆନ୍ଦୋଳନକାରୀ ରାସ୍ତାରୁ ହଟି ଯାଇଥିଲେ। ପ୍ରଥମରୁ ନିଷ୍ପତ୍ତି ଅନୁଯାୟୀ ରେଳ ଚଳାଚଳକୁ ଚାଷୀମାନେ ଅବରୋଧ କରିନଥିଲେ। ସମ୍ବଲପୁରରେ ଘରୋଇ ଓ ସରକାରୀ ବସ ତଥା ସିଟି ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

ପ୍ରତିଦିନ ଭଳି ପୂର୍ବାହ୍ନରେ ଜିଲ୍ଲା ଓ ଦୌରାଜଜ୍ ଓ ଅନ୍ୟ ବିଚାରପତିମାନେ ସେମାନଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଚାଷୀମାନେ ସେମାନଙ୍କୁ ଅନ୍ନଦାତାର ବନ୍ଦକୁ ସମର୍ଥନ ଜଣାଇ ନଯିବାକୁ ଅନୁରୋଧ କରିଥିଲେ। କିଛିଟା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପରେ ସେମାନେ ଆସିବେ ବୋଲି କହି କାର୍ଯ୍ୟାଳୟକୁ ଯାଇଥିଲେ। ଉତ୍ତରାଞ୍ଚଳ ରାଜସ୍ୱ କାର୍ଯ୍ୟାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ସଦର ଉପଜିଲ୍ଲାପାଳ କାର୍ଯ୍ୟାଳୟ, ସଦର ତହସିଲ କାର୍ଯ୍ୟାଳୟ, ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ଆଦିରେ ଚାଷୀମାନେ ପହଞ୍ଚି କର୍ମଚାରୀଙ୍କୁ ବନ୍ଦକୁ ସମର୍ଥନ କରି ବାହାରି ଆସିବାକୁ ଅନୁରୋଧ କରିଥିଲେ। ପରେ କର୍ମଚାରୀମାନେ ଚାଲି ଯାଇଥିଲେ। ଘରୋଇ କାର୍ଯ୍ୟାଳୟଗୁଡ଼ିକୁ ମଧ୍ୟ ବନ୍ଦ କରିବାକୁ ଅନୁରୋଧ କରାଯାଇଥିଲା। ବିଜେଡି ପକ୍ଷରୁ ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀଙ୍କ ନେତୃତ୍ୱରେ ଏକ ରାଲିରେ ବିଜେଡି କର୍ମୀମାନେ ବନ୍ଦକୁ ସମର୍ଥନ ଜଣାଇବା ସହ କଚେରୀ ଛକରେ ବନ୍ଦରେ ସାମିଲ ହୋଇଥିଲେ। ସମ୍ବଲପୁର ସହର ସାରା ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ଫୋର୍ସ ନିୟୋଜିତ ଥିଲେ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲାରେ ମାସେ ବିଳମ୍ବରେ, ଗତ ନଭେମ୍ବର ୨୮ ତାରିଖରୁ ମଣ୍ଡି ଖୋଲିଥିଲେ ହେଁ ଆଜିଯାଏ ସମସ୍ତ ଚାଷୀଙ୍କ ଟୋକନ୍ ନ ଆସିବା ଏବଂ ଆନୁଷଙ୍ଗିକ ସମସ୍ୟାକୁ ନେଇ ଚାଷୀମାନେ 'ସମ୍ବଲପୁର ବନ୍ଦ' ଡାକରା ଦେଇଥିଲେ।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ପ୍ରବକ୍ତା ସରୋଜ କହିଛନ୍ତି, ଗତ ସରକାର ସମୟରେ ଜଣେ ଚାଷୀ ପଞ୍ଜୀକରଣ ହିସାବରେ କେତେ ଧାନ ବିକିବ ତାହା ଅନ୍‌ଲାଇନରେ ଦେଖାଯାଉଥିଲା। ତାହା ମଧ୍ୟ ଏବେ ଆଉ ଦେଖାଯାଉନାହିଁ। ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ, ଅନିଶ୍ଚିତତା ଓ ଆଶଙ୍କା ରହିଛି। ଛତିଶଗଡ଼ରେ ସମାନ ସରକାର ଥିବା ବେଳେ ସେଠାରେ ସୁରୁଖୁରୁରେ ଧାନ କିଣା ହେଉଥିବା ବେଳେ ଏଠାରେ କାହିଁକି ସମସ୍ୟା ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଟ୍ରିପଲ୍ ଇଞ୍ଜିନ ସରକାରରେ ଯଦି ଏଫ୍‌ସିଆଇ ଚାଉଳ ନେଉନାହିଁ, ତାହାହେଲେ କେବେ ନେବ? ବର୍ତ୍ତମାନ ପର୍ଯ୍ୟନ୍ତ ବରଗଡ଼, କଳାହାଣ୍ଡି ଆଦିରେ ଧାନକ୍ରୟ ଆରମ୍ଭ ହୋଇନାହିଁ କହିଲେ ଚଳେ। ଏଣୁ ପରବର୍ତ୍ତୀ ସମୟରେ କେବଳ ସମ୍ବଲପୁରରେ ନୁହେଁ, ପଶ୍ଚିମ ଓଡ଼ିଶା ସ୍ତରରେ ବ୍ୟାପକ ଆନ୍ଦୋଳନ ପାଇଁ ଚାଷୀ ପ୍ରସ୍ତୁତ ହେଲାଣି ବୋଲି ସେ କହିଛନ୍ତି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ଡିବିଟି ନାମରେ ପ୍ରାୟ ୧୮୦୦ ଚାଷୀଙ୍କ ପ୍ରଥମ ଟୋକନ ଆସିନାହିଁ। ପୁଣି ତୃତୀୟ ଓ ଚତୁର୍ଥ ଟୋକନ ଅଛି। ଶେଷ ଟୋକନ ନଆସିବା ପର୍ଯ୍ୟନ୍ତ ଚାଷୀମାନଙ୍କ ଆନ୍ଦୋଳନ ବିଭିନ୍ନ ପର୍ଯ୍ୟାୟରେ ଜାରି ରହିବ। ସରକାର ଯଦି ଟୋକନ କିଛିଦିନ ମଧ୍ୟରେ ଇସ୍ୟୁ କରିବେ ବୋଲି କହୁଛନ୍ତି ତେବେ ପରବର୍ତ୍ତୀ ଲମ୍ବା ତାରିଖସହ ସମସ୍ତ ଟୋକନ ଏକସମୟରେ ଇସ୍ୟୁକରି ପୋର୍ଟାଲରେ କାହିଁକି ଦେଖାଉ ନାହାନ୍ତି ବୋଲି ସଭାପତି ଶ୍ରୀ ଠାକୁର ପ୍ରଶ୍ନ କରିଛନ୍ତି।

**OFFICE OF THE DIVISIONAL FOREST OFFICER : ATHMALLIK (KL) DIVISION**
AT- Haridanali, PO/PS-Athmallik, Dist.-Angul, Pin-759125
Email – dfo.kl.alk@gmail.com, Mob No.8280342716
Order No.175/Date 18.12.2025 MM-409
**NOTICE INVITING TENDER**
**Bid Identification No. DFO (KL) ALK-03 (online) 2025-26**

1. The Divisional Forest Officer, Athmallik (KL) Division, Odisha on behalf of Governor of Odisha, invites percentage rate in Single cover system in ONLINE MODE only, for the work "**Construction of four (04) Ministerial Staff Quarters (two quarters per floor) in G+1 configuration at Athmallik (KL) Range, Athmallik town under Athmallik (KL) Division for the year 2025-26**".

| | | |
|---|---|---|
| 2. | No. of Works | : 1 No. |
| 3. | Nature of Works | : Building works |
| 4. | Class of Contractor | : 'C' Class |
| 5. | Estimated Cost | : 39,00,000/- |
| 6. | Completion period | : 2.5 Calendar Months |
| 7. | Availability of Bid documents | : 20.12.2025 (5.30 PM) to 06.01.2026 (5.00 PM) |
| 8. | Last date for Receipt of Bids | : 06.01.2026 up to 5.00 PM |
| 9. | Opening of Bids | : 07.01.2026 at 5.00 PM. |

Further details can be seen from the e-Procurement portal www.tendersodisha.gov.in. The Addendum/ Corrigendum/Cancellation of tender, if any, will be hosted on the website only.

Sd/-
Divisional Forest Officer
Athmallik (KL) Division
OIPR-08155/11/0006/2526

**RECRUITMENT**

BRM IMIT a leading B-School in Bhubaneswar with 30 years of group experience required the following personnel for its upcoming PGDM programme.

1. **Professor**: Ph. D. with minimum 10-15 years' experience in teaching.
2. **Associate Professor**: Ph. D. with minimum 8 years' experience in teaching/industry.
3. **Assistant Professor**: MBA/PGDM with 2 years' teaching experience. Fresher's may also apply.

**Experience required:** In teaching Risk & Insurance, Economics/Finance, Comp. Science/IT, Math/Business Statistic, etc.

Candidates are requested to mail their Resume with scan copy of all certificates, Photo, Aadhaar Card & PAN Card to the following mail and call over phone for one to one meeting:

**Mail ID** – recruitmentbrm2025@gmail.com or
**WhatsApp** to Mobile No. 8093085700 / 7008390931.
**Address**: BRM Institute of Mgnt. & IT, Pubasasan, Kausalyaganga, Bhubaneswar-751001

ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ
**ODISHA ELECTRICITY REGULATORY COMMISSION**
BIDYUT NIYAMAK BHAWAN
PLOT NO.4, CHUNOKOLI, SHAILASHREE VIHAR, BHUBANESWAR -751021
TEL. No.: 2721048, 2721049
E-MAIL: oerc@odisha.gov.in / orierc@gmail.com, WEBSITE: www.orierc.org
Together, Let us light up our lives

**ସର୍ବସାଧାରଣ ସୂଚନା**
**କେସ୍ ନମ୍ବର - ୧୩୮ /୨୦୨୫**

**ବିଷୟ ସମ୍ପର୍କିତ : ଏଲ୍‌ଟି ଗ୍ରାହକମାନଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଓପନ ଆକ୍ସେସ (Open Access) ଶୁଳ୍କ ଅନୁମୋଦନ ପାଇଁ ଟିପିସିଓଡିଏଲ୍ ର ଆବେଦନ।**

ମେସର୍ସ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ) ବିଦ୍ୟୁତ ଆଇନ୍, ୨୦୦୩ର ଧାରା ୪୨, ଓଇଆର୍‌ସି (ଆନ୍ତଃ ରାଜ୍ୟ ଓପନ ଆକ୍ସେସ୍) ନିୟମାବଳୀ ୨୦୨୦ ଏବଂ ଓଇଆର୍‌ସି (ଗ୍ରୀନ୍ ଏନର୍ଜି ଓପନ ଆକ୍ସେସ ମାଧ୍ୟମରେ ଅକ୍ଷୟ ଶକ୍ତିର ପ୍ରସାର) ନିୟମାବଳୀ, ୨୦୨୩ ଅନୁଯାୟୀ ଆନ୍ତଃରାଜ୍ୟ ପରିବହନ / ବିତରଣ ବ୍ୟବସ୍ଥା ବ୍ୟବହାର କରୁଥିବା ଏଲଟି ଓପନ ଆକ୍ସେସ ଗ୍ରାହକ ମାନଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ନିମନ୍ତେ ଓପନ ଆକ୍ସେସ ଶୁଳ୍କର ଅନୁମୋଦନ ପାଇଁ ଏକ ଆବେଦନ ଦାଖଲ କରିଛି।

ଉପରୋକ୍ତ ଆବେଦନ ନକଲ ଆୟୋଗଙ୍କ ୱେବସାଇଟ୍ (www.orierc.org) କିମ୍ବା ଲାଇସେନ୍ସପ୍ରାପ୍ତ ସଂସ୍ଥାର ୱେବସାଇଟ (www.tpcentraloridha.com) ରୁ ଡାଉନଲୋଡ୍ କରାଯାଇପାରିବ କିମ୍ବା ଆୟୋଗଙ୍କ କାର୍ଯ୍ୟାଳୟରୁ ୧୦୦ ଟଙ୍କା (ଏକଶହ ଟଙ୍କା) ମୂଲ୍ୟର ଫଟୋକପି ଶୁଳ୍କଦେଇ ପ୍ରାପ୍ତ କରାଯାଇ ପାରିବ। ଆୟୋଗଙ୍କ ଏହି ବିଷୟକୁ **କେସ୍ ନମ୍ବର ୧୩୬ / ୨୦୨୫**ରେ ଆବେଦନକାରୀଙ୍କ ବର୍ଷ - ୨୦୨୬-୨୭ ପାଇଁ ଏଆର୍‌ଆର୍ ଏବଂ ଆରଏସ୍‌ଟି ଆବେଦନ ସହିତ ଏକ ସାର୍ବଜନୀନ ଶୁଣାଣି ମାଧ୍ୟମରେ ସମାଧାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶୁଣାଣିର ତାରିଖ ଏବଂ ସ୍ଥାନ ପରେ ଜଣାଇ ଦିଆଯିବ।

ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନ / ସଂଗଠନ ସେମାନଙ୍କର ମତାମତ / ପରାମର୍ଶ / ଆପତ୍ତି ସତ୍ୟପାଠ (Affidavit) ସହ **୧୬.୦୧.୨୦୨୬** ସୁଦ୍ଧା କମିଶନଙ୍କ ନିକଟରେ ଦାଖଲ କରିପାରିବେ ଏବଂ ଏହାର ଏକ ନକଲ ଆବେଦନକାରୀ ଟିପିସିଓଡିଲ କୁ ପ୍ରଦାନ କରିବେ। ଟିପିସିଓଡିଲ ଏହି ଆପତ୍ତି / ପରାମର୍ଶର ଜବାବ ତା **୨୭.୦୧.୨୦୨୬** ରିଖ ସୁଦ୍ଧା ସମ୍ପୃକ୍ତ ବ୍ୟକ୍ତି / ସଂସ୍ଥାଙ୍କୁ ଏକ ନକଲ ପ୍ରଦାନ ସହ ଦାଖଲ କରିବେ।

ତାରିଖ : ୧୭.୧୨.୨୦୨୫
କମିଶନଙ୍କ ଆଦେଶ ଅନୁଯାୟୀ
ସ୍ୱା/- ସଚିବ

ଓଡିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଅସଂଗତି ଥାଏ, ତେବେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରାମାଣିକତା ପାଇଁ ବିବେଚନା କରାଯିବ।

**Notice (Above 18 years of age)**
By Virtue of an Affidavit sworn before the Executive Magistrate, Baripada, Mayurbhanj, dated 16.12.2025, I, Lija Behera, D/o-Rabindra Behera Address At-Haldipal, Po- Chitrada, Ps-Morada, Dist- Mayurbhanj, Pin-757018 declare that I have changed my name from Shambhu Behera to Lija Behera. Henceforth I shall be known as Lija Behera for all purposes.
**Lija Behera.**

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** *Rs. 58,000/- P.A.* Eligibility: +2 Sc. (PCB/M & OJEE Appeared)
• **D. Pharm** *Rs. 48,000/- P.A.* Eligibility: +2 Sc. (PCB/M)
• **B.M.L.T.** *Rs. 58,000/- P.A.* Eligibility: +2 Sc. (PCB/M with 50 % Mark)
• **D.M.L.T.** *Rs. 48,000/- P.A.* Eligibility: +2 Sc. Pass (PCB/M)
• **M.P.H.** *Rs. 42,000/- P.A.* Eligibility: Any Graguate
ALL COURSE FEES ARE EXCLUDING HOSTEL

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, vide no 1244, dated. 17.12.2025 I, BHUBANI GOUDA , D/o. - Krushna Gouda, At Village - Chacharaguda, PO. - Charamulla, PS. - Tentulikhunti, Dist- Nabarangpur, Odisha, Pin - 764070, declare that I have changed my name from BHUBAN GAUDA to BHUBANI GOUDA. Henceforth, I shall be known as BHUBANI GOUDA for all purposes.
**Sd/- BHUBANI GOUDA**

**AFFIDAVIT**
By virtue of an affidavit before the Notary Public, Sonepur, I, Mahendra Deheri, At- Souripali, P.O. Dhamasala, P.S. Birmaharajpur, Dist. Subarnapur, hereby declare that my son's correct name is PRADIP DEHERI, S/o- MAHENDRA DEHERI, but wrongly mentioned as LALIT DEHERI, S/o- PREMALATA DEHERI in his Aadhaar Card. That I want correction of my son's name as **Pradip Deheri**, **S/o- Mahendra Deheri** in his Aadhaar Card.

**AFFIDAVIT**
By virtue of an affidavit before the Executive Magistrate, Bhubaneswar on 19.12.2025 residing at Plot No- N-5/176, IRC Village, Ps- Nayapalli, Bhubaneswar, I change my name from Minakshi Khuntia to Minakshi Patnaik. Henceforth I shall be known as **MINAKSHI PATNAIK** w/o Satyabrata Patnaik for all purposes.

**AFFIDAVIT**
By virtue of an affidavit No.1598 before the Executive Magistrate, Ranpur, dtd.01.12.2025, I, GITA DEI, R/o Ranpur Tarasia Sahi, P.O. Raj Ranpur, P.S. Ranpur, Dist. Nayagarh hereby declare that my correct name is GITA DEI as per my Aadhaar, PAN and Bank records. But its wrongly mentioned as PRAMODINI NAYAK in my LIC Policy. That GITA DEI & PRAMODINI NAYAK is one and the same person, i.e., myself. Henceforth I shall be known as **GITA DEI** for all purposes.

**AFFIDAVIT**
I, Subrat Kumar Gouda, aged about 56 years, S/o-Danda Pani Gouda, resident of At-2nd Lane, Jagannath Bihar, Bagdevi Road, Ps- Bhanjanagar, Dist- Ganjam, Odisha, Pin- 761126 declare by this affidavit No.2551, dtd- 18/12/2025, that now onwards I shall be known as **SUBRATA KUMAR GOUDA** for all future purposes.

**LOST OF ORIGINAL SALE DEEDS**
I Krushna Ch. Sethy, S/o-Late Kshetra Mohan Sethy of vill-Narayanpur, Po-Kulana, Ps-Bhandaripokhari Dist-Bhadrak, Odisha declare that, on Dt. 20.11.25 while I return from Bhadrak to Chhatabar I have Lost my two numbers of original Sale Deed bearing no-352, Dt-18.4.2006 & 434, Dt-24-4-2000. To This Effect I have filed FIR on Dt-3.12.25 before IIC Bhandaripokhari Police Station & the P.s registered as. G.D No-7 Dt-9.12.25. Also I have filed one Self Declared Affidavit which was registered before Executive Magistrate, Bhadrak, Odisha bearing registration no:- 4537 on Dt-8.12.25 and the same was submitted before Bhandaripokhari Police Station.
**Krushna ch. Sethy**

**AFFIDAVIT**
By virtue of an affidavit before the Notary Public, Titilagarh, on dated-18/12/2025. I, **Roshani Takri** (new name), formerly called as **Roshani Manahre** (old name), W/o- Devraj Takri, permanent resident of AT- Kurlubhata, PO- Bhursaguda, PS- Sindhekela, Dist-Bolangir, (Odisha), PIN- 767035 now residing at the same place declare that I have changed my name from **Roshani Manahre** to **Roshani Takri.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Roshani Takri** (new name) for all future purposes.
**Roshani Takri**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, vide no 1264, dated 18.12.2025, I, AMBIKA SANTA , D/o- Late. Ghasi Santa, At Village- Danduguda, PO.-Manchagam, PS.- Khatiguda, Dist - Nabarangpur, Odisha, Pin - 764070, declare that I have changed my name from AMBIKA JANI to AMBIKA SANTA. Henceforth, I shall be known as AMBIKA SANTA for all purposes.
**Sd/- AMBIKA SANTA**

**AFFIDAVIT**
By virtue of an affidavit sworn Before The Notary Public, Kesinga, dated- 18/12/2025. I, **Sumit Kumar Jain,** S/o-Sajan Kumar Jain, residing At- Ward No. 12, Durgamandap Road, Po/Ps-Kesinga, Dist- Kalahandi, Odisha declare that, I have changed my Son's name from **Shourya Jain** To **Shourya Shresth Jain.** Henceforth, he will be known as **Shourya Shresth Jain** for all purpose.
**Sumit Kumar Jain**

## ଜଗତସିଂହପୁରରେ ବାଲି ଚୋରା ଚାଲାଣ ପଛରେ ଯାଜପୁର ଡିଡିଏମ୍‌ଙ୍କ ହାତ!

# ଡିଡିଏମ୍‌ଙ୍କୁ ନିଲମ୍ବନ କରିବାକୁ ଜଗତସିଂହପୁର ଜିଲ୍ଲାପାଳଙ୍କ ସୁପାରିସ

**ଯାଜପୁର, ୧୯।୧୨(ସମିସ)**

ଜଗତସିଂହପୁର ଜିଲ୍ଲାରେ ହେଉଥିବା ବାଲି ଚୋରା ଚାଲାଣ ପଛରେ ଯାଜପୁର ଡିଡିଏମ୍ ଜୟପ୍ରକାଶ ନାୟକଙ୍କ ହାତ ଥିବା ସନ୍ଦେହ କରିଛନ୍ତି ଜିଲ୍ଲାପାଳ। ଡିଡିଏମ୍‌ଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁଁ ସରକାର କୋଟି କୋଟି ରାଜସ୍ୱ ହରାଉଥିବା ଏବଂ ଉପରିସ୍ଥ ଅଧିକାରୀଙ୍କ ଆଦେଶକୁ ଅବଜ୍ଞା କରିବା ଅଭିଯୋଗରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜଗତସିଂହପୁର ଜିଲ୍ଲାପାଳ ସୁପାରିସ କରିଥିବା ଜଣାପଡ଼ିଛି। ତାଙ୍କୁ ତୁରନ୍ତ ନିଲମ୍ବିତ କରିବାକୁ ଷ୍ଟିଲ୍ ଓ ଖଣି ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ଚିଠି ନଂ ୨୩୪୦୯ରେ ଗତ ୧୬ ତାରିଖରେ ସୁପାରିସ କରିଛନ୍ତି।

ସୂଚନା ମୁତାବକ ଯାଜପୁର ଡିଡିଏମ୍‌ଙ୍କ ଅଧିନରେ ଜଗତସିଂହପୁର ଖଣି ଜିଲ୍ଲା ଆସୁଛି। ଜଗତସିଂହପୁର ଜିଲ୍ଲାରେ ବ୍ୟାପକ ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ଗତ ନଭେମ୍ବର ୨୫ ତାରିଖରେ ତିର୍ତ୍ତୋଲ ତହସିଲ ଅନ୍ତର୍ଗତ କିଲ୍ଲିପାଳ ସଇରାତରେ ଚଢ଼ଉ କରାଯାଇ ମୋଟ ୪୬ଟି ହାଇୱା ଓ ୩ଟି ମେସିନ ଜବତ କରାଯାଇଥିଲା। ଏହା ପରେ ଗତ ୧୧ ତାରିଖ ଦିନ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇ ୨୨ଟି ହାଇୱା ଏବଂ ୨ଟି ମେସିନ ଜବତ କରାଯାଇଥିଲା। ଜିଲ୍ଲାରେ ଏଭଳି ବ୍ୟାପକ ମାତ୍ରାରେ ବାଲି ଚୋରାଚାଲାଣ ସମ୍ପର୍କରେ ପଦକ୍ଷେପ ନେବାକୁ ଡିଡିଏମ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇନଥିଲେ। ଉପରିସ୍ଥ ଅଧିକାରୀଙ୍କ ଆଦେଶକୁ ଅଣଦେଖା କରିବା ସହିତ ନିଜ କର୍ତବ୍ୟରେ ଅବହେଳା କରିଥିବା ଅଭିଯୋଗରେ ତାଙ୍କୁ ନିଲମ୍ବିତ କରିବାକୁ ଜିଲ୍ଲାପାଳ ସୁପାରିସ କରିଛନ୍ତି। ବାଲିମାଫିଆଙ୍କ ସହିତ ସିଧାସଳଖ ସମ୍ପର୍କ ରହିଥିବା ଜିଲ୍ଲାପାଳ ତାଙ୍କ ରିପୋର୍ଟରେ ଦର୍ଶାଇବା ସହିତ ଡିଡିଏମ୍‌ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ଜଗତସିଂହପୁର ଜିଲ୍ଲାପାଳ। ଏଠାରେ ସୂଚନା ଯୋଗ୍ୟ ଯାଜପୁରରେ ମଧ୍ୟ ଲଘୁଖଣିଜ ସମ୍ପଦର ବ୍ୟାପକ ଚୋରା କାରବାର ନେଇ ରାଜ୍ୟ ରାଜନୀତି ବେଶ ହୁଲସ୍ଥୁଲ ହୋଇଥିଲା। ଜଗତସିଂହପୁର ଜିଲ୍ଲାପାଳଙ୍କ ଏହି ସୁପାରିସ ପରେ ଖଣି ବିଭାଗ ପକ୍ଷରୁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାକୁ ଦେଖିବାକୁ ବାକି ରହିଲା।



## ନେଉଥିଲେ ୩୦ ହଜାର ଟଙ୍କା ଲାଞ୍ଚ

# ଧରାପଡ଼ିଲେ ଅତିରିକ୍ତ ତହସିଲଦାର




**ବିଞ୍ଝାରପୁର, ୧୯।୧୨(ସମିସ):** ବାଲିଘାଟ ରାସ୍ତା ଚିହ୍ନଟ କରାଇଦେବାକୁ କହି ଯାଜପୁର ଜିଲ୍ଲା ବିଞ୍ଝାରପୁର ତହସିଲର ଅତିରିକ୍ତ ତହସିଲଦାର ପ୍ରଦୀପ୍ତ କୁମାର ସେଠୀ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା ଭିଜିଲାନ୍ସ। ଘଟଣା ସ୍ଥଳରୁ ଶ୍ରୀ ସେଠୀଙ୍କୁ ଗିରଫ କରିବାସହ ତାଙ୍କ ବାସଭବନରୁ ୨ ଲକ୍ଷ ଟଙ୍କା ଜବତ କରିଛି ଭିଜିଲାନ୍ସ। ପ୍ରକାଶ ବିଞ୍ଝାରପୁର ତହସିଲ ଅନ୍ତର୍ଗତ ଖରସ୍ରୋତା ନଦୀର ମନେଇ ବାଲିଘାଟ ରାସ୍ତା ଚିହ୍ନଟ କରାଇଦେବାକୁ କହି ଫତେପୁର ପଞ୍ଚାୟତ ନାଉପାଳ ଗ୍ରାମର ନିରଞ୍ଜନ ମଲିକଙ୍କଠାରୁ ଅତିରିକ୍ତ ତହସିଲଦାର ସେଠୀ ମନେଇ ଘାଟ ନିକଟରେ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କଟକ ଓ ଯାଜପୁର ଭିଜିଲାନ୍ସ ଟିମ୍ ମାଡ଼ିବସିଥିଲେ। ସେଠାରୁ ସେଠୀଙ୍କୁ ଗିରଫକରି ଅଲାରପୁର ସ୍ଥିତ ତାଙ୍କ ବସଭବନାକୁ ନେଇଥିଲେ। ସେଠାରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହିତ ଭିଜିଲାନ୍ସ ଟିମ୍ ନଗଦ ୨ ଲକ୍ଷ ଟଙ୍କା ଜବତ କରିଥିଲା। ପରେ ସେଠୀଙ୍କୁ କଟକ ନେଇଯାଇଥିବା ବେଳେ ଯାଜପୁର ଭିଜିଲାନ୍ସର ଡିଏସ୍‌ପି ସୁଶୀଲ ଏକ୍କାଙ୍କ ସମେତ କଟକ ଭିଜିଲାନ୍ସର ଅନ୍ୟମାନେ ଉପସ୍ଥିତ ଥିଲେ।

# ବିରଜାକ୍ଷେତ୍ର ଠିକାଦାର ସଂଘର ବୈଠକ

**ଯାଜପୁର, ୧୯।୧୨(ସମିସ):** ବିରଜାକ୍ଷେତ୍ର ଠିକାଦାର ସଂଘର ସାଧାରଣ ବୈଠକ ଯାଜପୁର ସହର ସ୍ଥିତ ଶାନ୍ତି ମଣ୍ଡପରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାର ବିଭିନ୍ନ ଅଞ୍ଚଳର ଠିକାଦାର ଯୋଗଦେଇ ଟେଣ୍ଡର ବେଳେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ ଭାବରେ ଠିକାଦାର ସରକାର ନିର୍ଦ୍ଧାରଣ କରିଥିବା ସିଡୁ୍ୟଲ ରେଟ୍‌ର ପରିବର୍ତ୍ତନ ପାଇଁ ଦାବି କରିଛନ୍ତି। ମାତ୍ର ସରକାର ଦୃଷ୍ଟି ଦେଉନଥିବାରୁ ଠିକାଦାର ଅଭିଯୋଗ କରିଛନ୍ତି। ତେବେ ମାର୍କେଟରେ ଜିନିଷ ପତ୍ରର ଦରଦାମ ବୃଦ୍ଧି ପାଉଛି ଯାହାଫଳରେ ଜଣେ ଠିକାଦାର ତାର ପରିବାର ଚଳେଇବା କଷ୍ଟକର ହେଇଯାଉଛି। ଏଭଳି ପରିସ୍ଥିତି ରାଜ୍ୟ ସରକାର ସିଡୁ୍ୟଲ ରେଟ୍ ପରିବର୍ତ୍ତନ କରିବା ସାଙ୍ଗକୁ ସ୍ୱତନ୍ତ୍ର ଯୋଜନା କରିବାକୁ ଠିକାଦାର ଦାବି କରିଛନ୍ତି। ଆଜିର ଏହି ବୈଠକରେ ଦିଲ୍ଲୀପ କୁମାର ଜେନା, କେଦାର ରାଉତରାୟ, ରାଜେଶ ମହାପାତ୍ର, ନିହାର ରଞ୍ଜନ ମାନ୍ଧାତା, ଆଲୋକ ସାମଲ, ବସନ୍ତ ମିଶ୍ର, ପ୍ରଶାନ୍ତ ଦାସ, ସଞ୍ଜିବ ପରିଡ଼ା, ବିଜୟ ପରିଡ଼ା ପ୍ରମୁଖ ମଞ୍ଚାସୀନ ହୋଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ସାମଲ, ସୌମ୍ୟ ସାମଲ, ସୁଧା ଜେନା, ସମ୍ବିତ ଜେନା, ରାକେଶ ସାହୁ, ଉଦୟଭାନୁ ପତି, ଶରତ ସାହୁ, ମନୋଜ ସାହୁ, ବିଷ୍ଣୁ ନାୟକ ସମେତ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଠିକାଦାର ଉପସ୍ଥିତ ଥିଲେ।

## ଖଣି, ରାଜସ୍ୱ ଓ ପୁଲିସର ମିଳିତ ଚଢ଼ଉ

# ବାଲି ବୋଝେଇ ୩ ହାଇୱା, ୨ ଟିପ୍ପର ଜବତ



**ପାଣିକୋଇଲି, ୧୯।୧୨(ସମିସ):** ଅବୈଧ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ସମ୍ବନ୍ଧୀୟ ଅଭିଯୋଗ ପରେ ଜିଲ୍ଲା ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। କୋରେଇ ବ୍ଲକ ମିଳିତ ଜନଶୁଣାଣିରେ ଅଭିଯୋଗ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବୈଠକ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଥିଲା। ତଦନୁଯାୟୀ ଗୁରୁବାର ରାତ୍ରିରେ ବ୍ୟାସନଗର ତହସିଲ, ଖଣି ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଚଢ଼ଉ ହୋଇଥିଲା। କୋରେଇ ଥାନା ଅନ୍ତର୍ଗତ ବୈତରଣୀ ନଦୀର ରଣପୁର, ମଥୁରାପୁର ବ୍ରିଜ, ନିଶଙ୍ଗପୁର ଠାରେ ଚଢ଼ଉ କରାଯିବା ସହ ବରୁଣ୍ଡାଇ ଓ ଷଠିପୁର ଠାରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ବେଆଇନ ବାଲି ଚାଲାଣ କରୁଥିବା ଦୁଇଟି ଟିପ୍ପର (ଓଆର୦୯ଜେ୫୬୭୪, ଓଆର୦୯କେ ୪୬୮୬ ଓ ୩ଟି ହାଇୱା (ଓଆର ୨୨ଆର ୨୨୬୬, ଓଡି ୦୯କେ ୧୭୭୬, ଓଡି ୨୨ କେ ୨୨୯୫)ଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଜବତ ଗାଡି ଗୁଡିକୁ ପାଣିକୋଇଲି ଥାନା ଜିମା ଦିଆଯାଇଛି। ଏଥି ସହିତ ଜଣେ ହାଇୱା ମାଲିକ ଓ ଡ୍ରାଇଭରକୁ ଅଟକ ରଖାଯାଇଛି। ଏହି ଚଢ଼ଉରେ ଖଣିବିଭାଗ ଜୁନିୟର ମାଇନିଂ ଅଫିସର ବିଶ୍ୱଜିତ ସ୍ୱାଇଁ, ଛାୟାକାନ୍ତ ମହାନ୍ତ, ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ ଓ ପାଣିକୋଇଲି ପୁଲିସ ସହ ପୁଲିସ ମୁଖ୍ୟାଳୟର କର୍ମଚାରୀ ସାମିଲ ହୋଇଥିଲେ। ଅପରପକ୍ଷେ ଏହି ଚଢ଼ଉ ଫଳରେ ଅନେକ ଗାଡି ଭୟଭୀତ ହୋଇ ରାସ୍ତା କଡ଼ରେ ଓ ରାସ୍ତା ଉପରେ ବାଲି ଢାଳି ପଳାଇଥିବା ଦେଖାଯାଇଥିଲା। ବରୁଣ୍ଡାଇ ମହାବିଦ୍ୟାଳୟ ନିକଟ, ବରୁଣ୍ଡାଇ ବଜାର ରେଲୱେ ରାସ୍ତା ଓ ବିଭିନ୍ନ ରାସ୍ତାରେ ବାଲି ଢଳାଯାଇଥିବା ଦେଖିବାକୁ ମିଳିଛି। ଫଳରେ ଆଜି ଏହି ସବୁ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ଚୋରା ଚାଲାଣକାରୀ ନିଜକୁ ବଞ୍ଚାଇବାକୁ ରାସ୍ତାରେ ସିନା ବାଲି ଢାଳି ପଳାଇଥିଲେ। କିନ୍ତୁ ଏହା ଦ୍ୱାରା ଜନସାଧାରଣଙ୍କର କି ଅସୁବିଧା ହେଉଛି ସେ ଦିଗରେ ସେ ଧ୍ୟାନ ଦେଇନଥିଲେ। ରାସ୍ତା ସାରା କୁଢ଼ କୁଢ଼ ବାଲି ଢଳାଯାଇଥିବା ବେଳେ ପ୍ରଶାସନ ମଧ୍ୟ ସେ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଜିଲ୍ଲା ପ୍ରଶାସନର ଏଭଳି ଅତର୍କିତ ଚଢ଼ଉ କେବଳ ଅଭିଯୋଗ ପରେ ଲୋକଦେଖାଣିଆ ବୋଲି ମତ ପ୍ରକାଶ ପାଇଛି। କେତେ ଦିନ ଚଢ଼ଉ ଜାରି ରହିବ ଓ କେତେ ଗାଡି ଧରାହେବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଚଢ଼ଉକୁ ସାଧାରଣରେ ସ୍ୱାଗତ କରାଯାଇଛି।

## ନାତିର ଗାଡ଼ି ଧକ୍କାରେ ଜେଜମା' ହତ୍ୟା ମାମଲା

# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ, ମୁଖ୍ୟ ଅଭିଯୁକ୍ତ ଫେରାର

**ପାଣିକୋଇଲି, ୧୯।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ ଖାନ୍ଦରାପୁର (ସିଂଗଡ଼ା) ଗ୍ରାମରେ ନାତିର ଗାଡି ଧକ୍କାରେ ଜେଜେମା'ର ମୃତ୍ୟୁ (ହତ୍ୟା) ଘଟିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଏହା ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏ ଘଟଣାରେ ପୁଲିସ ଅଭିଯୁକ୍ତର ବାପା ଓ ସାନଭାଇକୁ ଥାନାକୁ ଆଣି ତଦନ୍ତ ଚଳାଇଥିବା ବେଳ ମୁଖ୍ୟ ଅଭିଯୁକ୍ତ ଫେରାର ରହିଛି। ପୁଲିସ ଏକ ମାମଲା ୪୦୦/୨୫ ରୁଜୁ କରି ଆଜି ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରିଛି। ଘଟଣାସ୍ଥଳେ ସାଇଣ୍ଟିଫିକ ଟିମ ପହଞ୍ଚି ଯାଞ୍ଚ କରିଛି। ପ୍ରକାଶଯେ ସିଂଗଡ଼ା ଗ୍ରାମରପୋଇନ ସାହୁ ଓ ତାଙ୍କ ସ୍ତ୍ରୀ ଜୁଳି ସାହୁଙ୍କ ଏକମାତ୍ର ପୁତ୍ର ନାରାୟଣ ସାହୁଙ୍କ ମଧ୍ୟରେ ଜମିବାଡିକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା। ନାରାୟଣ ତାଙ୍କ ବାପ ଓ ମା'ଙ୍କୁ ଖାଇବାକୁ ନଦେଇ ନାନାଦି ଅତ୍ୟାଚାର କରୁଥିଲେ। ଫଳରେ ସ୍ୱାମୀ ଓ ସ୍ତ୍ରୀ ମିଶି କିଛି ଜମି ତାଙ୍କ ବିବାହିତ ଝିଅ ଅନିତାଙ୍କ ନାମରେ କରିଥିଲେ। ପୋଇନର ମୃତ୍ୟୁ ପରେ ଜୁଳି ଅଧିକ ନିର୍ଯାତନାର ଶିକାର ହୋଇ ଝିଅ ଘରେ ଯାଇ ରହୁଥିଲେ। ଏହି ମାମଲାକୁ କେନ୍ଦ୍ର କରି ଥାନାରେ ମାମଲା ହୋଇଥିଲା। ଯେଉଁଥି ପାଇ ମା' ଓ ଝିଅ ଆଜି ଗାଁକୁ ଆସିଥିଲେ। ବୁଧବାର ଅପରାହ୍ନ ସାଢେ ୩ଟା ସମୟରେ ୧୬ ନମ୍ବର ଜାତୀୟ ରାଜପଥ ସିଂଗଡ଼ା ଗଳିପୋଲ ତଳ ସଂଯୋଗୀକରଣ ରାସ୍ତାରେ ମା' ଓ ଝିଅ ଯାଉଥିବା ବେଳେ ନାରାୟଣଙ୍କ ବଡ ପୁଅ କାର୍ତିକ ଏକ ପିକଅପ (ଓଡି ୦୪ଇ୮୫୪୭) ନେଇ ଜୁଳିକୁ ଧକ୍କା ଦେଇଥିବା ବେଳେ ଅନିତା ଡେଇଁ ପଡ଼ି ଅଳ୍ପକେ ବର୍ତ୍ତି ଯାଇଥିଲା। ଫଳରେ ଘଟଣାସ୍ଥଳରେ ବୃଦ୍ଧାରର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ପିକଅପଟି ଫେରାର ହୋଇଯାଇଥିଲା। ବାପ ପୁଅ ମିଶି ସମ୍ପତି ଲୋଭରେ ମା'କୁ ଷଡ଼ଯନ୍ତ୍ର କରି ମାରିଦେଇଥିବାର ଅଭିଯୋଗ କରିଛନ୍ତି ଅନିତା ଥାନାରେ କରିବା ସହ ଆଜି ଶବ ବ୍ୟବଚ୍ଛେଦ ପରେ ଅନିତାଙ୍କୁ ହସ୍ତାନ୍ତର କରାଯାଇଛି। ନରହନ୍ତା ନାତି ଫେରାର ହୋଇଯାଇଥିବା ବେଳେ ନାରାୟଣ ଓ ତାର ସାନପୁଅ ଗଣେଶକୁ ପୁଲିସ ଥାନାକୁ ଆଣି ତଦନ୍ତ ଚଳାଇଛି। ସମ୍ପତ୍ତି ପାଇଁ ପରିବାର ଲୋକ ଏଭଳି ନାରକୀୟ କାଣ୍ଡ ଘଟାଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି।

# ନୂତନ ପ୍ରକଳ୍ପର ଶିଳାନ୍ୟାସ



**ବରୀ, ୧୯।୧୨(ସମିସ):** ବରୀ ଅଞ୍ଚଳର ସାରନ୍ଦା ପାଟ ଭାବେ ପରିଚିତ ଶହ ଶହ ହେକ୍ଟର ଚାଷ ଜମିରେ ବନ୍ୟା ଜଳ ଜମି ରହିବା ଯୋଗୁଁ ଚାଷୀ ମାନେ ସେହି ଜମି ଉପରେ ଚାଷ କରିବା ସମ୍ଭବ ହେଉନଥିଲା। ବିଭିନ୍ନ ସମୟରେ ଏହି ଅଞ୍ଚଳର ଚାଷୀ ତଥା ବୁଦ୍ଧିଜୀବୀ ମାନେ ବନ୍ୟା ଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ସୁବିଧା କରାଯିବାକୁ ଦାବି କରି ଆସୁଥିଲେ। ସ୍ଥାନୀୟ ଚାଷୀ ମାନଙ୍କ ଦାବିକୁ ଗୁରୁତ୍ୱ ଦେଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଡ୍ରେନେଜ୍ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଘଟଣା ସ୍ଥଳକୁ ଆଣି କିଭଳି ଭାବରେ ବନ୍ୟା ଜଳ ନିଷ୍କାସନ ହେବା ସହିତ ବୁଡି ରହୁଥିବା ଜମି ଗୁଡ଼ିକ ଚାଷ ଉପଯୋଗୀ ହୋଇ ପାରିବ ବ୍ୟାପକ ଆଲୋଚନା କରିଥିଲେ। ଆଜି ସରକାରଙ୍କ ଡ୍ରେନେଜ ବିଭାଗ ପକ୍ଷରୁ ଲକ୍ଷ୍ୟ ମଞ୍ଜୁର ହୋଇ ଟେଣ୍ଡର ହେବା ପରେ ବିଧାୟକ ଶ୍ରୀ ମଲ୍ଲିକ ଏହି କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଯାହା ଫଳରେ ବରୀ, ଅରଙ୍ଗାବାଦ୍, ଅଳିପୁର୍, ବାଲିବିଲୀ ପ୍ରଭୃତି ପଞ୍ଚାୟତର ଚାଷ ଜମି ରହୁଥିବା ଚାଷୀ ମାନେ ବିଧାୟକଙ୍କ ଏତାଦୃଶ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଉକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମ ସମୟରେ ବିଧାୟକଙ୍କ ସହିତ ବିଭାଗୀୟ ଅଧିକାରୀଙ୍କ ସମେତ ବ୍ଲକ ଉପାଧକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲାପରିଷଦ ସଭ୍ୟ ଦିଲୀପ ମହାନ୍ତି, ସନ୍ତୋଷ ସାମଲ, ବରୀ ବିଜେଡି ସଭାପତି କେଦାର ସାମଲ ଜିଲ୍ଲାପରିଷଦ ପ୍ରତିନିଧି ବୁଲୁ ଯାଦବ, ସମାଜସେବୀ ଅରବିନ୍ଦ ମହାନ୍ତି, ମାନଗୋବିନ୍ଦ ସାମଲ, ଦିଲୀପ ବେହେରା, ପ୍ରସନ୍ନ ସାମଲ, ରତିକାନ୍ତ ଜେନା, ସୁଶାନ୍ତ ବେହେରା, ସାଗର ରାଏ, ପ୍ରଫୁଲ୍ଲ ସାମଲ, ପ୍ରମୋଦ ନାଥଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟ ହୀରକ ଜୟନ୍ତୀ ସମାରୋହକୁ ନେଇ ବିବାଦ

# ବିଜେପିର ରାଜନୀତିକରଣକୁ ବିରୋଧ

**ଦଶରଥପୁର, ୧୯।୧୨(ସମିସ):** ଆସନ୍ତା ୨୩ ତାରିଖରେ ଦଶରଥପୁର ବ୍ଲକର ସର୍ବପୁରାତନ ଅହିୟାସ ଉଚ୍ଚ ବିଦ୍ୟାଳୟ ୭୫ ବର୍ଷ ପୂର୍ତ୍ତ ଅବସରରେ ପାଳନ କରିବାକୁ ଯାଉଛି ତାର ହୀରକ ଜୟନ୍ତୀ। ଏହି ଜୟନ୍ତୀକୁ କିଛି କମିଟି ସଦସ୍ୟ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜେପି ଦଳର କାର୍ଯ୍ୟକ୍ରମ ଭଳି କରିଦେଇଥିବା ଅଭିଯୋଗ ହୋଇଛି। ଏଣୁ ଆଜି କିଛି ସ୍ଥାନୀୟ ଲୋକପ୍ରତିନିଧି ଏବଂ ପୁରାତନ ଛାତ୍ରମାନେ ବିଦ୍ୟାଳୟକୁ ଯାଇ ଏଭଳି କାର୍ଯ୍ୟକୁ ବିରୋଧ କରିଛନ୍ତି।




ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗାଚରଣ ଦାସ, ପୁରାତନ ଛାତ୍ର ସଭାପତି ମଦନ ମୋହନ ପାଣିଙ୍କୁ ବିଦ୍ୟାଳୟ କାର୍ଯ୍ୟାଳୟରେ ମଲିକାପୁର ପଞ୍ଚାୟତ ସମିତିସଭ୍ୟ ତଥା ବ୍ଲକ ପଞ୍ଚାୟତ ସମିତି ଅଧକ୍ଷ ଦିଗାମ୍ବର ମଲିକଙ୍କ ସମେତ ପୁରାତନ ଛାତ୍ରମାନେ ବିରୋଧ କରିଥିଲେ। ଏଥିରେ ଥିଲେ ପୂର୍ବତନ ସରପଞ୍ଚ ପ୍ରଭାତ ନାୟକ, ଜୟନ୍ତ ମହାନ୍ତି, ଶମ୍ଭୁନାଥ ପଲାଇ, ପ୍ରକାଶ ପତି, ହୃଦ୍‌ବଲ୍ଲବ ସାହୁ, ମନୋଜ ମଲିକ, ବିଶ୍ୱନାଥ ପଲାଇ, ମାନସ ରଞ୍ଜନ ମଲିକ, ଶରତ ଚନ୍ଦ୍ର ଜେନା, ଭାଗୀରଥି ସେଠୀ, ଅରୂପ ଦାସଙ୍କ ସମେତ ବହୁ ଛାତ୍ର ଉପସ୍ଥିତ ରହି ଏହି ହୀରକ ଜୟନ୍ତୀ ବିଜେପି ଦଳୀୟ କାର୍ଯ୍ୟକ୍ରମ ଭଳି ହେଉଥିବା ଅଭିଯୋଗ କରିଛନ୍ତି। ଜୟନ୍ତୀ ୩ ଦିନ ବିଜେପି ନେତା ଓ ମନ୍ତ୍ରୀକୁ ଅତିଥି କରାଯାଇଥିବା ବେଳେ ବିଦ୍ୟାଳୟରେ ଗେରୁଆ କପଡ଼ା ବନ୍ଧା ଯାଉଛି। ଏଣୁ ଆଜି ପ୍ରବଳ ବିରୋଧ ହୋଇଥିବା ଦେଖିବାକୁ ମିଳିଛି। ଯଦି ଏମିତି କରାଯାଏ ତେବେ କାର୍ଯ୍ୟକ୍ରମରେ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସୂଚନାଥାଉକି ବିଜେଡି ସରକାର ସମୟରେ ଏହି ବିଦ୍ୟାଳୟକୁ ପ୍ରାୟ କୋଟିଏ ଟଙ୍କାର ଅନୁଦାନ ଦିଆଯାଇଥିବା ବେଳେ ବିଜେଡି ନେତାଙ୍କୁ ଏହି କାର୍ଯ୍ୟକ୍ରମରେ ଅଣଦେଖା କରାଯାଇଛି ବୋଲି ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ କଂଗ୍ରେସ ସରକାର ସମୟରେ ବିଦ୍ୟାଳୟକୁ ସରକାରୀ ମାନ୍ୟତା, ସରକାରୀ ଶିକ୍ଷକ ମାନ୍ୟତା, ବିଦ୍ୟାଳୟ କୋଠରି ସହ ଆନୁସାଙ୍ଗିକ ମିଳିଥିଲା, କିନ୍ତୁ ଦଳର ଅନୁଦାନକୁ କମିଟି ଏବଂ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭୁଲିଯିବାକୁ ସୁବର୍ଣ୍ଣ ଜୟନ୍ତୀ କମିଟିର ସାଧାରଣ ସମ୍ପାଦକ ତଥା ବରିଷ୍ଠ କଂଗ୍ରେସ ନେତା ଅଶୋକ ମହାନ୍ତି ନାପସନ୍ଦ କରିବା ସହିତ ନିନ୍ଦା କରିଛନ୍ତି। ଏହି ଉତ୍ସବ ସର୍ବଦଳୀୟ ହେଉ କିମ୍ବା ଶିକ୍ଷାବିତ, ସମାଜସେବୀଙ୍କୁ ନେଇ କରାଯାଉ ବୋଲି ବିଜେଡି ଓ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏବିଷୟ ପୁରାତନ ଛାତ୍ର ସଭାପତି ମଦନ ମୋହନ ପାଣିଙ୍କୁ ପଚାରିବାରେ ଅଭିଯୋଗ ଆସିଥିଲା ତାହାକୁ ଆମେ ସଂଶୋଧନ କରିଦେବୁ ବୋଲି ସୂଚନା ଦେଇଛନ୍ତି।

# ବାଇକ୍ ଆରୋହୀଙ୍କଠାରୁ ଲୁଟ୍ ଉଦ୍ୟମ

**ଧର୍ମଶାଳା, ୧୯।୧୨(ସମିସ):** ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥର ଗୋକର୍ଣ୍ଣେଶ୍ୱର ନିକଟରୁ ଜଣେ ବାଇକ ଆରୋହୀ ଦୁର୍ବୃତ୍ତଙ୍କ ଲୁଟ ଉଦ୍ୟମର ଶିକାର ହୋଇଥିବା ବେଳେ ବାଇକ୍‌ରୁ ପଡ଼ି ଗୁରୁତର ଅବସ୍ଥାରେ ଧର୍ମଶାଳା ଗୋଷ୍ଠୀ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ବାଇକ୍ ଆରୋହୀ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଅବସ୍ଥା ଗୁରୁତର ହୋଇ ଥିବା କାରଣରୁ କଟକ ବଡ ମେଡିକାଲ କୁ ସ୍ଥାନାନ୍ତର କରାଯାଇଥିବା ଜଣା ପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱର ଅଞ୍ଚଳର ବସନ୍ତ କୁମାର ରଣା ଅଟୋ ମୋବାଇଲ ପାର୍ଟସର ମାର୍କେଟିଙ୍ଗ କାର୍ଯ୍ୟ କରନ୍ତି। ସେ ଶୁକ୍ରବାର ଭୁବନେଶ୍ୱରରୁ ନିଜ ଗ୍ଲାମର ବାଇକ ଯୋଗେ ଜାରକା ରେ ଥିବା ଏକ ଦୋକାନକୁ ଆସି କାମ ସାରି କୁଆଖିଆ ଫେରୁଥିଲେ। ସେଠାରୁ ଫେରିବା ସମୟରେ ବ୍ରାହ୍ମଣୀ ବ୍ରିଜ ନିକଟ ରେ ଏକ ବାଇକରେ ଦୁଇ ଜଣ ତାଙ୍କ ପଛ ପଟୁ ଆସି ତାଙ୍କ ମୋବାଇଲ ଛଡାଇ ନେବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହି ସମୟ ରେ ବସନ୍ତ ବାଇକ ରୁ ତଳେ ପଡ଼ି ଯାଇଥିଲେ ଓ ଲୁଟେରା ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ବସନ୍ତର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଧର୍ମଶାଳାରୁ କଟକ ମେଡିକାଲକୁ ସ୍ଥାନାନ୍ତର କରା ଯାଇଛି। ସେ ବିଭିନ୍ନ ସମୟରେ ଜାରକା ଓ କୁଆଖିଆ ଅଞ୍ଚଳକୁ ଆସୁଥିବା ବେଳେ ଟଙ୍କା ନେଇ ଫେରୁଥିବାରୁ କେହି ଦୁର୍ବୃତ୍ତ ତାଙ୍କୁ ଅନୁସରଣ କରି ଲୁଟ ଉଦ୍ୟମ କରିଥିବା ସନ୍ଦେହ କରାଯାଉଛି।

# ବ୍ୟାସନଗରରେ ଖିମଜୀ ଜୁଏଲର୍ସର ୧୧ତମ ଶୋ'ରୁମ୍



**ବ୍ୟାସନଗର, ୧୯।୧୨(ସମିସ):** ଖିମଜୀ ଜୁଏଲର୍ସ ଶନିବାର ଯାଜପୁର ରୋଡ୍‌ରେ ଏହାର ଭବ୍ୟ ୬୦୦୦ ବର୍ଗଫୁଟର ଶୋ'ରୁମ୍ ଖୋଲିବାକୁ ଯାଉଛି। ସହରର ପଙ୍କଜ ହୋଟେଲ ନିକଟସ୍ଥ ବ୍ୟାଙ୍କ ଷ୍ଟ୍ରିଟ୍ ରୋଡରେ ଅବସ୍ଥିତ ଏହି ଶୋ'ରୁମ ଯାଜପୁର ରୋଡ୍ର ସବୁଠାରୁ ବଡ଼ ଜୁଏଲରୀ ଶୋ'ରୁମ୍ ଏବଂ ବ୍ରାଣ୍ଡର ଓଡ଼ିଶାରେ ୧୧ତମ ଶୋ'ରୁମ୍। ଏଠାରେ ସୁନା, ହୀରା, ପ୍ଲାଟିନମ୍ ଓ ରୁପା ଗହଣାର ବିଶାଳ ଓ ଅସାଧାରଣ ସଂଗ୍ରହ ସହିତ ବିଭିନ୍ନ ପ୍ରକାରର ଫ୍ୟାଶନ ଗହଣା ଏବଂ କର୍ପୋରେଟ୍ ଉପହାର ସାମଗ୍ରୀ ବିକଳ୍ପମାନ ଉପଲବ୍ଧ। ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ, ନିର୍ଦ୍ଦେଶକ ସୁମୀତ ଖିମଜୀ, ଖିମଜୀ ପରିବାରର ସଦସ୍ୟମାନେ ଏବଂ ଅନେକ ବିଶିଷ୍ଟ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ କାଳଜୟୀ ସୁନା ଓ ହୀରା ଗହଣାରୁ ଆରମ୍ଭ କରି ନୂଆ ରୁପା ଓ ଫ୍ୟାଶନ ଗହଣା ପର୍ଯ୍ୟନ୍ତ ରହିଛି। ଏହି ଷ୍ଟୋର୍ କର୍ପୋରେଟ୍ ଉପହାରର ବଢୁଥିବା ଚାହିଦାକୁ ମଧ୍ୟ ପୂରଣ କରିବ ଏବଂ କର୍ପୋରେଟ୍ କ୍ଲାଏଣ୍ଟମାନଙ୍କ ପାଇଁ ଅନନ୍ୟ ଓ ବେସ୍ପୋକ୍ ଉତ୍ପାଦ ପ୍ରଦାନ କରିବ।

**ଯାଜପୁର ରୋଡ୍‌ର ସବୁଠାରୁ ବଡ଼ ଷ୍ଟୋର୍**

ଏହି ଅବସରରେ ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି, ଯାଜପୁର ରୋଡ୍ ଦୀର୍ଘ କାଳରୁ ଓଡ଼ିଶାର ଶିଳ୍ପ ବିକାଶର କେନ୍ଦ୍ରବିନ୍ଦୁ ରହିଛି ଏବଂ ଆଜି ଏହା ଉଦୀୟମାନ ଆକାଂକ୍ଷା ଓ ବିକଶିତ ଜୀବନଶୈଳୀର ଏକ ପ୍ରମୁଖ ସ୍ଥାନ। ନୂଆ ଶୋ'ରୁମ୍ ମାଧ୍ୟମରେ ଆମେ ଗ୍ରାହକମାନଙ୍କୁ କେବଳ ଆମର ବିଶ୍ୱାସ ଓ କାରିଗରୀର ଐତିହ୍ୟ ନୁହେଁ ବରଂ ସେମାନଙ୍କ ଆଧୁନିକ ଓ ପ୍ରିମିୟମ୍ ଜୀବନଶୈଳୀର ଆକାଂକ୍ଷା ସହିତ ମିଶୁଥିବା ଡିଜାଇନ୍ ମଧ୍ୟ ଆଣିବୁ। ନୂଆ ଶୋରୁମର ଶୁଭାରମ୍ଭ ପୂର୍ବରୁ ବିଶେଷ ଉଦଘାଟନୀ ଅଫର୍ ଘୋଷଣା କରାଯାଇଛି। ଗ୍ରାହକମାନେ ସୁନା ଗହଣାର ନିର୍ମାଣ ଶୁଳ୍କରେ ଫ୍ଲାଟ୍ ୫୦ପ୍ରତିଶତ ରିଆତି, ହୀରାରେ ୨୦ପ୍ରତିଶତ ପର୍ଯ୍ୟନ୍ତ ରିଆତି, ରୂପା ଓଜନ ଆଇଟମର ଗଢ଼ା ମୂଲ୍ୟରେ ଫ୍ଲାଟ୍ ୨୫ପ୍ରତିଶତ ରିଆତି, ରୁପା ଓ ଫ୍ୟାଶନ ଗହଣା ଏମ୍‌ଆରପି ଆଇଟମରେ ଫ୍ଲାଟ୍ ୧୫ପ୍ରତିଶତ ରିଆତି ଏବଂ ଆର୍ଟିଫ୍ୟାକ୍ଟସର ଫ୍ଲାଟ୍ ୧୦ପ୍ରତିଶତ ରିଆତି ପାଇପାରିବେ।

# ଶୀତୁଆ ସଞ୍ଜରେ ଜମୁଛି ଖରସ୍ରୋତା ପୁସ୍ତକ ମେଳା

**ସିଂହପୁର, ୧୯।୧୨(ସମିସ)**

ଶୀତ ଯେତେ ବଢୁଛି, ଖରସ୍ରୋତା ପୁସ୍ତକ ମେଳାରେ ଗହଳି ସେତେ ସେତେ ବଢୁଛି। ଶୀତୁଆ ସଞ୍ଜରେ ବେଶ ଜମୁଛି ଏହି ପୁସ୍ତକ ମେଳା। ଗ୍ରାମାଞ୍ଚଳରେ ହୋଇ ମଧ୍ୟ ଲୋକଙ୍କ ଆଗ୍ରହ ଦିନକୁ ଦିନ ଏଠାରେ ବଢ଼ିବାରେ ଲାଗିଛି। ପୁସ୍ତକ ମେଳା କମିଟିର ପ୍ରତିଷ୍ଠାତା ସଭାପତି ପଦ୍ମାକର ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଚତୁର୍ଥ ସନ୍ଧ୍ୟାର ସାରସ୍ୱତ ସଭାରେ ପଣ୍ଡିତ ସୂର୍ଯ୍ୟମଣୀ ଖୁଣ୍ଟିଆ ଉଦ୍‌ଘାଟକ ରୂପେ ଯୋଗଦେଇ ପୁସ୍ତକର ବିକଳ୍ପ ସଂସାରରେ ଆଉ ମିଳିବ ନାହିଁ। ଗ୍ରାମାଞ୍ଚଳରେ ଖରସ୍ରୋତା ପୁସ୍ତକ ମେଳା ଏକ ବିପ୍ଳବର ଅଗ୍ନି ସୃଷ୍ଟି କରିପାରିଛି ବୋଲି କହିଥିଲେ। ବିଶିଷ୍ଟ ସାହିତ୍ୟିକ ବିଭୂତି ମିଶ୍ର, ମୁଖ୍ୟ ବକ୍ତା ଭାବେ ପ୍ରଧାପକ ଦୁଷ୍ମନ୍ତ କୁମାର ନାୟକ ଯୋଗଦେଇଥିଲେ। ବିଶିଷ୍ଟ ବକ୍ତା ଭାବେ ସ୍ତମ୍ଭକାର ଓ ଲେଖକ ଅମୀୟ ପାଣ୍ଡବ, ବରେଣ୍ୟ ବକ୍ତା ଭାବେ କଳିଙ୍ଗନଗର ପୁସ୍ତକ ମେଳାର ସଭାପତି ବିଦ୍ୟାଧର ମହାନ୍ତି, ସମ୍ମାନିତ ଅତିଥି ରୂପେ ବିଞ୍ଝାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାଙ୍ଗଠନିକ ସମ୍ପାଦକ ନାରାୟଣ ଚନ୍ଦ୍ର ଦାସ ଓ ଲୋତକ ବିନ୍ଦୁ ଦାସ ଯୋଗଦେଇଥିଲେ। ଉପଦେଷ୍ଟା ଅକ୍ଷୟ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ସୁବାସ ଚନ୍ଦ୍ର ସାହାଣି ଧନ୍ୟବାଦ୍ ଅର୍ପଣ କରିଥିଲେ। ଚତୁର୍ଥ ଦିବସର ପୂର୍ବାହ୍ନ ଓ ଅପରାହ୍ନରେ ଛବିଳ ଓଡ଼ିଆ ମଧୁ ବର୍ଣ୍ଣବୋଧ ପଠନ ପ୍ରତିଯୋଗିତା, ପିଏମ୍‌ଶ୍ରୀ ଉତ୍ତଙ୍ଗରା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଛାୟା ବିଧାନସଭା ଅନୁଷ୍ଠିତ ହୋଇଥିଲା। ନାଉପାଳ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ଶାରୀରିକ ଓ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ ହୋଇଥିଲା। ସାରସ୍ୱତ ଆସର ପରେ ତପସ୍ୱିନୀ ଓ ସାଇନିଂ ଡ୍ୟାନ୍ସ ଗ୍ରୁପ୍‌ର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ରମାକାନ୍ତ ନାୟକ, ରବିନାରାୟଣ ସାମଲ, ପ୍ରତିଜ୍ଞା ସାହୁ, ଭାରତ ଭୂଷଣ ମଲ୍ଲିକ, ଟିକିଲତା ବେହେରା, ଧନେଶ୍ୱର ଦାସ, ସନ୍ତୋଷ କୁମାର ନାୟକ, ସମସ୍ତ ସିଆର୍‌ସିସି, ଅମ୍ବିକା ପ୍ରସାଦ ସାମଲ, ବସନ୍ତ କୁମାର ସାହୁ, ଚତୁର୍ଭୁଜ ସାହୁ, ସରୋଜ ପାଗଳ, ଗନ୍ଧର୍ବ ଦାସ, ଏବିଓ ନିଜାମୁଦ୍ଦୀନ ଖାନ୍, ଆଲୋକ ଦାସ, କୃଷ୍ଣଚନ୍ଦ୍ର ଥାଟୋଇ, ବିଷ୍ଣୁଚରଣ ସାମଲ, ସୁଧୀର କୁମାର ଆଚାର୍ଯ୍ୟ, ଉମେଶ ଚନ୍ଦ୍ର ସାମଲ, ଡାକ୍ତର ଭାଗ୍ୟରଥି ମଲ୍ଲିକ, ଅର୍ଜୁନ ଚରଣ ରାଉତ୍, ସୁଶାନ୍ତ କୁମାର ଜେନା ପ୍ରମୁଖ ସଂଯୋଜନା କରିଥିଲେ।




# ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**କବାଟବନ୍ଧ, ୧୯।୧୨(ସମିସ):** ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏକ ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଗୁରୁତର ବାଇକ୍ ଆରୋହି ଜଣକ କେନ୍ଦ୍ରାପଡ଼ା ଜିଲ୍ଲା କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଭିତରବମ୍ପୁ ଗ୍ରାମର ବିକାଶ ମହାପାତ୍ର (୪୫) ବୋଲି ସୂଚନା ମିଳିଛି। ପ୍ରାପ୍ତ ଖବର ଅନୁସାରେ ବିକାଶ କୌଣସି କାମରେ ଡୁବୁରୀ ପଟରୁ ନିଜ କାମ ସାରି ନିଜ ବାଇକ ନମ୍ବର ଓଡ଼ି ୦୫ ବିସି ୦୮୦୩ ରେ କେନ୍ଦ୍ରାପଡ଼ା ଫେରୁଥିବା ସମୟରେ ଜେନାପୁର ଥାନା ଅନ୍ତର୍ଗତ ବାଲିସାହି ଛକ ନିକଟରେ ଏକ ୧୮ ଚକିଆ ଟ୍ରେଲର ପଛରେ ପିଟି ହୋଇଥିଲେ। ଫଳରେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଧର୍ମଶାଳା ମେଡ଼ିକାଲ ନିଆଯାଇଥିଲା। ତାଙ୍କର ସେଣ୍ଟ୍ରାଲ ଭେନ ଆଘାତ ହେବା ସହିତ ବାମ ପାର୍ଶ୍ୱ ମଥାରେ ଆଘାତ ହୋଇଥିବା ଜଣାପଡ଼ିଛି। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ମେଡ଼ିକାଲ ସ୍ଥାନାନ୍ତରିତ କରାଯାଇଛି। ଘଟଣା ସ୍ଥଳରୁ ଟ୍ରେଲର ଗାଡ଼ିଟି ପଳାଇ ଯାଇଥିବା ସୂଚନା ମିଳିଛି।

### ଆଖଣ୍ଡଳମଣି ପୀଠର ପରିକ୍ରମା ମାର୍ଗକାର୍ଯ୍ୟ

# ବିସ୍ଥାପିତ ପରିବାରଙ୍କ ଥଇଥାନ ଦାବି

ଭଦ୍ରକ/ଆରଡି/ଅସୁରାଳି, ୧୯।୧୨(ସମିସ):



ବାବା ଆଖଣ୍ଡଳମଣି ପୀଠର ପରିକ୍ରମା ମାର୍ଗ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିସ୍ଥାପନ ପରିବାରମାନେ ସହଯୋଗ କରିବା ସହିତ ନିଜର ଦାବି ଜଣାଇଛନ୍ତି। ପୂର୍ବରୁ ନିଷ୍ପତ୍ତି ଅନୁଯାୟୀ, ଜମିହରାଙ୍କୁ ପୁନର୍ବାସ ସୁବିଧା ଦେବା ଏବଂ ଦିଅଁଙ୍କ ସେବା ପୂଜାରେ ଉଦ୍ଦିଷ୍ଟ ସାମଗ୍ରୀ, ପାତ୍ର-ପାନ୍ତା, ବାସନ ଆଦି ରଖିବା ପାଇଁ ଘର ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିସ୍ଥାପନ ପରିବାରମାନେ ମନୋରଞ୍ଜନ ପାଢ଼ୀ, ଶିବାନୀ ପାଢ଼ୀ, ବଂଶୀଧର ପାଢ଼ୀ, କେଦାରନାଥ ପାଢୀ, ବଙ୍କିମ ପାଢ଼ୀ, ଦୋଳଗୋବିନ୍ଦ ପାଢ଼ୀ, କୁମାର ପଣ୍ଡା, ଚିନ୍ତାମଣି ପଣ୍ଡା ପ୍ରମୁଖ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଭେଟି ଲିଖିତ ଆବେଦନ ଦେଇଛନ୍ତି। ସେମାନଙ୍କ କହିବାନୁଯାୟୀ, ପୀଠର ପରିକ୍ରମା ମାର୍ଗ କାର୍ଯ୍ୟ ସମାଜିକ ଓ ଧାର୍ମିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିସ୍ଥାପନ ପରିବାରଙ୍କୁ ଯଥାପ୍ରକାର ସୁବିଧା ଯୋଗାଇ ନଦେଲେ ସେମାନଙ୍କ ଜୀବନଜୀବିକା ଓ ପୂଜାପାଠରେ ବାଧା ସୃଷ୍ଟି ହେବ। ଜିଲ୍ଲାପାଳଙ୍କୁ ଦାବି କରିଥିବା ପରିବାରମାନେ କହିଛନ୍ତି, 'ଆମେ ପରିକ୍ରମା ମାର୍ଗ କାର୍ଯ୍ୟରେ ସହଯୋଗୀ। କିନ୍ତୁ ଆମର ପୂଜା-ପାଠ ପାଇଁ ଆବଶ୍ୟକୀୟ ସାମଗ୍ରୀ ରଖିବାକୁ ଘର ଏବଂ ପୁନର୍ବାସ ସୁବିଧା ଦେବାକୁ ପ୍ରଶାସନ ତ୍ୱରାନ୍ୱିତ କରିବା ଆବଶ୍ୟକ'। ଏହି ଦାବିରେ ସ୍ପଷ୍ଟ ଯେ ବିସ୍ଥାପନ ପରିବାରମାନେ ପୀଠର ପରିକ୍ରମା ମାର୍ଗ କାର୍ଯ୍ୟକୁ ସମର୍ଥନ କରୁଥିବା ସତ୍ତ୍ୱେ, ସେମାନଙ୍କ ଧାର୍ମିକ ଓ ପାରିବାରିକ ଆବଶ୍ୟକତା ପୂରଣ ପାଇଁ ପ୍ରଶାସନକୁ ନ୍ୟାୟୋଚିତ ଭାବେ ବ୍ୟବସ୍ଥା ଗ୍ରହଣ କରିବାକୁ ଦୃଷ୍ଟି ଆକର୍ଷଣ କରାଯାଇଛି।

## ସ୍ୱତନ୍ତ୍ର ଜନଶୁଣାଣି ଶିବିର



ବାରିକପୁର, ୧୯।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅନୀତା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଶିବିରରେ ବିଡିଓ ଦେବଦତ୍ତ ଦାଶ, ତହସିଲଦାର ରୋଜାଲିନ ବେହେରା, ସମିତିସଭ୍ୟ ଗୁରୁପ୍ରସାଦ ଗିରି, ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ସମାଜ ମଙ୍ଗଳ ଅଧିକାରୀ ସୁଜୟ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ଯେଉଁମାନେ ଜଙ୍ଗଲ ଓ ଗୋଚର ଅନାବାଦୀ ଜମି ଜବରଦଖଲ କରି ସେଠାରେ ସରକାରୀ ବାସଗୃହ ନିର୍ମାଣ କରିଛନ୍ତି ସେନେଇ ଜନଶୁଣାଣି ହୋଇଥିଲା। ଏହାଛଡ଼ା ଆଦିବାସୀଙ୍କୁ ପଟ୍ଟା ପ୍ରଦାନ ପାଇଁ ଅଧିକାରୀମାନେ ଲୋକଙ୍କ ସହ ମଧ୍ୟ ବିଭିନ୍ନ ଆଲୋଚନା କରିଥିଲେ। ସମାଜସେବୀ ନିଳାମ୍ବର ରାଉତ, ପ୍ରାକ୍ତନ ସରପଞ୍ଚ ସୁବାସ କାଣ୍ଡି, ପର୍ଶୁରାମ ପରିଡା, ମଧୁସୁଦନ ଦତ୍ତ, ଅଭୟ ବେହେରା ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା ଓ ଜନସାଧାରଣ ଯୋଗ ଦେଇଥିଲେ।

## ସ୍ୱଚ୍ଛ ବିଦ୍ୟାଳୟ ପରିଦର୍ଶନ



ବାରିକପୁର, ୧୯।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକର ଦୁଇଟି ସ୍ୱଚ୍ଛ ବିଦ୍ୟାଳୟକୁ ଆଜି ଶିକ୍ଷା ବିଭାଗ ପକ୍ଷରୁ ଦୁଇ ଜଣ ଅଧିକାରିଣୀ ପରିଦର୍ଶନ କରିଛନ୍ତି। ଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶିକା ପ୍ରାଚୀ ତନୟା ଗିରି ଓ ଭଦ୍ରକ ଜିଲ୍ଲା ସମଗ୍ର ଶିକ୍ଷା ସଂଯୋଜିକା ଇତିଶ୍ରୀ ମିଶ୍ର ବଦାଳମଡିଆଳୀ ଉଚ୍ଚବିଦ୍ୟାଳୟଠାରେ ପହଞ୍ଚି ସ୍ୱଚ୍ଛତା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପ୍ରଧାନଶିକ୍ଷକ ସୁଦର୍ଶନ ସେଠୀଙ୍କ ସହିତ ଏନେଇ ବିଭିନ୍ନ ଆଲୋଚନା କରିଥିଲେ। ସେହିଭଳି ଆଖୁଆପଦା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟ ଅଧିକାରିଣୀଦ୍ୱୟ ପରିଦର୍ଶନ କରିଥିଲେ। ସେଠାରେ ସିଆରସିସି ଦୁର୍ଗାପ୍ରସାଦ ମାର୍ଥା ଓ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମହାନ୍ତିଙ୍କ ସହ ସ୍ୱଚ୍ଛତା ନେଇ ବିଭିନ୍ନ ଆଲୋଚନା କରିଥିଲେ। ବିଦ୍ୟାଳୟ ପରିସର, ଶିକ୍ଷାଦାନ ଗୃହ ଓ ପାକଶାଳାକୁ ବୁଲି ଦେଖିଥିଲେ। ଏଥିରେ ଶିକ୍ଷକ ନରେନ୍ଦ୍ର ସେଠୀ, ଗାୟତ୍ରୀ ସାହୁ, ଧନେଶ୍ୱର ସାହୁ, ଦୀପ୍ତିପ୍ରଭା ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ବିଏଲ୍‌ଓଙ୍କ ପ୍ରଶିକ୍ଷଣ ଶିବିର



ବାରିକପୁର, ୧୯।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ସଭାଗୃହ ମଧ୍ୟରେ ବୁଥସ୍ତରୀୟ ଅଧିକାରୀଙ୍କୁ ଆଜି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରୁ ୧୨୦ ବିଏଲଓ ଏବଂ ୧୨ ଜଣ କ୍ଷେତ୍ର ପରିଦର୍ଶକ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିଲେ। ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରିଣୀ ବିଳାସିନୀ ସେନାପତି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିକ୍ରମ ସାହୁ ସମସ୍ତଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି।

## ବାପୁଜୀ ନୋଡାଲ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଅସୁରଳି,୧୯।୧୨(ସମିସ): ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ଅଧୀନ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୁପ୍ତେଶ୍ୱର ସିଂଙ୍କ ସଞ୍ଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜିତ ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ପଞ୍ଚସଖା ଶିକ୍ଷା ସେତୁ ସଭାପତି କାଶୀନାଥ ମହାନ୍ତି, କ୍ଷୀରୋଦ ବଳ, ରତ୍ନାକର ବେହୁରିଆ ପ୍ରମୁଖ ସମଗ୍ର ମାନବ ଜାତିର ବିକାଶରେ କ୍ରୀଡ଼ା ସଂଯୋଗ ସେତୁ ବୋଲି କହିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସହକାରୀ ଶିକ୍ଷକ ଅଜୟ କୁମାର ବେହେରା।

### ■ ଦିବ୍ୟାଙ୍ଗଙ୍କଠାରୁ ଲାଞ୍ଚ ଘଟଣା

## ଆର୍‌ଆଇ ବଦଳିଲେ, ପିଅନ ବିଦା

ଭଦ୍ରକ,୧୯।୧୨(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅଧୀନ ଇରମ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବେସରକାରୀ ଭାବେ କାର୍ଯ୍ୟରତ ପିଅନ କାଳିଆ ବେହେରା ଜଣେ ଦିବ୍ୟାଙ୍ଗଙ୍କଠାରୁ ଆର୍‌ଆଇ ରିପୋର୍ଟ ପାଇଁ ୨ ଶହ ଟଙ୍କା ଲାଞ୍ଚ ନେବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ



ଖବର ପ୍ରକାଶ ପାଇଥିଲା। ଘଟଣାକୁ ନେଇ ଜିଲ୍ଲାପାଳ ଦିଲୀପ ରାଉତରାଏ ତୁରନ୍ତ ବାସୁଦେବପୁର ତହସିଲଦାରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ଆଧାରରେ ଗୁରୁବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ଯୋଗେନ୍ଦ୍ର ମାଝୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ବେସରକାରୀ ଭାବରେ କାର୍ଯ୍ୟରତ ପିଅନ କାଳିଆ ବେହେରାଙ୍କୁ ଚାକିରିରୁ ବିଦା କରାଯାଇଛି।

## ଏସ୍‌ଏଜେ ହାଇସ୍କୁଲର ବାର୍ଷିକ କ୍ରୀଡ଼ା





ଦୋବଲ,୧୯।୧୨(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲସ୍ଥିତ ଏସଏଜେ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ସନ୍ନିକଟ ଖେଳ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସରପଞ୍ଚ ଅଶୋକ କୁମାର ପଣ୍ଡା, ଅନ୍ୟତମ ଅତିଥିଭାବେ ସିଆରସିସି ହାପା ମାରାଣ୍ଡି, ପୂର୍ବତନ ଏବିଇଓ ଭୋଳାନାଥ ସାହୁ, ପରିଚାଳନା କମିଟି ସଭାପତି ତପନ ଦାସ, ଶିକ୍ଷକ ଉତ୍ତମ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟତ୍ରୀ ଉଜ୍ଜ୍ୱଳିତା ଦ୍ୱିବେଦୀ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସରୋଜିନୀ ନାୟକ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ କବିତା ପଣ୍ଡା, ମନୋସ୍ୱିନୀ ବେହେରା, ସୁମିତ୍ରା ଦାସ, ହରପ୍ରିୟା ଜେନା ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷୟତ୍ରୀ ସ୍ୱଚ୍ଛନ୍ଦା ତ୍ରିପାଠୀ, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ରାଉତ, ଶକୁନ୍ତଳା ମାରାଣ୍ଡି, ଦେବଜାନୀ ମହାନ୍ତି, ରାବେୟା ଖାତୁନ୍, ଅମଳା ଦାସ, ସବିତା ରାଉତ, ଅବତାର ଖାଁ ଖେଳ ପରିଚାଳନା କରିଥିଲେ। ୨ ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଅଜଗର ଉଦ୍ଧାର

କବାଟବନ୍ଧ,୧୯।୧୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଗଡ଼ମଧୁପୁର ପଞ୍ଚାୟତ ପଞ୍ଚବଟି ଏବଂ ସୁନାମୁହିଁ ମନ୍ଦିର ନିକଟରୁ ଏକ ଅଜଗର ସାପକୁ ଉଦ୍ଧାର କରାଯାଇଛି। ସ୍ନେକ ହେଲ୍ପ ଲାଇନ ସଦସ୍ୟ କାର୍ତ୍ତିକ ଚନ୍ଦ୍ର ଜେନାଙ୍କ ଦ୍ୱାରା ସାପଟିକୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଅଜଗର ସାପଟି ପ୍ରାୟ ୧୨ ଫୁଟ ଲମ୍ବ ହେବ ବୋଲି ଅନୁମାନ କରାଯାଉଛି। କଟକ ବନଖଣ୍ଡ ବୈରୀ ଡାଳିଯୋଡ଼ା ରେଞ୍ଜ ଅଧିନ ଗଡ଼ମଧୁପୁର ବନାଞ୍ଚଳ ଅଧିନ ଗଡ଼ମଧୁପୁର ସୁନାମୁହିଁ ମନ୍ଦିର ନିକଟରେ ଏକ ପୋଖରୀ ହୁଡ଼ାରେ ସାପଟିକୁ ଦେଖିବାକୁ ମିଳିଥିଲା। ଉକ୍ତ ପୋଖରୀରେ ମାଛ ଧରୁଥିବା ଲୋକେ ଗଡ଼ମଧୁପୁର ବନ ବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ବନ କର୍ମଚାରୀ ବିଜୟ କୁମାର ପ୍ରଧାନ, ତୋଫାନ କର ଏବଂ ସ୍ନେକ ହେଲ୍ପ ଲାଇନର ସଦସ୍ୟ କାର୍ତ୍ତିକ ଚନ୍ଦ୍ର ଜେନା ପହଞ୍ଚି ସାପଟିକୁ ସୁରକ୍ଷିତ ଉଦ୍ଧାର କରିଥିଲେ। ଉଦ୍ଧାର ସାପଟିକୁ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।

# ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବାରିକପୁର,୧୯।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଆଜି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବାଲିପୋଖରୀ ସୁକଦେବ ଜେନା ହାଇସ୍କୁଲରେ ପ୍ରଧାନଶିକ୍ଷକ ଭଗବାନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ଅନୀଲ କୁମାର ଦାସ, ମୁଖ୍ୟବକ୍ତା ସାହିତ୍ୟିକ ମମତାରାଣୀ ମିଶ୍ର, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଅକ୍ଷୟ ତ୍ରିପାଠୀ, ପ୍ରଧାନଶିକ୍ଷକ ସମୀର ଚୌଧୁରୀ, ସମାଜସେବୀ ସଞ୍ଜୀବ ପରିଡା, ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପଞ୍ଚାୟତ ଅଞ୍ଚଳର ଦୁଇ ପ୍ରତିଭା ଓଏସ ଉତ୍ତୀର୍ଣ୍ଣ ରୂପେଶ ରାଉତ ଓ ଓଏଫଏସପ୍ରାପ୍ତ ଅଭିଷେକ ମଲିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ସହକାରୀ ଶିକ୍ଷକ ବନମାଳୀ ସିଂ ଅତିଥି ପରିଚୟ ଓ ରାମଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଓମ୍ ପ୍ରକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ସେହିଭଳି ଜଳହରି ସାରସ୍ୱତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଗୋପାଳ ଗୌର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ଆଲୁମିନି କମିଟି ସଭାପତି ନାରାୟଣ ଚନ୍ଦ୍ର ଦାଶ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ କାଳନ୍ଦୀ ପରିଡା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତଥା ଆଲୁମିନି କମିଟି ଉପସଭାପତି ରାଜେନ୍ଦ୍ର ଶତପଥୀ, ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ନବକିଶୋର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ମୃତିଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜକିଶୋର ଗ୍ରାମମଙ୍ଗଳ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଭଣ୍ଡାରିପୋଖରୀ,୧୯।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ ବନସ୍ତା ରାଜକିଶୋର ଗ୍ରାମ ମଙ୍ଗଳ ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କ୍ରୀଡାକୁ ପ୍ରଧାନଶିକ୍ଷକ ରାଜକିଶୋର ଜେନା ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ଲମ୍ବଡିଆଁ, ଉଚ୍ଚଡିଆଁ, ୧୦୦ ମିଟର ଦୌଡ, ୪ଶହ ମିଟର ଦୌଡ, ସଟପୁଟ, ଡିସକସ ଥ୍ରୋ, କବାଡି, ଧିର ସାଇକେଲ ଚାଳନା, କ୍ରିକେଟ ଆଦି ବିଗରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଚିତ୍ତରଞ୍ଜନ ବୋଇତାଇ, ଚିତ୍ତରଞ୍ଜନ ମହାପାତ୍ର, ଘନଶ୍ୟାମ ସାହୁ, ବିଦ୍ୟାଧର ଦ୍ୱିବେଦୀ, ପିତାମ୍ବର ଗ୍ରହାଚାର୍ଯ୍ୟ, ବ୍ରହ୍ମାନନ୍ଦ ରାଏ ଓ ଶିକ୍ଷାକର୍ମଚାରୀ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ଉପସଭାପତି, ଶିକ୍ଷାସଂଯୋଜକ ଦୁର୍ଗାପ୍ରସାଦ ମାର୍ଥା, ପୂର୍ବତନ ସମ୍ପାଦକ ନଟବର ପଣ୍ଡା, ସମାଜସେବୀ ଜଗତରଞ୍ଜନ ବେହେରା, ବିଦ୍ୟାଳୟ ପୁରାତନ ଛାତ୍ର କମିଟି ସଭାପତି ରାଜକିଶୋର ଧଳ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।



## କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ





ମଙ୍ଗଳପୁର,୧୯।୧୨(ସମିସ): ଦଶରଥପୁର ବ୍ଲକ କମାରଡ଼ିହି ପଞ୍ଚାୟତ ଜୟଚଣ୍ଡୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ତ୍ରିଦିବସୀୟ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର କ୍ରୀଡାର ପ୍ରଥମ ଦିନରେ କମାରଡ଼ିହି ପଞ୍ଚାୟତର ସରପଞ୍ଚ ଚିତ୍ତରଞ୍ଜନ ନାୟକଙ୍କ ଦ୍ୱାରା କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଥିବା ବେଳେ ୩ ଦିନ ଧରି ଅନୁଷ୍ଠିତ ହୋଇଆସୁଥିବା କ୍ରୀଡ଼ା ଉତ୍ସବଟି ଆଜି ଉଦ୍‌ଯାପିତ ହୋଉଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଡାକ୍ତର ହେମନ୍ତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥିଭାବେ ସିଆର୍‌ସିସି ପ୍ରିୟରଞ୍ଜନ ଦାସ, ଶିକ୍ଷାବିତ ତଥା ସମାଜସେବୀ ବୈକୁଣ୍ଠ ନାଥ ପରିଡା, ମଧୁସୂଦନ ପୃଷ୍ଟି, ଭାଗୀରଥି ପୃଷ୍ଟି, ମଳୟ କୁମାର ପଣ୍ଡା, ଧୀରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷାବିତ ତଥା ସମାଜସେବୀ ବୈକୁଣ୍ଠ ନାଥ ପରିଡା ଛାତ୍ରଛାତ୍ରୀଙ୍କ ମେଧାବୃତ୍ତି ନିମନ୍ତେ ଖୁଲଣା ସୁନ୍ଦରୀ ଓ ଦୀନବନ୍ଧୁ ମେଧାବୃତ୍ତି ନାମରେ ବିଦ୍ୟାଳୟକୁ ଏକ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା କ୍ରୀଡ଼ାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ





ଭଦ୍ରକ, ୧୯।୧୨(ସମିସ):

ଦୁଇ ଦିନ ଧରି ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆବଜାର, ଭଦ୍ରକର ଦ୍ୱିଚତ୍ୱାରିଂଶତମ ବାର୍ଷିକୋତ୍ସବ ଛପୁଲିଆସ୍ଥିତ ନୂତନ ଶିଶୁ ବାଟିକା ଭବନରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସର ସଭାରେ ବିଦ୍ୟାଳୟର ପୂର୍ବଛାତ୍ର ତଥା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ସଭାମଣ୍ଡନ କରିଥିଲେ। ଉପସଭାପତି ଅମ୍ବିକା ବଲ୍ଲଭ ସ୍ୱାଇଁ ଅତିଥିଙ୍କ ରିଚୟ କରିଥିଲେ। ବିଦ୍ୟାଳୟର ସଭାପତି ବ୍ରଜକିଶୋର ବଳ ସଭାପତିତ୍ୱ କରିଥିଲା ବେଳେ ସମ୍ପାଦକ ବିଭୂଚନ୍ଦନ ଜେନା ସ୍ୱାଗତ ଭାଷଣ ସହ ବିଶେଷ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସମ୍ପନ୍ନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରାନ୍ତ ସହ ପ୍ରଚାରକ ଓଡ଼ିଶା (ପୂର୍ବ) ଅସିତ୍ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମାୟାଧର ଲେଙ୍କା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ମୁଖପତ୍ର 'ଭାରତୀ'ର ଉନ୍ମୋଚନ କରାଯିବା ସହ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କୋଷାଧ୍ୟକ୍ଷ ବସନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଉକ୍ତ ଦୁଇ ଦିନର ବିବିଧ କାର୍ଯ୍ୟକ୍ରମକୁ ସଠିକ୍ ପରିଚାଳନା କରିଥିଲେ। ଗତକାଲିର ଉଦ୍‌ଘାଟନୀ ଉତ୍ସବରେ ଭଦ୍ରକର ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମୁଖ୍ୟଅତିଥି, ପ୍ରାଧ୍ୟାପକ ଅମୂଲ୍ୟ ପ୍ରସାଦ ନାୟକ, ସମ୍ପାଦକ, ପୂର୍ବୋତ୍ତର ସମ୍ଭାଗ ଶିକ୍ଷା ବିକାଶ ସମିତି, ଓଡ଼ିଶା, ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ବ୍ରଜକିଶୋର ବଳ। ସମ୍ପାଦକ ବିଭୁ ଚନ୍ଦନ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦିକା ମିଲି ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଅମ୍ବିକା ବଲ୍ଲଭ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ବସନ୍ତ ମହାନ୍ତି, ସଦସ୍ୟ ସର୍ବେଶ୍ୱର ମହାପାତ୍ର ଓ ସଦସ୍ୟା ରୀନାରାଣୀ ଯେନା ଆସନ ମଣ୍ଡନ କରିଥିଲେ। ପୂର୍ବୋତ୍ତର ସମ୍ଭାଗର ସମ୍ଭାଗ ସଂଯୋଜକ ବିଭୂତି ଭୂଷଣ ପାଇକରାୟ, ଭଦ୍ରକ ଜିଲ୍ଲା ପ୍ରମୁଖ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ପୂର୍ବୋତ୍ତର ସମ୍ଭାଗର କୋଷାଧ୍ୟକ୍ଷ ସରୋଜ କୁମାର ଓଝା ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ପରେ ବିଦ୍ୟାଳୟର ଶିଶୁ ଭାଇ ଓ ଭଉଣୀମାନଙ୍କ ଦ୍ୱାରା ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

## ଉଦଳା ମହୋତ୍ସବ 'ଧୁମୂସା'ର ଷଷ୍ଠ ସନ୍ଧ୍ୟା

# ଆଦିବାସୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନୃତ୍ୟ ମନ ମୋହିଲା

ଉଦଳା,୧୯।୧୨(ସମିସ)



ମହୋତ୍ସବର ନାମକରଣ ଅନୁସାରେ ମଞ୍ଚରେ ଦେଖାଗଲା ଝଲକ। ମଞ୍ଚ ଉପରେ ପରମ୍ପରାର ଝଲକ ଓ ନୃତ୍ୟ ହିଁ ଦର୍ଶାଇଲା ଉଦଳା ମହୋତ୍ସବରେ ଆଦିବାସୀ କଳାକୁ ସବୁଠାରୁ ଦିଆଯାଏ ଅଧିକ ପ୍ରାଧାନ୍ୟ। ଉଦଳା ମହୋତ୍ସବ ଧୁମୂସାର ଷଷ୍ଠ ସନ୍ଧ୍ୟା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ଆୟୋଜିତ ହୋଇଥିବାବେଳେ ମଞ୍ଚ ହିଁ କହିଥିଲା ଆଦିବାସୀଙ୍କ କଥା ଓ ଗାଥା। ଯାହା ଦେଖିବା ପରେ ଉପସ୍ଥିତ ଅତିଥି ଉଦଳା ମହୋତ୍ସବର ନାମ ଧୁମୂସା ଯେ କେତେ ଯଥାର୍ଥ ତାହାକୁ ନେଇ ନିଜର ବକ୍ତବ୍ୟ ରଖିଥିଲେ। ଉଦଳା ମହୋତ୍ସବ ନିଆରା ଓ ସ୍ୱତନ୍ତ୍ରତା ଏତେ ଭିନ୍ନ ଯେ ମଞ୍ଚରେ ଆଦିବାସୀ ପରମ୍ପରାରେ ବାହାଘରଠାରୁ ଆରମ୍ଭ କରି ବିଭିନ୍ନ ପର୍ବର ରୂପରେଖ ଦେଖିବାକୁ ମିଳିଥିଲା। ଶୀତୁଆ ସନ୍ଧ୍ୟାରେ ଆୟୋଜିତ ଏହି ଷଷ୍ଠ ସନ୍ଧ୍ୟାରେ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ, ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଉଦଳା ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ନୃତ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିଲା। ବିଶେଷକରି ମଞ୍ଚରେ ସହିଦ ବିର୍ସା ମୁଣ୍ଡାଙ୍କ ଜୀବନ କାହାଣୀ ସମସ୍ତଙ୍କୁ ଉତ୍ସାହିତ କରିଥିଲା। ଏହି ଶୀତୁଆ ସନ୍ଧ୍ୟାର ସାଂସ୍କୃତିକ ମଞ୍ଚକୁ ଅଧିକ ଆକର୍ଷଣୀୟ କରିଥିଲା ହାସ୍ୟ ଅଭିନେତା ପପୁ ପମ ପମଙ୍କ କମେଡି। ଯେଉଁ କମେଡିରେ ହସି ହସି ନାକେଦମ ହୋଇଥିଲେ ଦର୍ଶକ।

● କଣ୍ଟିପାଳ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

## ଗୋଟିଏ ଭୋଟ୍ ନାକଚ, ଆସିଲେନି ସରପଞ୍ଚ



ଆନନ୍ଦପୁର,୧୯।୧୨(ସମିସ): ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ସରପଞ୍ଚ ପଦ୍ମିନୀ ନାୟକଙ୍କ ବିରୋଧରେ ଅନାସ୍ଥା ଭୋଟିଂ ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି। ଭୋଟିଂରେ ସରପଞ୍ଚ ଅନୁପସ୍ଥିତ ରହିଥିବା ବେଳେ ଜଣେ ୱାର୍ଡସଦସ୍ୟଙ୍କ ଭୋଟ ନାକଚ ହୋଇଯାଇଥିବା ସୂଚନା ମିଳିଛି। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ, ଚଳିତ ମାସ ୩ ତାରିଖ ଅନାସ୍ଥା ଭୋଟିଂ ପାଇଁ ଧାର୍ଯ୍ୟ ହୋଇଥିଲା, କୌଣସି ଅପରିହାର୍ଯ୍ୟ ପରିସ୍ଥିତି କାରଣରୁ ଭୋଟିଂ ସ୍ଥଗିତ ହୋଇଯାଇଥିଲା। ଅନାସ୍ଥା ଆଣିଥିବା ୮ ଜଣ ସଭ୍ୟସଭ୍ୟା ପଞ୍ଚାୟତ ସାମ୍ନାରେ ଧାରଣା ଦେଇଥିଲେ। ପୁନର୍ବାର ଆନନ୍ଦପୁର ଉପଜିଲ୍ଲାପାଳ କଣ୍ଟିପାଳ ଗ୍ରାମପଞ୍ଚାୟତ ଅନାସ୍ଥା ପ୍ରସ୍ତାବ ପାଇଁ ଡେପୁଟି କଲେକ୍ଟର ସଞ୍ଜୟ ସାମନ୍ତରାୟ, ପଞ୍ଚାୟତ କାର୍ଯ୍ୟାଳୟରେ ୧୯ ତାରିଖ ପୁନର୍ବାର ଭୋଟିଂ ହେବ ବୋଲି ନୋଟିସ୍ ଜାରି କରିଥିଲେ। ଆଜି ଏସଡିପିଓ ପ୍ରଶାନ୍ତ ବେହେରା, ଆନନ୍ଦପୁର ଥାନାଧିକାରୀ ଫନୀନ୍ଦ୍ର ନାଏକ, ଆନନ୍ଦପୁର ତହସିଲଦାର ସୁଶ୍ରୀ ପଲ୍ଲଭି ପ୍ରିୟଦର୍ଶିନୀଙ୍କ ସହ ଏକ ପ୍ଲାଟୁନ ପୁଲିସ ମୁତୟନ ହୋଇ ଶାନ୍ତିଶୃଙ୍ଖଳା ଭାବେ ଭୋଟ ଗ୍ରହଣ କରାଯାଇଥିଲା।

## ଡିସିସି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ



ବାରିପଦା,୧୯।୧୨(ସମିସ): ସ୍ଥାନୀୟ ଭଞ୍ଜପୁରସ୍ଥ ଡିସିସି ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ପରିଚାଳକ ଅଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଅନ୍ତର୍ନିବେଶୀ ଶିକ୍ଷାର ଜିଲ୍ଲା ସଂଯୋଜକ ନିରଞ୍ଜନ ନାୟକ, ବିଆରସିସି ତପସ୍ୱିନୀ ଦାଶ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଯୋଗଦେଇ ପୁରସ୍କାର ବିତରଣ କରିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଦିଗନ୍ତ ଶିକ୍ଷା ପରିବାରର ମୁଖ୍ୟ ଉପଦେଷ୍ଟା ଗଣେଶ ବେହେରା ମଞ୍ଚ ପରିଚାଳନା କରିଥିଲେ। ତନ୍ମୟ ଜେନା, ସୁପ୍ରିୟା ଜେନା, ଜୀବନ କୃଷ୍ଣ, ସ୍ମିତା ଦିଦି, ସଂଗୀତା ଦିଦି, ସୁଶ୍ରୀ ଦିଦି, ବିରେନ ସାର, ରାକେଶ ସାର, ନିହାରିକା ଦିଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏ ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମନୋଜ କୁମାର ପଣ୍ଡା ଓ ଶାରଦା ପ୍ରସାଦ ବାରିକଙ୍କୁ ଦିଗନ୍ତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉନ୍ନତି ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସୁନୀଲ ପାଲବାବୁ, ଭକ୍ତବନ୍ଧୁ ତୁଙ୍ଗ ଓ ଦୁର୍ଗାପ୍ରସାଦ ମହାନ୍ତଙ୍କୁ ଦିଗନ୍ତ ସେବକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ହାଇସ୍କୁଲ ପରୀକ୍ଷାରେ ଜିଲ୍ଲାରେ ୩୫ତମ ଓ ୪୩ତମ ସ୍ଥାନ ରଖି ଜିଲ୍ଲା ପାଇଁ ସୁନାମ ଆଣିଥିବା ଜିଜ୍ଞାସା ମିଶ୍ର ଓ ଆଦ୍ୟାଶା ଅନିନ୍ଦିତା ଦାନ, ବ୍ଲକ୍‌ରେ ୧୧ଶ, ୩୧ତମ ଓ ୫୮ତମ ସ୍ଥାନ ରଖିଥିବା ପ୍ରତିଚିନ୍ତା ସାହୁ, ସୀତା ହେମ୍ବ୍ରମ ଓ ସୁଭାଶିଷ ପାଢ଼ୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୧୭ ବର୍ଷରୁ କମ ମହିଳା ଫୁଟବଲ ଦଳରେ ଆକାସି



କେନ୍ଦୁଝର,୧୯।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବସ୍ତିର ଗୋଲଡେନ ଗାର୍ଲ ଆକାସି ନାଏକ ଭାରତୀୟ ସାମ୍ଯାବ୍ୟ ୧୭ ବର୍ଷରୁ କମ ମହିଳା ଦଳରେ ଓଡିଶାରୁ ଏକମାତ୍ର ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ଏହାସହ ସେ କେନ୍ଦୁଝର ଜିଲ୍ଲା ସହ ସମଗ୍ର ରାଜ୍ୟକୁ ଗୌରାବାନ୍ୱିତ କରିଛନ୍ତି। ଆକାସି ଏହି କ୍ୟାମ୍ପରେ ଯୋଗ ଦେବା ପାଇଁ ବେଙ୍ଗାଲୁରୁର ହାରୋହଲ୍ଲୀ ଅଭିମୁଖେ ଯାତ୍ରା କରିଥିବାର ଜଣାଯାଇଛି। ଏହି କ୍ୟାମ୍ପରୁ ସାଫ ଗେମ୍ସ ଏବଂ ଏଏଫସି କମ୍ପିଟିସନ ପାଇଁ ୧୭ ବର୍ଷରୁ କମ ମହିଳା ଭାରତୀୟ ଦଳ ଚୟନ କରାଯିବ। ଗ୍ରାମାଞ୍ଚଳର ଏହି ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରି ଜିନ୍ଦଲ ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ କୋଚ କୃଷ୍ଣଚନ୍ଦ୍ର ମହାନ୍ତ ତାଙ୍କୁ ପ୍ରଥମେ ୨୦୨୦ରେ ଜଜାଙ୍ଗର ଜେଏସଡବ୍ଲୁକୁ ଆଣି ଫୁଟବଲ ଖେଳ ପ୍ରଶିକ୍ଷଣ ଦେଇଥିଲେ। ପରେ ସେ ନିଜର ଦୃଢ ମନୋବଳ ଏବଂ କଠିନ ପରିଶ୍ରମ ବଳରେ ନିଜର ଖେଳରେ ବହୁତ କିଛି ଉନ୍ନତି ଆଣି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୨୨ରେ ସୁନ୍ଦରଗଡ଼ରେ ଅବସ୍ଥିତ ରାଜ୍ୟ କ୍ରୀଡା ଛାତ୍ରାବାସରେ ଯୋଗଦାନ କରି ନିଜର ଖେଳରେ ଅନେକଟା ଉନ୍ନତି ଆଣିଥିଲେ। ଆକାସି ୨୦୨୩ରେ ସବଜୁନିଅର ନ୍ୟାସନାଲରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବାର ପ୍ରଥମ ସୁଯୋଗ ପାଇଥିବା ବେଳେ ୨୦୨୪ ଏବଂ ୨୦୨୫ରେ ଜୁନିଅର ନ୍ୟାସନାଲରେ ରାଜ୍ୟ ଦଳକୁ ପ୍ରତିନିଧିତ୍ୱ କରିଥିଲେ। ଭାରତୀୟ ସାମ୍ଯାବ୍ୟ ୧୭ ବର୍ଷରୁ କମ ମହିଳା ଶିବିରରେ ଯୋଗ ଦେବାକୁ ଯାଉଥିବା ଆକାସିଙ୍କୁ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ହରିପୁର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ପୁରୁଣିଆ,୧୯।୧୨(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ବାଛୁରୀପଡା କ୍ଲଷ୍ଟରର ହରିପୁର ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରାଜେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ଓ କ୍ରୀଡା ପତାକା ଉତ୍ତୋଳନ ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କାର୍ତ୍ତିକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ରାଜେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡା ମନସ୍କ ହେବାକୁ ଆହ୍ୱାନ ଦେଇଥିଲେ। କରକଚିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବନ ସନ୍ଦେଶ ପତ୍ରିକାର ସଂପାଦକ ଗୋବିନ୍ଦ ମହାନ୍ତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କେଶୁରା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃତ୍ତିବାସ ପଢ଼ିଆରୀ, ଦୁର୍ଗାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବର୍ଷା ପ୍ରିୟଦର୍ଶିନୀ ଦାସ, ରାଧିକା ମହାନ୍ତ, ଜ୍ୟୋସ୍ନାରାଣୀ ମହାନ୍ତ ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଯତୀନ୍ଦ୍ର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୧୦୦ ମିଟର, ୨୦୦ ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ସଟପୁଟ, ଡିସକସ ଆଦି ବିଭିନ୍ନ ବିଭାଗରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସୁବାସ ଜେନା ଓ ବିଶ୍ୱଜିତ ବେହେରା ଖେଳ ପରିଚାଳନା କରିଥିଲେ।

## ପଡୋଶୀ ଧାନ ରୋକିବାକୁ ମୟୂରଭଞ୍ଜ ସୀମାନ୍ତରେ ଚେକ୍‌ପୋଷ୍ଟ

ବାରିପଦା,୧୯।୧୨(ସମିସ): ପଡୋଶୀ ରାଜ୍ୟର ଧାନ ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲାକୁ ପ୍ରବେଶ ରୋକିବାକୁ ସୀମାନ୍ତ ଅଞ୍ଚଳର ସଡ଼କ ପଥରେ ଚେକ ପୋଷ୍ଟ କରାଯିବ। ଏ ନେଇ ଜିଲ୍ଲାପାଳ ହେମକାନ୍ତ ସଏ ମୟୂରଭଞ୍ଜ ଏସପିଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ଓଡିଶାରେ ଧାନ କ୍ରୟ ମୂଲ୍ୟ ବୃଦ୍ଧି ପାଇଁ ପଡୋଶୀ ରାଜ୍ୟରୁ ବେଆଇନ ଧାନ ପରିବହନ ରୋକିବାକୁ ସୀମାକୁ ସିଲ୍ କରାଯିବାକୁ ଉଲ୍ଲେଖ ରହିଛି। ଝାଡଖଣ୍ଡ ଓ ପଶ୍ଚିମବଙ୍ଗରୁ ବେଆଇନ ଧାନ ଚାଲାଣ ଓ ପ୍ରବେଶ ଆଶଙ୍କାରେ ଏପରି କଡା ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସୀମାନ୍ତ ଅଞ୍ଚଳରେ ପ୍ରବେଶ ପଥରେ ସିସିଟିଭି କ୍ୟାମେରା ଲଗାଯାଇଛି। ଚଳିତ ଖରିଫ ଋତୁରେ ୨୬ ତାରିଖରୁ ସରକାରୀ ସ୍ତରରେ ଧାନ କିଣା ଆରମ୍ଭ ହେବାକୁ ଯାଉଛି। ଏହାର ଚୋରି ଓ ପଡୋଶୀ ରାଜ୍ୟରୁ ଆମଦାନୀକୁ ରୋକିବା ପାଇଁ ଜିଲ୍ଲା ସୀମାନ୍ତବର୍ତ୍ତୀ ପ୍ରବେଶ ପଥରେ କଡାକଡି ବ୍ୟବସ୍ଥା କରାଯାଇଛି। ଏପରିକି ମୁଖ୍ୟ ପ୍ରବେଶ ପଥରେ ଚେକ ପୋଷ୍ଟ ନିର୍ମାଣ ପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟ ଚିଠିନଂ ୫୭୪୩/ ୧୮ ଡିସେମ୍ବର ୨୦୨୫ରେ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଅବଗତ କରିଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବେତନଟୀ,୧୯।୧୨(ସମିସ): ଗରୁଡ଼ବସାସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ତଥା ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ଭାବେ ବାରିପଦା ଉପଜିଲ୍ଲାପାଳ ଡକ୍ଟର ଦୟାସିନ୍ଧୁ ପରିଡ଼ା ଓ ସମ୍ମାନିତ ଅତିଥି ଭାବେ ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା, ଅତିରିକ୍ତ ତହସିଲଦାର ଈଶ୍ୱର ରଣା, ୩୫ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱନାଥ ହେମ୍ବ୍ରମ, ଏମପିସି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ସିଂ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ପିଲାଙ୍କୁ ଚରିତ୍ରବାନ ଓ ପରିଶ୍ରମୀ ହେବାକୁ ପରାମର୍ଶ ଦେଇଥିଲେ। ସେ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ଶିକ୍ଷକମଣ୍ଡଳୀଙ୍କ ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ଅଧ୍ୟକ୍ଷ ତୁଷାରକାନ୍ତ ମହାପାତ୍ର ବାର୍ଷିକ ରିପୋର୍ଟରେ ଶିକ୍ଷା, କ୍ରୀଡା, ବିଜ୍ଞାନ, ସାହିତ୍ୟ, କଳା ଓ ସହପାଠ୍ୟ କାର୍ଯ୍ୟକଳାପରେ ବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା ବିଷୟରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏ ଅବସରରେ ବିଭିନ୍ନ ପରୀକ୍ଷା, କ୍ରୀଡା ଓ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ଓଡ଼ିଶୀ, ସମ୍ବଲପୁରୀ, ସନ୍ତାଳୀ ନୃତ୍ୟ, ଦେଶଭକ୍ତିମୂଳକ ଗୀତ, ସାମାଜିକ ସଚେତନତାଭିତ୍ତିକ ନାଟକ ଓ ଏକାଙ୍କିକା ପରିବେଷଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଶିଳ୍ପସମ୍ପନ୍ନ ନୃତ୍ୟ ଭାଙ୍ଗି, ସୁରିଲା କଣ୍ଠସ୍ୱର ଓ ଅଭିନୟ କୁଶଳତା ସମସ୍ତଙ୍କୁ ଅଭିଭୂତ କରିଥିଲା। ଶିକ୍ଷକ/ଶିକ୍ଷୟିତ୍ରୀ ପୀତବାସ ସାହୁ, ସୁମନ୍ତ ସେଠୀ, ଶାନ୍ତିଭୂଷଣ ପାଣ୍ଡେ, ରାଜଶ୍ରୀ ସିଂ, ଶାଶ୍ୱତୀ ପଣ୍ଡା, ଧର୍ମପଦ ନନ୍ଦୀ, ସନ୍ତୋଷ ବେହୁରିଆ, ସତ୍ୟନାରାୟଣ ମହାନ୍ତ, ଭାରତୀ ମାଝୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁଜାତା ପ୍ରଧାନ, ରାଜେଶ୍ୱରୀ ଜେନା, ପ୍ରତୀକ୍ଷା ସାହୁ, ବିଦ୍ୟାଳୟ ଛାତ୍ରୀନିବାସ ପରିଚାରିକା ପଦ୍ମାବତୀ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପୀତବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




## ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ତୁରୁମୁଙ୍ଗା, ୧୯।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କମଳାକାନ୍ତ ପତିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଅଜୟ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶ, ପାଟଣା ସରପଞ୍ଚ ବିନତି ବାନରା, ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ୟୋତିର୍ମୟ ତ୍ରିପାଠୀ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କ୍ଷୀରୋଦଚନ୍ଦ୍ର ମିଶ୍ର, ଓଏସଏମସି ସଭାପତି କଳ୍ପତରୁ କର ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଓ ମେଧା ଅନ୍ୱେଷଣରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ପ୍ରକାଶ ମିଶ୍ର, ସୁଶାନ୍ତ ମହାନ୍ତ, ଯୁଗଜ୍ୟୋତି ମହାନ୍ତ, ଶୋଭାଗିନୀ ମହାନ୍ତ, ସସ୍ମିତା ନାୟକ, ମାଧବାନନ୍ଦ ମହାନ୍ତ, ପ୍ରମୁଖ ଉପସ୍ଥିତ ଥିଲେ।

## ଦାଦନ ଯାଇ ନାବାଳକ ନିଖୋଜ

ଯୋଡ଼ା, ୧୯।୧୨(ସମିସ): ଯୋଡ଼ା ପୌରପାଳିକା ୮ ନମ୍ବର ୱାର୍ଡର ଜଣେ ନାବାଳକ ଗତ ଅକ୍ଟୋବର ଗୁଜୁରାଟକୁ କାର୍ଯ୍ୟ ଅନ୍ୱେଷଣରେ ଯାଇ ହଜି ଯାଇଥିବା ଖବର ହସ୍ତଗତ ହୋଇଛି। ଯୋଡ଼ା ଅଞ୍ଚଳର ପାଞ୍ଚ ଜଣ ଯୁବକ ଗୁଜୁରାଟ ରାଜ୍ୟକୁ କାମ କରିବା ପାଇଁ ଘରୁ ବାହାରିଥିଲେ। ଉଭୟଙ୍କୁ ତିନି ଚାରିଦିନ ଲାଗିଥିବା ବେଳେ ନେଇଥିବା ଅର୍ଥ ସରିଯାଇଥିଲା ହେଲେ କୌଣସି ଜାଗାରେ କାର୍ଯ୍ୟ ମିଳି ପାରି ନ ଥିଲା। ଏହାକୁ ନେଇ ଯୋଡ଼ାରୁ ଯାଇଥିବା ଅନ୍ୟ ଯୁବକମାନେ ସେଠାରେ ଭୋକ ଉପାସରେ ରହି କାମଧନ୍ଦା ଖୋଜିବାକୁ ରହିଯାଇଥିବା ବେଳେ ଯୋଡ଼ା ପୌରପାଳିକା ୮ ନମ୍ବର ୱାର୍ଡ ପାତ୍ର ବସ୍ତିରୁ ଯାଇଥିବା ସଂଜୀବ ଲୋହାର ସେଠାରୁ ଚାଲି ଆସିଥିଲେ। ସେ କଲିକତା ହାୱଡ଼ାକୁ ଆସି ଘର ଲୋକଙ୍କୁ ସହଯାତ୍ରୀଙ୍କଠାରୁ ଫୋନ ଆଣି ସବୁକଥା କହିଥିଲେ। ନଭେମ୍ବର ୨୮ ର ଏହି ଘଟଣା ହୋଇଥିବା ବେଳେ ସଂଜୀବ ଲୋହାରର ଫେରିବା ରାସ୍ତାକୁ ବାପାମା' ଭାଇଭଉଣୀ ଅପେକ୍ଷା କରି ବସିଛନ୍ତି।

## ୨୩ରେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଜେଏମ୍‌ଏମ୍‌ର ଧାରଣା

ମୋରଡ଼ା,୧୯।୧୨(ସମିସ): ମୋରଡ଼ା ବ୍ଲକ ଝାରଖଣ୍ଡ ମୁକ୍ତିମୋର୍ଚ୍ଚା ସଂଗଠନ ପକ୍ଷରୁ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶକ୍ରମେ ମୋରଡ଼ା ବ୍ଲକ କର୍ମୀ ଶୁକ୍ରବାର ଉପଜିଲ୍ଲାପାଳକୁ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନକୁ ନେଇ ୨୩ ତାରିଖ ଧାରଣା ଦେବା ନିମନ୍ତେ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡିଥିବା ଡାକ୍ତର ପଦବୀ ଶୀଘ୍ର ପୂରଣ କରାଯିବା ସହିତ ଶିଶୁ ରୋଗ ବିଶେଷଜ୍ଞ, ଭେଷଜ, ଅସ୍ତ୍ରୋପଚାର ଓ ସ୍ତ୍ରୀ, ପ୍ରସୂତୀ ରୋଗ ବିଶେଷଜ୍ଞଙ୍କୁ ଶୀଘ୍ର ନିଯୁକ୍ତି ଦିଆଯିବା, ରୋଗୀ ସେବା ପାଇଁ ଅଲଟ୍ରାସାଉଣ୍ଡ ଓ ଏକ୍ସରେ ମେସିନ ସ୍ଥାପନ କରାଯିବା ପାଇଁ ଦାବିପତ୍ର ଉଲ୍ଲେଖ ରହିଛି। ଉକ୍ତ ଦାବିପତ୍ର ବେତନଟୀ ଏସଡିପିଓ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସାସ୍ଥ୍ୟ ଅଧିକାରୀଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

## ଆଜିଠୁ ଜିଲ୍ଲା ନୋଡାଲ ଅଧିକାରୀ ଗସ୍ତ

ରାଇରଙ୍ଗପୁର,୧୯।୧୨(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ମୁଖ୍ୟ ଶାସନ ସଚିବ ତଥା ମୟୂରଭଞ୍ଜ ଜିଲ୍ଲାର ନୋଡାଲ ଅଧିକାରୀ ଶୁଭା ଶର୍ମା ଜିଲ୍ଲା ଗସ୍ତରେ ଆସୁଛନ୍ତି। ମୟୂରଭଞ୍ଜ ଜିଲ୍ଲାର ପାଞ୍ଚପିଢ଼ ଓ ବାମନଘାଟି ଉପଖଣ୍ଡର ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଶନିବାର ସକାଳେ ଭୁବନେଶ୍ୱରରୁ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ପ୍ରଥମେ ଠାକୁରମୁଣ୍ଡାରେ ପୂର୍ବାହ୍ନ ୧୦ଟାରେ ପହଞ୍ଚିବେ। ଏହାପରେ ସାତକୋଶିଆ, ଠାକୁରମୁଣ୍ଡା, ଘୁଲଘୁଲିଆ ପୋଷଣ କେନ୍ଦ୍ର ଓ ସିଏଚସି ଆଦି ପରିଦର୍ଶନ କରିବେ। ସୋମବାର ଯଶିପୁର ଓ ରାଇରଙ୍ଗପୁର ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ପାଞ୍ଚପିଢ଼ ଓ ବାମନଘାଟି ଉପଖଣ୍ଡର ବିଭିନ୍ନ ସ୍ଥାନରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିବେ। ଏଥିସହିତ ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରିବେ। ମଙ୍ଗଳବାର କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ସେ ମୟୂରଭଞ୍ଜ ଜିଲ୍ଲାର ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ନେଇଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



କୁଆମରା,୧୯।୧୨(ସମିସ): ଗୋପବନ୍ଧୁ ନଗର ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୩ଟି ପଞ୍ଚାୟତରୁ ୬୩୧ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ଅସ୍ଥିଶଲ୍ୟ, ଶ୍ରବଣ, ମାନସିକ, ଦୃଷ୍ଟିଶକ୍ତି, ସ୍ନାୟୁ ପ୍ରଭୃତି ରୋଗୀଙ୍କୁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ବିଭିନ୍ନ ବିଭାଗରୁ ଯୋଗ ଦେଇଥିବା ଡାକ୍ତର ଏସପି ଜେନା, ଡାକ୍ତର ମୋହନ ଚରଣ ମୁର୍ମୁ, ଡାକ୍ତର ବିଏନ୍ ଦାସ, ଡାକ୍ତର ଚୁନୁରାମ ସୋରେନ, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ପରୀକ୍ଷା କରିଥିଲେ। ୧୩୨ ଜଣଙ୍କୁ ବସ୍ ପାସ, ୧୦୪ ଜଣଙ୍କୁ ଇନକମ୍ ସାର୍ଟିଫିକେଟ, ତିନିଜଣଙ୍କୁ ବାଣିଶ୍ରୀ, ୧୨୪ ଜଣଙ୍କୁ ବିଭିନ୍ନ ଉପକରଣ, ୧୧ ଜଣଙ୍କୁ ଲୋନ ପ୍ରଭୃତି ପ୍ରଦାନ କରାଯାଇଛି। ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଡିଓ ପୃଥ୍ୱିରାଜ ପରିଡା, ଉଦଳା ବିଏସ୍‌ଏସ୍‌ଓ ମୁରଲୀଧର ଚନ୍ଦ, ଗୋପବନ୍ଧୁ ନଗର ବିଏସ୍‌ଏସ୍‌ଓ ଦେବାଶିଷ ବେହେରା, ଦୀପକ ଜେନା, ସତ୍ୟବ୍ରତ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସ୍ୱଧର୍ମକୁ ଫେରିଲେ ହୋ' ଜନଜାତିର ୩୦ ଜଣ



ବାରିପଦା, ୧୯।୧୨(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ପଞ୍ଚାୟତର ଡଙ୍ଗାଡିହାଠାରେ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଅନୁଷ୍ଠିତ ପରାବର୍ତ୍ତନ କାର୍ଯ୍ୟକ୍ରମରେ ୩୦ ଜଣ ପୁରୁଷ ଓ ମହିଳା ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସମସ୍ତଙ୍କୁ ସଂଗଠନ ପକ୍ଷରୁ ନୂତନ ବସ୍ତ୍ର ପ୍ରଦାନ ପରେ ସ୍ଥାନୀୟ ବିଧିରେ ପୂଜାପାଠ ପରେ ସମସ୍ତେ ନିଜ ପୂର୍ବ ଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସ୍ୱଧର୍ମକୁ ଫେରିଥିବା ସମସ୍ତେ ହୋ ଜନଜାତିର ହୋଇଥିବା ଜଣାଯାଇଛି। ଆରଏସଏସର ଜିଲ୍ଲା ସଂଘ ଚାଳକ ରତିକାନ୍ତ ବୈଦ୍ୟ, ବିଭାଗ ସଂଗଠନ ସମ୍ପାଦକ ଘନଶ୍ୟାମ ମହାନ୍ତ ଓ ଜିଲ୍ଲା ଶ୍ରଦ୍ଧା ଜାଗରଣ ପ୍ରମୁଖ ଚୈତନ୍ୟ ଆଲଦା ପରାବର୍ତ୍ତନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମୟୂରଭଞ୍ଜ ଜିଲ୍ଲାରେ ବେଆଇନ ଭାବେ ଧର୍ମାନ୍ତରଣ ଚାଲିଥିବାବେଳେ ସଚେତନ ନାଗରିକ ଓ କେତୋଟି ହିନ୍ଦୁ ସଂଗଠନ ଏହାକୁ ନେଇ ଚିନ୍ତା ପ୍ରକଟ କରିଥିଲେ।

# 'ତିନିକୋଣର ସମାହାର ହିଁ ବିଦ୍ୟା ରୂପକ ମନ୍ଦିରର କଳ୍ପନା'

ଚମ୍ପୁଆ, ୧୯।୧୨(ସମିସ)

**ପିଏମଶ୍ରୀ ମହତାବ ଉଚ୍ଚବିଦ୍ୟାଳୟର ୭୬ତମ ବାର୍ଷିକ ଉତ୍ସବ**




ଚମ୍ପୁଆସ୍ଥିତ ୧୯୪୮ରେ ସ୍ଥାପିତ ପିଏମଶ୍ରୀ ମହତାବ ଉଚ୍ଚ ବିଦ୍ୟାଳୟର ୭୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲ, ସମ୍ମାନିତ ଅତିଥି ଭାବରେ ସହକାରୀ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଚମ୍ପୁଆ ଓକିଲ ସଂଘ ସଭାପତି ରମେଶଚନ୍ଦ୍ର ପ୍ରଧାନ, ଝୁମ୍ପୁରା ବ୍ଲକ ଶିକ୍ଷାଧିକାରୀ ତଥା ପ୍ରଧାନଶିକ୍ଷକ ଭଗବାନ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏମଡି ମାସୁକ ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉଚ୍ଚବିଦ୍ୟାଳୟର ଗାରିମାମୟ ଇତିହାସକୁ ଅବଲୋକନ କରିବା ସହ ବିଦ୍ୟାଳୟ ହେଉଛି ତ୍ରିଭୂଜ ସଦୃଶ୍ୟ ବୋଲି ଅତିଥିମାନେ ବର୍ଣ୍ଣନ କରିଥିଲେ। ଛାତ୍ର, ଶିକ୍ଷକ ଓ ଅଭିଭାବକ ଶ୍ରୀଭୂଜର ୩ଟି କୋଣ ବୋଲି ଅବିହିତ କରିଥିଲେ। ଏହି ତିନିକୋଣର ସମାହାର ହିଁ ବିଦ୍ୟାରୂପକ ମନ୍ଦିରର କଳ୍ପନା କରାଯାଇପାରିବ ବୋଲି ମତ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ଗୁଇଁଙ୍କ ଦ୍ୱାରା ପରିଚାଳିତ ଏହି ଉତ୍ସବରେ ଜାତୀୟସ୍ତରରେ ସଫଳତା ଅର୍ଜନ କରିଥିବା ୬ ଜଣ ଛାତ୍ରଙ୍କ ସହିତ ପୂର୍ବରୁ ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ଅଧିକାରୀଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାଣିଜ୍ୟ ମହୋତ୍ସବର ଷଷ୍ଠ ସନ୍ଧ୍ୟା



ଆନନ୍ଦପୁର, ୧୯।୧୨ (ସମିସ): ଆନନ୍ଦପୁର ଷ୍ଟାଡିୟମଠାରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବର ଷଷ୍ଠ ସନ୍ଧ୍ୟା ବେଶ୍ ଜମୁଛି। ସନ୍ଧ୍ୟାରେ ଉପସ୍ଥାପକ ମାନସ ସାହୁ ଓ ପ୍ରେସ କ୍ଲବ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗ ଦେଇଥିଲେ। ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଦେଇଥିଲେ। ନୃତ୍ୟଗୁରୁ ଜିତୁ ଦାଶଙ୍କ ତତ୍ତ୍ୱାବଧାନତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରେସ୍ କ୍ଲବର ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ସାହୁ, ଦିଲୀପ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଉପେନ୍ଦ୍ର ସାହୁ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଂଜନ ବିହାରୀ, ଅନିଲ ସାହୁ, ଲିଟୁ ହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ଜିତୁ ହଜାରୀ, ଅମିୟ ବରାଳ, ସୁଶାନ୍ତ ସାହୁ, ପାର୍ଥସୌରଭ ସା, ବିକାଶ ବିଶ୍ୱାଳ, କବୀନ୍ଦ୍ର ଖୁଣ୍ଟିଆ, କୈଳାସ ଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର, ମୃତ୍ୟୁଞ୍ଜୟ ସାହୁ ପରିଚାଳନା କରିଥିଲେ।

## ଆଜିର ରାଶିଫଳ

**ମେଷ:** କୌଣସି କାର୍ଯ୍ୟରୁ ଲାଭ ମିଳିବ। ଦିନଟି ହସଖୁସିରେ ଅତିବାହିତ ହେବ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ସକାରାତ୍ମକ ଚିନ୍ତାଧାରା ଆଗକୁ ନେବାରେ ସାହାଯ୍ୟ କରିବ।

**ବୃଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ।

**ମିଥୁନ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପ୍ରେମ ଜୀବନ ସୁଖମୟ ହେବ। ସାଙ୍ଗ ଦ୍ୱାରା ଲାଭବାନ ହେବେ। ବ୍ୟବସାୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ଦେଖାଦେବ।

**କର୍କଟ :** ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ଛାତ୍ରଛାତ୍ରୀଙ୍କୁ ବିଦେଶ ଶିକ୍ଷାର ଅବସର ଜୁଟିବ। ଗୁରୁଜନଙ୍କ ସହଯୋଗ ମିଳିବ।

**ସିଂହ:** ଦିନଟି ଭଲରେ କଟିବ। ଚାକିରିରେ ପରିବର୍ତ୍ତନ ଆସିବ। କୌଣସି ନୂଆ ଦାୟିତ୍ୱ ତୁଲାଇବେ। ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ। କାର୍ଯ୍ୟକ୍ଷେତ୍ରରେ କିଛି ସମସ୍ୟା ଆସିବ।

**କନ୍ୟା:** ଘରକୁ ଅତିଥି ଆଗମନ କରିବେ। ସ୍ୱାମୀ-ସ୍ତ୍ରୀ ସୁଖଦ ମୁହୂର୍ତ୍ତ ଅତିବାହିତ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। କୌଣସି ନୂଆ ଲୋକଙ୍କ ସହ ସାକ୍ଷାତ କରିବେ।

**ତୁଳା:** ପ୍ରେମିକଙ୍କୁ ନିଜ ମନ କଥା କହିବେ। ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ। ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ। ଅଟକିଥିବା କାର୍ଯ୍ୟକୁ ପୂରା କରିବେ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ। ବଡ଼ ଭାଇଙ୍କ ପରାମର୍ଶ ନେବେ। କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ। ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ। ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ। ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ବାଦବିବାଦଠାରୁ ଦୂରେଇ ରହିବେ।

**କୁମ୍ଭ:** ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ। ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଜାଗାବାଡ଼ି କିଣିବେ।

**ମୀନ:** ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ। ରାଜନୀତିରେ ସଫଳତା ମିଳିବ। ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

## ଆଜିର ଦିନରେ

- ୧୭୫୭- ରବର୍ଟ କ୍ଲାଇବ୍ ବଙ୍ଗର ଗଭର୍ଣ୍ଣର୍ ହେଲେ।
- ୧୯୨୪- ଆଡଲଫ୍ ହିଟଲର୍ ଜେଲ୍‌ରୁ ମୁକୁଳିଲେ।
- ୧୯୫୫- ଭାରତୀୟ ଗଲ୍‌ଫ ସଂଘର ଗଠନ।
- ୧୯୯୦- ଭାରତ ଓ ପାକିସ୍ତାନ ପରସ୍ପର ଉପରେ ପରମାଣୁ ଆକ୍ରମଣ ନ କରିବା ପାଇଁ ସହମତି ପ୍ରକାଶ କଲେ।
- ୨୦୦୨- ଉତ୍ତର କୋରିଆ ପ୍ରସଙ୍ଗରେ ଦକ୍ଷିଣ କୋରିଆ ଯୁକ୍ତରାଷ୍ଟ୍ର ଆମେରିକାର ସାହାଯ୍ୟ ନେଲା।




# ଏବେ ବି ବଞ୍ଚିଛି ମାନବିକତା

ସାମାଜିକ ଗଣମାଧ୍ୟମରେ ଏବେ ଏକ ହୃଦୟସ୍ପର୍ଶୀ ଭିଡିଓ ଭାଇରାଲ ହୋଇଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ଭିଡିଓଟିକୁ ଦେଖି ଏବେ ବି କିଛି ଲୋକଙ୍କଠାରେ ମାନବିକତା ଜୀବିତ ଥିବା କୁହାଯାଉଛି। ତେବେ ଜଣେ ମହିଳା ପ୍ରତିଦିନ ସକାଳ ୭ଟା ୧୫ରେ ନିଜ ଘରୁ ଚା' ତିଆରି କରି ନିଜ କଲୋନିର ସଫେଇ ଗାଡ଼ିର ସଫେଇକର୍ମୀଙ୍କୁ ପ୍ରଦାନ କରିଥାନ୍ତି। ଅବଶ୍ୟ ଏହା ମହିଳାଙ୍କର କୌଣସି ନିତିଦିନିଆ କାମ କି କୌଣସି ଦାୟିତ୍ୱ ନ ହେଲେ ବି ଏହି କାମ ସେ ସବୁବେଳେ କରିଥାନ୍ତି। ସେହିପରି ତାଙ୍କର ଏହି କାମ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ଭାଇରାଲ ଭିଡିଓରୁ ଦେଖିବାକୁ ମିଳୁଛି ଯେ, ମହିଳା ଜଣକ ଏକ ପାତ୍ରରେ ଚା' ତିଆରି କରି ଘର ବାହାରକୁ ଆଣୁଛନ୍ତି। ପ୍ରଥମେ ସଫେଇକର୍ମୀ ଏବଂ ଏହା ପରେ ସଫେଇ ଗାଡ଼ିର ଚାଳକଙ୍କୁ ସେ ଚା' ପିଇବାକୁ ଦେଉଛନ୍ତି। ଏହି ଦୃଶ୍ୟ ସମ୍ମାନ ଓ ଆପଣାପଣ କେବଳ ଶବ୍ଦରେ ନୁହେଁ, ବରଂ ତାଙ୍କ କାମରେ ରହିଛି ବୋଲି ଏହା ସ୍ପଷ୍ଟ ବାରିହେଉଛି। ଏହାବାଦ୍ ସହରକୁ ସଫା ରଖିବାରେ ସଫେଇକର୍ମୀଙ୍କ ଗୁରୁ ଦାୟିତ୍ୱ ଥିବାବେଳେ ସେମାନଙ୍କର ପରିଶ୍ରମକୁ ଅଣଦେଖା କରାଯାଏ। ଏଭଳି ସ୍ଥିତିରେ ଚା' କେବଳ ତାଙ୍କ ପାଇଁ ପାନୀୟ ନୁହେଁ, ସମ୍ମାନ ଓ ଭଲପାଇବାର ପ୍ରତୀକ ପାଲଟିଛି। ଏହି ଭିଡିଓ ସୂଚାଇ ଦେଇଛି ଯେ, ଦୟାଳୁତା ମଧ୍ୟ ଛୋଟ ଛୋଟ କାମରେ ବଡ଼ ସକାରାତ୍ମକ ଶକ୍ତି ସୃଷ୍ଟି କରେ। ଅନ୍ୟପକ୍ଷରେ ଭିଡିଓଟି କେଉଁ ସ୍ଥାନର ଓ ମହିଳାଙ୍କ ସମ୍ପର୍କରେ କିଛି ଜଣାପଡ଼ି ନ ଥିଲେ ବି ଏଭଳି ଏକ କାମକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।

# 'ଓ ରୋମିଓ'ରେ ତ୍ରିପ୍ତି

ବଲିଉଡ୍ ଅଭିନେତା ଶାହିଦ୍ କପୁର ତାଙ୍କ ଆଗାମୀ ଫିଲ୍ମ 'ଓ ରୋମିଓ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏଥିରେ ତାଙ୍କ ସହ ତ୍ରିପ୍ତି ଡିମ୍‌ରି ନଜର ଆସିବେ। ବିଶାଲ ଭରଦ୍ୱାଜ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହାପୂର୍ବରୁ ଶାହିଦ୍ ବିଶାଲଙ୍କ 'କମିନେ'(୨୦୦୯), 'ହୈଦର'(୨୦୧୪), 'ରେଙ୍ଗୁନ୍' (୨୦୧୭) ଫିଲ୍ମରେ କାମ କରିଛନ୍ତି। ଏହି ଫିଲ୍ମଗୁଡ଼ିକରେ ଶାହିଦ୍‌ଙ୍କ ଜବରଦସ୍ତ ଅଭିନୟ ଦର୍ଶକଙ୍କ ହୃଦୟକୁ ଛୁଇଁଥିଲା। ପୁଣି ଥରେ ବିଶାଲ ଏକ ଦମ୍‌ଦାର କାହାଣୀ ଆଣିବା ସହ ଶାହିଦ୍ ଏଥିରେ ପୂରାପୂରି ନୂଆ ଅବତାରରେ ଆସିବେ ବୋଲି ଚର୍ଚ୍ଚା ହେଉଛି। କିଛି ଦିନ ପୂର୍ବରୁ ଫିଲ୍ମର ଟାଇଟଲ୍ ସହ ଏହାର ଫାଷ୍ଟଲୁକ୍ ସାମ୍ନାକୁ ଆସିଥିଲା। ପୂର୍ବରୁ ଏହି ଫିଲ୍ମରେ ଶାହିଦ୍, ତ୍ରିପ୍ତି ଓ ନାନା ପାଟେକର୍‌ଙ୍କୁ ଫାଇନାଲ କରାଯାଇଥିଲା। ଏବେ ଏଥିରେ ଆଉ ତିନି ଜଣ କଳାକାରଙ୍କ ଏଣ୍ଟ୍ରି ହୋଇଛି। 'ଓ ରୋମିଓ'ରେ ବିକ୍ରାନ୍ତ ମେସି, ତମନ୍ନା ଭାଟିଆ, ଦିଶା ପଟାନି ଆଉ କିଛି କଳାକାର ମଧ୍ୟ ଦେଖାଯିବେ। ଏବେ ଏହି ତିନି କଳାକାରଙ୍କ ନାଁ ସାମ୍ନାକୁ ଆସିବା ପରେ ଫିଲ୍ମର ଷ୍ଟାରକାଷ୍ଟ ଆହୁରି ମଜଭୁତ ହୋଇ ଯାଇଛି। ସାଜିଦ୍ ନାଡିୟାଡୱାଲା ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଏହା ଆସନ୍ତା ଫେବୃଆରୀ ୧୩ରେ ଭାଲେଣ୍ଟାଇନ୍ ଡେ ଅବସରରେ ରିଲିଜ୍ ହେବ।



# ମୁହଁ ଘୋଡ଼ାଇ ଶୋଇବା କ୍ଷତିକାରକ

ସାଧାରଣତଃ ଶୀତଦିନେ ଅଧିକାଂଶ ଲୋକେ କମ୍ବଳରେ ପୂରା ଶରୀର ସହିତ ମୁହଁକୁ ମଧ୍ୟ ଘୋଡ଼ାଇ ଶୁଅନ୍ତି। ଏହା ଆରାମଦାୟକ ହେବା ସହ ଉଷୁମ ପ୍ରଦାନ କରେ। ତେବେ ଡାକ୍ତର ଏହି ଅଭ୍ୟାସକୁ ମାରାତ୍ମକ ବୋଲି କହିଛନ୍ତି। ଡାକ୍ତରଙ୍କ ମତରେ ଏହି ଅଭ୍ୟାସ ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବା ସହ ସ୍ୱାସ୍ଥ୍ୟ ପକ୍ଷେ ଆଦୌ ହିତକର ନୁହେଁ ବୋଲି କହିଛନ୍ତି। ବେଙ୍ଗାଲୁରୁସ୍ଥିତ ସ୍ପର୍ଶ ହସ୍‌ପିଟାଲର ଫୁସ୍‌ଫୁସ୍ ବିଶେଷଜ୍ଞ ଡାକ୍ତର ଶିବରାଜ ଅଜି କରିୟପ୍ପାଲା ଲକ୍ଷ୍ମଣ କହନ୍ତି, ମୁହଁ ଘୋଡ଼ାଇ ଶୋଇବା ଦ୍ୱାରା ଶରୀରରେ ଅମ୍ଳଜାନର ମାତ୍ରା ୧୫ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଏ। ଫଳରେ ଏହାଦ୍ୱାରା ଫୁସ୍‌ଫୁସ୍‌କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ। ଏଣୁ ଏଭଳି ଅଭ୍ୟାସ ଲୋକଙ୍କୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ କରିଥାଏ।




କମ୍ବଳରେ ମୁହଁ ଘୋଡ଼ାଇ ଶୋଇବା ଦ୍ୱାରା ପବନ ଭିତରକୁ ଚଳାଚଳ କରେ ନାହିଁ, ତେଣୁ ବାରମ୍ବାର ଅଙ୍ଗାରକାମ୍ଳକୁ ଶ୍ୱାସକ୍ରିୟା ମାଧ୍ୟମରେ ପୁଣି ଗ୍ରହଣ କରାଯାଏ। ଏଥିଯୋଗୁଁ କମ୍ବଳ ଭିତରେ ଅମ୍ଳଜାନ ହ୍ରାସ ପାଏ ଏବଂ ଅଙ୍ଗାରକାମ୍ଳ ବୃଦ୍ଧି ପାଏ। ଏହାଦ୍ୱାରା ଅଣନିଃଶ୍ୱାସୀ ଲାଗେ। ନିଦ ବାରମ୍ବାର ଭାଙ୍ଗେ ଏବଂ ସକାଳୁ ଉଠିବା ବେଳେ ଥକ୍କା ଏବଂ ମୁଣ୍ଡ ବିନ୍ଧା ସମସ୍ୟା ଦେଖାଦିଏ। ତେବେ ଗଭୀର ନିଦ ଲାଗି ଶରୀରକୁ ହାଲୁକା ଥଣ୍ଡା ତାପମାତ୍ରା ଆବଶ୍ୟକ। ମୁହଁ ଘୋଡ଼ାଇ ଶୋଇବା ଦ୍ୱାରା କମ୍ବଳ ଭିତରେ ଗରମ ବୃଦ୍ଧି ପାଏ। ଅଧିକ ଗରମ ଯୋଗୁଁ ଝାଳ ବହେ। ଫଳରେ କମ୍ ଅମ୍ଳଜାନ ଏବଂ ଗରମ ଯୋଗୁଁ ନିଦ ହୁଏ ନାହିଁ। ନିଦର ଗୁଣବତ୍ତା ଖରାପ ହେବା ଦ୍ୱାରା ଦିନଯାକ ଥକ୍କା, ଚିଡ଼ଚିଡ଼ା ଲାଗିବା ସହ କୌଣସି କାମରେ ଧ୍ୟାନ କେନ୍ଦ୍ରିତ କରି ହୁଏ ନାହିଁ। ସେହିପରି କିଛି ଲୋକଙ୍କୁ ଏହି ଅଭ୍ୟାସ ଗଭୀର କ୍ଷତି ପହଞ୍ଚାଏ। ମୁଖ୍ୟତଃ ଯେଉଁମାନଙ୍କୁ ପୂର୍ବରୁ ଶ୍ୱାସକ୍ରିୟା ଜନିତ ସମସ୍ୟା ଅଛି, ସେମାନଙ୍କ ଲାଗି ମୁହଁ ଘୋଡ଼ାଇ ଶୋଇବା ଗମ୍ଭୀର ସ୍ଥିତି ସୃଷ୍ଟି କରେ। ଶିଶୁଙ୍କ ପାଇଁ ବି ଏହା କ୍ଷତିକାରକ। ଥଣ୍ଡାରୁ ରକ୍ଷା ପାଇବା ଲାଗି ମୁହଁ ଘୋଡ଼ାଇ ନ ଶୋଇ ମୋଟା କମ୍ବଳ ବ୍ୟବହାର କରିବା ଭଲ। ସେହିପରି ମୁହଁ ଖୋଲି ଶୋଇବା ଦ୍ୱାରା ପର୍ଯ୍ୟାପ୍ତ ଅମ୍ଳଜାନ ମିଳେ। ତ୍ୱଚା ଜନିତ ସମସ୍ୟା କମ୍ ଦେଖା ଦିଏ। ତେଣୁ ସୁରକ୍ଷିତ ଓ ଭଲ ନିଦ ଲାଗି ରାତିରେ ମୁହଁକୁ ଘୋଡ଼ାଇ ଶୋଇବା ଅନୁଚିତ।

## ପ୍ରହେଳିକା



- ଡିସେମ୍ବର ମାସ ପଚିଶି ଦିନ
ହସିଉଠେ ବିଶ୍ୱବାସୀଙ୍କ ପ୍ରାଣ
ପ୍ରଭୁ ଯୀଶୁଙ୍କର ଜନ୍ମ ଦିବସ
ପାଳନ୍ତି ସଭିଏଁ ହୋଇ ହରଷ
ଦୋକାନ ବଜାର ହୁଅଇ ସଜା
ଆଲୋକ ମାଳାରେ ହସଇ ଗିର୍ଜା
ମହାନ ପରବଟିଏ
ଜାତି, ଧର୍ମ ଭୁଲି ସଭିଏଁ ମନାନ୍ତି
କୁହ ତା'ର ନାମ କିଏ।

ଉତ୍ତର-ବଡ଼ଦିନ



- ବଡ଼ଦିନ ପର୍ବ ଯେବେ ଆସଇ
ନାଲି ପୋଷାକରେ ସିଏ ହସଇ
ପାଚିଲା ଦାଢ଼ିକୁ ନାଲିଆ ଟୋପି
ଖୁସିହୁଏ ସିଏ ପିଲାଙ୍କୁ ଦେଖି
ଗିର୍ଜା ଘରେ ସିଏ ଥାଏ
ପିଲାଙ୍କୁ ଦିଅଇ ନାନା ଉପହାର
କୁହ ତା'ର ନାମ କିଏ।

ଉତ୍ତର-ସାନ୍ତା କ୍ଲଜ୍

- ବଡ଼ଦିନ ପର୍ବ ଯେବେ ଆସଇ
ଖୁସିରେ ନାଚନ୍ତି ଭଉଣୀ ଭାଇ
ଜଙ୍ଗଲ ଝରଣା କୂଳରେ ବସି
ଭୋଜନ କରନ୍ତି ଆନନ୍ଦେ ମିଶି
ପଲଉ ମାଉଁସ ଖଟା ଓ ଖିରି
ଖାଆନ୍ତି ସରବେ ଉଦର ଭରି
ପ୍ରକୃତି ମନକୁ ମୋହେ
ମନଲୋଭା ସେହି ଭୋଜି ଓ ଭ୍ରମଣ
କୁହ ତା'ର ନାମ କିଏ।

ଉତ୍ତର-ବଣଭୋଜି

ରାମଚନ୍ଦ୍ର ବେହେରା
ତେନ୍ତୁଲିପଦା, ଜଗତସିଂହପୁର
ମୋ-୭୩୫୫୭୩୪୩୪୬

## ଆସୁଛି ବଡ଼ଦିନ



ସୁଧାକର ରାଉତ

ଆସୁଅଛି ବଡ଼ଦିନ
ଆସ କୁନା କୁନି ମୋ ଭାଇ ଭଉଣୀ
କରିବା ତାକୁ ପାଳନ।
ଏତେ ଶୀତେ ଥରି ଥରି
ସାନ୍ତା ଆସୁଛନ୍ତି ସୁନ୍ଦର ରୂପରେ
ଦେବେ ମନେ ଖୁସି ଭରି।
ଚର୍ଚ୍ଚମାନ ଝଲସଇ
ନାନାରଙ୍ଗେ ସଜା ହୋଇଅଛି ପରା
ଦେଖି ଆନନ୍ଦ ଲାଗଇ।
ମାଆ ମେରୀଙ୍କ କୋଳରେ
ଆଜିଦିନ ଯୀଶୁ ଜନ୍ମ ଲଭିଥିଲେ
ତାରିବାକୁ ଦୁଃଖୀ ନରେ।
ସତ୍ୟ ଧର୍ମର ବାରତା
ଦେଇ କୁସଂସ୍କାର ଦୂର କରିବାକୁ
ସହ୍ୟ କଲେ ନିଷ୍ଠୁରତା।
ସେବା ହିଁ ପରମ ଧର୍ମ
ତାଙ୍କ ଜୀବନର ମୂଳମନ୍ତ୍ରକୁ
ଛୁଇଁଲା ସବୁରି ମର୍ମ।
ମାତ୍ର ଖଳଲୋକ ଗଣ
ଷଡ଼ଯନ୍ତ୍ର କରି କ୍ରୁଶବିଦ୍ଧେ ନେଲେ
ତାଙ୍କର ଅମୂଲ୍ୟ ପ୍ରାଣ।
ଲିଭିବା ପୂର୍ବରୁ ଜ୍ୟୋତି
ପ୍ରାର୍ଥନା କରିଲେ ସେ ଦୁଷ୍ଟମାନଙ୍କୁ
ଦେବାକୁ ଗତି ମୁକତି।
ସେ ଦୟା କ୍ଷମା ଆଲୋକ
ଜଳୁଥିବେ ପରା ସବୁରି ହୃଦୟେ
ଜଗାଇ ନୂଆ ପୁଲକ।
ତାଙ୍କର ସଦୁପଦେଶ
ଜାତି ଧର୍ମ ବର୍ଣ୍ଣ ଉର୍ଦ୍ଧ୍ୱରେ ରହିଣ
ଦିଏ ନୂତନ ସନ୍ଦେଶ।
ତେଜ ଭରା ତାଙ୍କ ବାଣୀ
ଅନୁସରି ଆମେ ମଣିଷଙ୍କ ମଧ୍ୟେ
ହେବା ମଣିଷରେ ଗଣି।■

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨




## ରାତି ପାହିଲା ସକାଳ ହେଲା



ନୀଳମଣି ଚାନ୍ଦ

ରାତି ପାହିଲା ସକାଳ ହେଲା
ଆଲୁଅ ଗଲା ବୁଣି
ନିଦ ଭାଙ୍ଗିଲା ଉଠିଲେ ପିଲେ
ମାଆଙ୍କ ଡାକ ଶୁଣି।
ବାହାରେ ଶୀତ, କୁହୁଡ଼ି ଅଛି
କାକର ଟୋପା ପଡ଼େ
ଘେରାଏ ବୁଲି ଆସିକି ବସି
କିଏରେ ଏବେ ପଢ଼େ।
ଟିକି ଚଢ଼େଇ ଡେଣା ବାଢ଼େଇ
ଯାଏ ଆହାର ପାଇଁ
ସଅଳ ଚାଷୀ କ୍ଷେତକୁ ଯାଏ
ଘରେ ସେ ରହେନାହିଁ।
ଅଳସ ନାହିଁ ମନରେ ଆଉ
ଲାଗେରେ ତାଜା ଭାରି
ଆଜିର କାମ ଆସିବ ଯାହା
ଦେବାରେ ଆଜି ସାରି।
ପ୍ରତି ସକାଳ ଭଲରେ ଯଦି
ଆରମ୍ଭ ଆମ ହୁଏ
ଉନ୍ନତି ଶିଖରକୁ ଛୁଇଁବା
ଏ ଅସମ୍ଭବ ନୁହେଁ।■




ଗୋଠପାଟଣା, ଭୁବନେଶ୍ୱର
ମୋ-୯୫୮୩୨୦୨୩୫୭

## ସୁମନ

# ଗୁରୁ ଓ ଶିଷ୍ୟ



ଡ.ରବିନାରାୟଣ ସାହୁ



ଅଗନା ଅଗନି ବନସ୍ତ। ତା ଭିତରେ ଗୋଟିଏ ଆଶ୍ରମ। ସେହି ଆଶ୍ରମରେ ରହୁଥିବା ଗୁରୁଙ୍କ ପାଖରେ କିଛି ଶିଷ୍ୟ ରହି ସେଇଠି ଅଧ୍ୟୟନ କରୁ ଥାଆନ୍ତି। ଥରେ ଜଣେ ଶିଷ୍ୟ କହିଲେ , ଗୁରୁଦେବ, "ଆପଣ ତ ମତେ ସବୁ ଶିଖେଇଲେ ହେଲେ ଗଛ ଚଢ଼ା ଶିଖେଇଲେ ନାହିଁ। ମୋର ଗଛ ଚଢ଼ିବାକୁ ଭାରି ଇଚ୍ଛା। ହେଲେ କାଳେ ଗଛ ଚଢୁ ଚଢୁ ପଡ଼ିଯିବି ସେନେଇ ଭୟ ରହିଛି।" ଶିଷ୍ୟ କଥା ଶୁଣି ଗୁରୁଦେବ କହିଲେ, "ଗଛ ଚଢ଼ା ଲୋକ ବେଳେବେଳେ ପଡ଼ିଯିବା ଜାଣିଛି କିନ୍ତୁ ଗଛ ନ ଚଢ଼ି ପଡ଼ିବା କଥା ମୁଁ ତ ଶୁଣିନି। ମୋର ବିଶ୍ୱାସ ତମେ ଯଦି ଚଢ଼ିବାକୁ ଚେଷ୍ଟା କରିବ ତେବେ ସହଜରେ ଚଢ଼ି ପାରିବ।" ଏତିକି କହି ପାଖରେ ଥିବା ଏକ ବିରାଟ ଗଛକୁ ଇଙ୍ଗିତ କରି ଚଢ଼ିବାକୁ ନିର୍ଦ୍ଦେଶ ଦେଲେ ଗୁରୁ। ଗୁରୁଙ୍କ କଥା ଶୁଣି ଶିଷ୍ୟ ଜଣକ ଗଛ ଚଢ଼ା ଆରମ୍ଭ କରିଦେଲେ। ଗୁରୁ ତଳେ ଠିଆ ହୋଇ ଦେଖୁ ଥାଆନ୍ତି। ଶିଷ୍ୟ ଜଣଙ୍କ ଧୀରେ ଧୀରେ ସାବଧାନତାର ସହ ଗଛ ଉପରକୁ ଚଢୁଥାନ୍ତି। ମଝିରେ ମଝିରେ ତଳେ ଠିଆ ହୋଇଥିବା ଗୁରୁଙ୍କୁ ଚାହୁଁଥାନ୍ତି। ମନେ ମନେ ଶିଷ୍ୟ ଜଣକ ଭାବୁଥାନ୍ତି, ଗୁରୁଦେବ ବୋଧେ ଧୀରେ ଧୀରେ ସମ୍ଭାଳି କରି ଚଢ଼ିବାକୁ କହିବେ। ମାତ୍ର ଗୁରୁଦେବ କିଛି ନ କହି କେବଳ ଶିଷ୍ୟକୁ ଦେଖୁଥାନ୍ତି। ଚଢ଼ି ଚଢ଼ି ଗଛର ଶୀର୍ଷ ସ୍ଥାନରେ ଶିଷ୍ୟ ଜଣକ ପହଞ୍ଚିଗଲେ। ଏତେ ଉପରକୁ ଚଢ଼ି ପାରିଥିବାରୁ ସେ ବହୁତ ଖୁସି ହୋଇଗଲେ। ନିଜକୁ ନିଜେ ପ୍ରଶଂସା କଲେ। ଉପରେ ଥାଇ ତଳକୁ ଦେଖି ହାତ ହଲେଇଲେ। ଏଥର ଆସିଲା ତଳକୁ ଓହ୍ଲାଇବା ସମୟ। ସେତେବେଳକୁ ଶିଷ୍ୟ ମନରେ ଆଉ ଡର ନ ଥାଏ। ଶିଷ୍ୟର ମନ କଥା ବୁଝି ପାରିଲେ ଗୁରୁ। ତଳେ ଥାଇ ଜୋର୍ ଜୋର୍ କରି ଡାକ ଛାଡ଼ି କହିଲେ, "ଆରେ ସାବଧାନରେ ଓହ୍ଲେଇବୁ। ଗଛ ଡାଳକୁ ଠିକ୍ କରି ଧରିଥିବୁ। ଟିକିଏ ବି ଅସାବଧାନ ହେବୁନି।" ଗୁରୁଙ୍କ କଥା ଶୁଣି ଶିଷ୍ୟ ଜଣଙ୍କ ଧୀରେ ଧୀରେ ଆସି ଗଛରୁ ତଳକୁ ଓହ୍ଲେଇଲେ। ତଳକୁ ଓହ୍ଲାଇବା ମାତ୍ରେ ସେ ଗୁରୁଦେବଙ୍କୁ ପଚାରିଲେ- "ଗୁରୁଦେବ, ଆପଣ ଏମିତି କାହିଁକି କଲେ ? ମୁଁ ଉପରକୁ କଷ୍ଟେ ମଷ୍ଟେ ଚଢ଼ିଲା ବେଳେ ଆପଣ କିଛି କହିଲେ ନାହିଁ, ଅଥଚ ଆରାମରେ ଓ ସହଜରେ ତଳକୁ ଓହ୍ଲେଇଲାବେଳେ ଏତେ ଜୋରରେ ରଡ଼ି ରଡ଼ି ସାବଧାନରେ ଆସିବାକୁ ବାରମ୍ବାର କହିଲେ, ଏହାର କାରଣ କ'ଣ?" ଗୁରୁ ଟିକିଏ ହସିଦେଇ କହିଲେ, "ତମେ ଉପରକୁ ଚଢ଼ିଲା ବେଳେ ନିଜେ ସତର୍କତାର ସହ ସାବଧାନ ହୋଇ ଚଢୁଥିଲ। ମାତ୍ର ତଳକୁ ଆସିଲା ବେଳେ ଅତି ଖୁସି ହୋଇ ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ଓହ୍ଲାଉଥିଲ, ଯାହାକି ବିପଦପୂର୍ଣ୍ଣ ଅଟେ। ତଳେ ପଡ଼ିଯିବାର ଆଶଙ୍କା ବି ଥାଏ। ସେଥିପାଇଁ ମୁଁ ସତର୍କ କରେଇ ଦେଲି। ଆମ ଜୀବନ ବି ଠିକ୍ ସେମିତି। ପଦ ପଦବୀରେ ଉପରକୁ ଚାଲିଗଲେ ମଣିଷ ଅଧିକ ଖୁସି ହୋଇ ପଦମର୍ଯ୍ୟାଦା ଭୁଲିଯାଏ ଓ ପୁଣି ତଳକୁ ଖସିଯାଏ। ଉଚ୍ଚ ପଦପଦବୀରେ ଥାଇ ଶାନ୍ତ, ବିନୟ ଓ ସଚ୍ଚୋଟ ହୋଇ ରହୁଥିବା ବ୍ୟକ୍ତିର ହିଁ କେବେ ବି ପତନ ହୁଏ ନାହିଁ।" ଗୁରୁଙ୍କ କଥା ଶିଷ୍ୟ ଜଣଙ୍କ ଠିକ୍ ଭାବେ ବୁଝିପାରିଲେ ଓ ଆତ୍ମବିଶ୍ୱାସର ସହ ସବୁ କାମ କରିବାକୁ ପ୍ରତିଶ୍ରୁତି ଦେଲେ।■

ବରଗଡ଼
ମୋ-୯୮୬୧୦୮୯୩୪୮

## ତୁମ୍ଭେ ଆଙ୍କ





ମାନସ ରଞ୍ଜନ ଆଚାର୍ଯ୍ୟ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





ଋତ୍ୱିକ୍ ମହାନ୍ତି
ଷଷ୍ଠ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ଶାନ୍ତନୁ ଶାନ୍ତିସ୍ୱରୂପ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ବନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

## ତିଳକ-ହାର୍ଦ୍ଦିକଙ୍କ ବିସ୍ଫୋରକ ଅର୍ଦ୍ଧଶତକ, ବରୁଣଙ୍କ ଯାଦୁକରୀ ବୋଲିଂ

# ଭାରତର ଟି-୨୦ ସିରିଜ୍ ବିଜୟ

ଅହମ୍ମଦାବାଦ୍,୧୯।୧୨(ଏଜେନ୍ସି)

ତିଲକ ବର୍ମା (୭୩) ଓ ହାର୍ଦ୍ଦିକ ପାଣ୍ଡ୍ୟା (୬୩)ଙ୍କ ବିସ୍ଫୋରକ ବ୍ୟାଟିଂ ଓ ବରୁଣ ଚକ୍ରବର୍ତ୍ତୀ(୪/୫୩)ଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ୫ମ ତଥା ଶେଷ ଟି-୨୦ ମୁକାବିଲାରେ ଭାରତ ୩୦ ରନ୍‌ରେ ବିଜୟୀ ହୋଇଛି। ଏହା ଫଳରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୩-୧ରେ ଜିତିନେଇଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଶେଷ ମ୍ୟାଚ୍‌ର ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଚତୁର୍ଥ ମ୍ୟାଚ୍ କୁହୁଡ଼ିଯୋଗୁ ବାତିଲ ହୋଇଥିଲା। ଏହା ଫଳରେ ଭାରତ ବର୍ଷର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ସହ କ୍ରମାଗତ ୮ମ ସିରିଜ୍ ବିଜୟୀ ହୋଇଛି। ଦକ୍ଷିଣ ଆଫ୍ରିକା ସିରିଜ୍ ପରେ ଆସନ୍ତାବର୍ଷ ଅର୍ଥାତ୍ ୨୦୨୬ ଜାନୁଆରୀରେ ଏକ ସୀମିତ ଓଭର ସିରିଜ୍ ଖେଳିବାକୁ ନ୍ୟୁଜିଲାଣ୍ଡ ଟିମ୍ ଭାରତ ଗସ୍ତରେ ଆସିବ। ଜାନୁଆରୀ ୧୧ରୁ ୩୧ ମଧ୍ୟରେ ଖେଳାଯିବାକୁ ଥିବା ଏହି ସିରିଜ୍‌ରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୩୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ତିଲକ ବର୍ମା ୪୨ ବଲ୍‌ରେ ୧୦ ଚୌକା, ୧ଛକା ସହ ସର୍ବାଧିକ ୭୩, ହାର୍ଦ୍ଦିକ ପାଣ୍ଡ୍ୟା ୨୫ ବଲ୍‌ରେ ୫ ଚୌକା ଓ ୫ଛକା ସହ ୬୩ ରନ କରିଥିଲେ। ଏମାନେ ୪ର୍ଥ ୱିକେଟରେ ୪୪ବଲ୍‌ରୁ ୧୦୫ ରନ୍ ଉଠାଇ ଦଳକୁ ଏକ ବିରାଟ ସ୍କୋର ଦେଇଥିଲେ। ପୂର୍ବରୁ ସଞ୍ଜୁ ସାମସନ (୨୨ବଲ୍‌ରେ ୩୭ରନ୍) ଓ ଅଭିଷେକ ଶର୍ମା (୨୧ ବଲ୍‌ରୁ ୩୪ରନ୍) ପ୍ରଥମ ୱିକେଟ ପାର୍ଟନରସିପ୍‌ରେ ୩୪ ବଲ୍‌ରୁ ୬୩ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। ଏହି ମ୍ୟାଚ୍ ଜିତିବାକୁ ୨୩୨ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଦକ୍ଷିଣ ଆଫ୍ରିକା ଧୂଆଁଧାର ବ୍ୟାଟିଂ କରିଥିଲା। କିନ୍ତୁ ଦଳର ସବୁଠାରୁ ଆକ୍ରମଣାତ୍ମକ ବ୍ୟାଟର କ୍ୱିଣ୍ଟନ ଡି କକ୍ ୩୫ବଲ୍‌ରେ ୯ଚୌକା ଓ ୩ ଛକା ସହ ୬୫ ରନ୍‌ରେ ଆଉଟ ହେବା ପରେ ମ୍ୟାଚ୍ ଭାରତୀୟ ବୋଲରଙ୍କ ନିୟନ୍ତ୍ରଣକୁ ଆସିଯାଇଥିଲା। ଡିୱାଲ୍ଡ ବ୍ରେଭିସ୍ ୩୧, ଡେଭିଡ୍ ମିଲର ୧୮, ଜର୍ଜ ଲିଣ୍ଡେ ୧୬ ରନ୍ କରିଥିଲେ। ଦଳ ୮ ୱିକେଟରେ ୨୦୧ ରନ୍‌ରେ ସୀମିତ ରହିଥିଲା। ଭାରତ ପକ୍ଷରୁ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ଯାଦୁକରୀ ବୋଲିଂର ମୁକାବିଲା କରିପାରି ନ ଥିଲା ଦକ୍ଷିଣ ଆଫ୍ରିକା। ବରୁଣ ୪ ଓଭରରେ ୫୩ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ ମଧ୍ୟ ସର୍ବାଧିକ ୪ଟି ୱିକେଟ ନେଇ ଦଳର ବିଜୟରେ ମୁଖ୍ୟ ଭୂମିକା ନେଇଥିଲେ।


ହାର୍ଦ୍ଦିକ ପାଣ୍ଡ୍ୟା


ତିଲକ ବର୍ମା

**ଭାରତ-ନ୍ୟୁଜିଲାଣ୍ଡ କାର୍ଯ୍ୟସୂଚୀ**

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ୧୧।୧ | ପ୍ରଥମ ଦିନିକିଆ | ଭଦୋଦରା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |
| ୨୧।୧ | ପ୍ରଥମ ଟି-୨୦ | ନାଗପୁର |
| ୨୩।୧ | ଦ୍ୱିତୀୟ ଟି-୨୦ | ରାୟପୁର |
| ୨୫।୧ | ତୃତୀୟ ଟି-୨୦ | ଗୁଆହାଟୀ |
| ୨୮।୧ | ଚତୁର୍ଥ ଟି-୨୦ | ବିଶାଖାପାଟଣା |
| ୩୧।୧ | ପଞ୍ଚମ ଟି-୨୦ | ତିରୁଅନନ୍ତପୁରମ |

**ସଂକ୍ଷିପ୍ତ ସ୍କୋର**

**ଭାରତ ଇନିଂସ**: ୨୩୧/୫, ୨୦ ଓଭର (ତିଲକ-୭୩, ହାର୍ଦ୍ଦିକ-୬୩, ସଞ୍ଜୁ-୩୭, ଅଭିଷେକ-୩୪, କୋର୍ବିନ ବୋଶ୍-୨/୪୪)।

**ଦକ୍ଷିଣ ଆଫ୍ରିକା ଇନିଂସ**: ୨୦୧/୮, ୨୦ ଓଭର (କ୍ୱିଣ୍ଟନ ଡି କକ୍-୬୫, ଡିୱାଲ୍ଡ ବ୍ରେଭିସ-୩୧, ବରୁଣ ଚକ୍ରବର୍ତ୍ତୀ-୪/୫୩, ଯଶପ୍ରୀତ୍ ବୁମ୍‌ରା-୨/୧୭)।

### ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ

## ଭାରତ-ପାକିସ୍ତାନ ଫାଇନାଲ

ଦୁବାଇ,୧୯।୧୨(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଚଳିତବର୍ଷର ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଫାଇନାଲ ମୁକାବିଲା ହେବ। ଆଜି ଏଠାରେ ଖେଳାଯାଇଥିବା ଦୁଇଟିଯାକ ସେମିଫାଇନାଲ ମ୍ୟାଚ୍ ବର୍ଷା ଯୋଗୁ ବାଧାପାଇଥିଲା। ଏହା ସତ୍ତ୍ୱେ ସେମିଫାଇନାଲରେ ଭାରତ ୮ ୱିକେଟରେ ଶ୍ରୀଲଙ୍କାକୁ ଓ ପାକିସ୍ତାନ ୮ ୱିକେଟରେ ବାଂଲାଦେଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଆସନ୍ତା ରବିବାର ଡିସେମ୍ବର ୨୧ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ୨୦ ଓଭର ବିଶିଷ୍ଟ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ଯୁବ ଦଳ ୮ ୱିକେଟରେ ୧୩୮ ରନ୍ କରିଥିଲା। ଦଳ ପକ୍ଷରୁ ଚାମିକା ହେନାଟାଗିଲା ସର୍ବାଧିକ ୪୨ ରନ୍ କରିଥିଲାବେଳେ ଭାରତର ହେନିଲ ପଟେଲ ଓ କନିସ୍କ ଚୌହାନଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ଭାରତ ୨୫ ରନ୍‌ରେ ଦୁଇ ତାରକା ଖେଳାଳି ଆୟୁଷ ମାହାତ୍ରେ (୭) ଓ ବୈଭବ ସୂର୍ଯ୍ୟବଂଶୀ (୯)ଙ୍କ ୱିକେଟ ହରାଇଥିଲା। ଏହା ପରେ ଆରୋନ ଜର୍ଜଙ୍କ ଅପରାଜିତ ୫୮ ଓ ବିହାନ ମାଲହୋତ୍ରାଙ୍କ ଅପରାଜିତ ୬୧ ରନ୍ ସହାୟତାରେ ଭାରତ ଆଉ ୨ ଓଭର ଖେଳ ବାକିଥାଇ ୮ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। ସେହିପରି ଅନ୍ୟ ଏକ ସେମିଫାଇନାଲ ୨୭ ଓଭର ବିଶିଷ୍ଟ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୧୨୧ ରନ୍ କରିଅଲଆଉଟ ହୋଇଯାଇଥିଲା। ଜବାବରେ ପାକିସ୍ତାନ ୧୬.୩ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସମୀର ମିନ୍‌ହାସ ଅପରାଜିତ ରହି ୬୯ ରନ୍ କରିଥିଲେ।

## ଦିଲ୍ଲୀ ଦଳରେ କୋହଲି

ନୂଆଦିଲ୍ଲୀ, ୧୯ ।୧୨ (ଏଜେନ୍ସି): ବିସିସିଆଇର ଆଗାମୀ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି ଲାଗି ଶୁକ୍ରବାର ଦିଲ୍ଲୀ ଦଳ ଘୋଷଣା କରାଯାଇଛି। ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଘୋଷିତ ୨୦ ଜଣିଆ ଦଳରେ ଷ୍ଟାର୍ ବ୍ୟାଟର୍ ବିରାଟ କୋହଲିଙ୍କୁ ସାମିଲ କରାଯାଇଛି। ଫଳରେ କୋହଲି ଦୀର୍ଘ ୧୫ ବର୍ଷ ପରେ ଦିଲ୍ଲୀ ପକ୍ଷରୁ ବିଜୟ ହଜାରେ ଟ୍ରଫି ଖେଳିବେ କୋହଲି। ଶେଷଥର ଲାଗି ୨୦୦୯-୧୦ ସିଜନରେ କୋହଲି ଏହି ଟୁର୍ଣ୍ଣାମେଣ୍ଟ ଖେଳିଥିଲେ। ଅନ୍ତର୍ଜାତୀୟ ଦଳରେ ଖେଳିବାକୁ ହେଲେ ଘରୋଇ କ୍ରିକେଟ୍ ଖେଳିବାକୁ ବିସିସିଆଇ ବାଧ୍ୟତାମୂଳକ କରିଥିଲା। ଯେଉଁଥି ପାଇଁ ଭାରତୀୟ ଦଳର ପ୍ରମୁଖ କ୍ରିକେଟର୍‌ମାନେ ରଣଜୀ ଟ୍ରଫି, ସୟଦ ମୁସ୍ତାକ ଅଲି ଟ୍ରଫି ଓ ବିଜୟ ହଜାରେ ଟ୍ରଫିରେ ଖେଳୁଥିବାରୁ ନଜରକୁ ଆସିଛି। ଯଦି କୋହଲି ସମ୍ପୂର୍ଣ୍ଣ ବିଜୟ ହଜାରେ ଟ୍ରଫି ସୁଯୋଗ ପାଆନ୍ତି ତେବେ ଡିସେମ୍ବର ୩୧ରେ ଓଡ଼ିଶା ବିପକ୍ଷରେ ଖେଳିବାର ସମ୍ଭାବନା ରହିଛି।

## ଶ୍ରଦ୍ଧାଞ୍ଜଳିଙ୍କୁ ଡି ଲିଟ୍



ଭୁବନେଶ୍ୱର,୧୯।୧୨(ସମିସ): କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଲାଗି କିଂବଦନ୍ତି ମହିଳା ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ସମ୍ମାନଜନକ ଡିଲିଟ୍ (ଡକ୍ଟର ଅଫ ଲିଟରେଚର) ଉପାଧି ପ୍ରଦାନ କରାଯାଇଛି। ବ୍ରହ୍ମପୁରରେ ନିଷ୍ଟ ଡିମ୍‌ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଜି ଆୟୋଜିତ ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳିଙ୍କୁ ଏହି ଉପାଧି ପ୍ରଦାନ କରିଛନ୍ତି। ଏଭଳି ସମ୍ମାନ ପାଇବାରେ ସେ ଓଡ଼ିଶାର ଦ୍ୱିତୀୟ କିଂବଦନ୍ତି କ୍ରୀଡ଼ାବିତ୍। ପୂର୍ବରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ହକି ବିଶାରଦ ଦିଲୀପ ତିର୍କି ଓ ଇଗ୍‌ନେସ୍ ତିର୍କିଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି ଦିଆଯାଇଥିଲା। ୧୯୯୮ରେ ଭାରତ ପକ୍ଷରୁ ଅନ୍ତର୍ଜାତୀୟ ଫୁଟବଲ ଖେଳିବା ପରେ ଶ୍ରଦ୍ଧାଞ୍ଜଳି ଦଳର ଅଧିନାୟକ, କୋଚ୍, ପ୍ରଶାସକ, ସିଲେକ୍ଟର ଓ ମୋଟିଭେଟର ଭାବେ ଫୁଟବଲ ପ୍ରତି ଜୀବନ ଉତ୍ସର୍ଗ କରିଛନ୍ତି। ଅବିବାହିତ ରହିଥିବା ଏହି ମହିଳା ଖେଳାଳିଜଣଙ୍କ ଏବେ କୋଚିଂ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ସମ୍ମାନ ଲାଗି ଫାଓ ପକ୍ଷରୁ ତାଙ୍କୁ ଅଭିନନ୍ଦନଜ ଜ୍ଞାପନ କରାଯାଇଛି। ସେହିପରି ଶ୍ରଦ୍ଧାଞ୍ଜଳି ମଧ୍ୟ ତାଙ୍କ ନିଯୁକ୍ତିଦାତା ନାଲ୍‌କୋ, ଓଡ଼ିଶା ସରକାର ଓ ଫାଓ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ନ୍ୟୁଜିଲାଣ୍ଡ-ଇଣ୍ଡିଜ୍ ଦ୍ୱିତୀୟ ଟେଷ୍ଟ

## କନ୍‌ୱେଙ୍କ ଡବଲ୍ ସେଞ୍ଚୁରୀ

ମାଉଣ୍ଟ ମାଉଙ୍ଗାନୁଇ,୧୯।୧୨(ଏଜେନ୍ସି): ୱିକେଟକିପର ଓପନର ଡେଭନ କନୱେଙ୍କ ଦ୍ୱିଶତକ ଓ ଅଧିନାୟକ ଟମ୍ ଲାଥମଙ୍କ ଶତକ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଚାଲିଥିବା ତୃତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ନ୍ୟୁଜିଲାଣ୍ଡ ୮ ୱିକେଟରେ ୫୭୫ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଛି। କନୱେ ୩୩୭ବଲ୍ ଖେଳି ୩୧ ଚୌକା ସହ ୨୨୭ ଓ ଲାଥମ୍ ୧୩୭ରନ୍ କରିଛନ୍ତି। ରାଚିନ ରବୀନ୍ଦ୍ର ୭୨ ଓ ଆଜାଜ ପଟେଲ ୩୦ ରନ୍‌ରେ ଅପରାଜିତ ରହିଛନ୍ତି। ଭ୍ରମଣକାରୀ ଦଳ ପକ୍ଷରୁ ଜେଡେନ୍ ସିଲ୍ସ, ଆଣ୍ଡରସନ ଫିଲିପ୍ ଓ ଜଷ୍ଟିନ୍ ଗ୍ରିଭ୍‌ସ ୨ଟି ଲେଖାଏଁ ୱିକେଟ ପାଇଛନ୍ତି। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ କୌଣସି ୱିକେଟ ନ ହରାଇ ୧୧୦ ରନ୍ କରିନେଇଛି। ଏହି ସମୟରେ ଜନ୍ କ୍ୟାମ୍ପବେଲ ୪୫ ଓ ବ୍ରାଣ୍ଡନ କିଙ୍ଗ୍ ୫୫ ରନ୍‌ରେ ବ୍ୟାଟିଂ କରୁଥିଲେ।

### ଫିଫା ଆରବ କପ୍

## ମରୋକ୍କୋ ଚାମ୍ପିଅନ

ଲୁସେଲ୍,କତାର,୧୯।୧୨(ଏଜେନ୍ସି): ଜୋର୍ଡାନକୁ ୩-୨ ଗୋଲରେ ପରାସ୍ତ କରି ମରକ୍କୋ ଫିଫା ଆରବ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଗୁରୁବାର ଅନୁଷ୍ଠିତ ବର୍ଷାବାଧାପ୍ରାପ୍ତ ଫାଇନାଲରେ ବିଜୟୀ ଦଳ ପକ୍ଷରୁ ଆବଦରରଜାକ୍ ହାମଦଲା ୨ଟି ଓ ଓସମା ତନାନେ ଗୋଟିଏ ଗୋଲ ଦେଇଥିଲେ। ଏହି ବିଜୟ ଫଳରେ ମରୋକ୍କୋ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌ରେ।

### ହେଡ୍‌ଙ୍କ ଅପରାଜିତ ଶତକ

## ଅଷ୍ଟ୍ରେଲିଆର ବିଶାଳ ଅଗ୍ରଣୀ

ଆଡିଲେଡ୍,୧୯।୧୨(ଏଜେନ୍ସି): ଓପନର ଟ୍ରାଭିସ୍ ହେଡ୍‌ଙ୍କ ଅପରାଜିତ ଶତକ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ତୃତୀୟ ଆସେସ୍ ଟେଷ୍ଟରେ ଅଷ୍ଟ୍ରେଲିଆ ୩୫୬ ରନ୍‌ର ବିଶାଳ ଅଗ୍ରଣୀ ନେଇଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ୮୫ ରନ୍‌ରେ ଆଗୁଆ ରହିବା ପରେ ତୃତୀୟ ଦିନ ଖେଳ ଶେଷସୁଦ୍ଧା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୨୮୬ ରନ୍ କରିଛି। ଏହି ସମୟରେ ହେଡ୍ ୧୪୨ ଓ ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଆଲେକ୍ସ କାରୀ ୫୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ କେବଳ ଉସ୍‌ମାନ ଖୱାଜା ୪୦ ରନ୍‌ର ଯୋଗଦାନ ଦେଇଥିଲେ। ଏହି ଟେଷ୍ଟରେ ଆଉ ୨ ଦିନ ଖେଳ ବାକିଥିଲାବେଳେ ଅଷ୍ଟ୍ରେଲିଆର ସ୍ଥିତି ମଜଭୁତ ହୋଇଛି।



## ଶ୍ରୀଲଙ୍କା ଅଧିନାୟକ ଆଶାଲଙ୍କା ବହିଷ୍କୃତ

କଲମ୍ବୋ,୧୯।୧୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଅଭିଜ୍ଞ ଦାସୁନ ଶାନକାଙ୍କ ନେତୃତ୍ୱରେ ଶ୍ରୀଲଙ୍କାର ୨୫ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ଏହା ଫଳରେ ଫର୍ମ ଫେରିପାଇବାକୁ ସଂଘର୍ଷ କରୁଥିବା ଅଧିନାୟକ ଚାରିଥ ଆଶାଲଙ୍କାଙ୍କୁ ବାଦ୍ ଦିଆଯାଇଛି। ପାକିସ୍ତାନ ଗସ୍ତରୁ ଫେରିଆସିବା ପରେ ଆଶାଲଙ୍କା କ୍ରିକେଟ ବୋର୍ଡର ନଜରରରେ ରହିଥିଲେ। ପ୍ରମୋଦୟ ବିକ୍ରମସିଂଘେଙ୍କ ନେତୃତ୍ୱରେ ଗଠିତ ଜାତୀୟ ଚୟନ କମିଟି ଏହି ନିଷ୍ପତ୍ତି ନେଇଛି।

## କୁଚ୍ ବିହାର ଟ୍ରଫି: ଓଡ଼ିଶାର ଅଭିଯାନ ଶେଷ



କଟକ,୧୯।୧୨(ସମିସ): କୁଚ୍ ବିହାର ଟ୍ରଫିରେ ବିଜୟ ଖାତା ଖୋଲି ନପାରି ନିକୃଷ୍ଟ ପ୍ରଦର୍ଶନ ସହ ଓଡ଼ିଶା ଅଭିଯାନ ଶେଷ କରିଛି। ବଲାଙ୍ଗିର ଗାନ୍ଧି ଷ୍ଟାଡିୟମରେ ଖେଳାଯାଇଥିବା ହିମାଚଳ ପ୍ରଦେଶ ବିପକ୍ଷ ଶେଷ ଲିଗ୍ ମ୍ୟାଚ୍ ଡ୍ର ରହିଛି। ଏଥିରେ ଓଡ଼ିଶାକୁ ଇନିଂସ୍ ଅଗ୍ରଣୀ ମିଳିଥିଲା। ମୋଟ ୫ଟି ମ୍ୟାଚ୍‌ରୁ ୪ଟି ପରାଜୟ ଏବଂ ଗୋଟିଏ ଅମୀମାଂସିତ ଫଳାଫଳ ବଳରେ ୩ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ସି ଟେବଲର ୫ମ ସ୍ଥାନରେ ରହିଛି। ବଲାଙ୍ଗିରରେ ପ୍ରଥମେ ବ୍ୟାଟିଂ କରିଥିବା ହିମାଚଳପ୍ରଦେଶ ୧୮୧ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ସମ୍ବିତ ବେଜାଙ୍କ ଶତକୀୟ ପାଳି ସହାୟତାରେ ଓଡ଼ିଶା ୩୫୮ରନ ସଂଗ୍ରହ କରିଥିଲା। ହିମାଚଳପ୍ରଦେଶ ଦ୍ୱିତୀୟ ପାଳିରେ ୩୪୨ରନ କରିଥିବା ବେଳେ ଓଡ଼ିଶାର ସୟଦ ଟି ଅହମ୍ମଦ ୬ଟି ୱିକେଟ ଅକ୍ତିଆର କରିଥିଲେ।

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫି | ନୀଲ୍, ଅରବିନ୍ଦଙ୍କ ଅର୍ଦ୍ଧଶତକ

କଟକ,୧୯।୧୨(ସମିସ): ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୩ୟ ଲିଗ୍‌ରେ ଓଡ଼ିଶା ବିହାରକୁ ଭେଟିଛି। ଗ୍ୱାଲିୟରର ସିନ୍ଧିଆ ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭ୍ରମଣକାରୀ ଓଡ଼ିଶା ଦଳ ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୬ ୱିକେଟ ହରାଇ ୨୧୮ରନ ସଂଗ୍ରହ କରିଛି। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ବିହାରର ପାଳି ୨୮୮ ରନରେ ସୀମିତ ରହିଥିଲା। ୪ ୱିକେଟ ବଳକା ଥିବା ବେଳେ ଓଡ଼ିଶା ୭୦ରନ ପଛରେ ରହିଛି। ଓଡ଼ିଶା ପକ୍ଷରୁ ଅଧିନାୟକ ନୀଲ ନୀତିନ ମହାନ୍ତି ସର୍ବାଧିକ ୭୫ରନ କରିଥିବା ବେଳେ ଅରବିନ୍ଦ ମୁଦୁଲି ୫୧ରନ କରିଛନ୍ତି। ୱିକେଟ କିପର ଓମପ୍ରକାଶ ଦାସ ୪୯ରନ ଏବଂ ତପନ ଗୁପ୍ତା ୩ରନରେ ଅପରାଜିତ ରହିଛନ୍ତି।

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଜଳକ୍ରୀଡ଼ା

## ରତଭିକାଙ୍କୁ ସ୍ୱର୍ଣ୍ଣିମ ସଫଳତା




ଭୁବନେଶ୍ୱର, ୧୯ ।୧୨ (ସମିସ): ଚେନ୍ନଇରେ ଚାଲିଥିବା ସର୍ବାଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଜଳକ୍ରୀଡ଼ାରେ କିଟ୍ କ୍ରମାଗତ ଦ୍ୱିତୀୟ ପଦକ ବିଜୟୀ ହୋଇଛି। ଶୁକ୍ରବାର ଅନୁଷ୍ଠିତ ମହିଳା ୫୦ ମିଟର ବ୍ରେଷ୍ଟଷ୍ଟୋକରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ଏମ୍ ରତଭିକା ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ରତଭିକା ଏହି ଦୂରତାକୁ ୩୪.୬୮ ସେକେଣ୍ଡରେ ଫିନିଶ କରିଥିଲେ। ଏଥିସହ ସେ ଆଗାମୀ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ଦିବସରେ ଦୁଇଟି ଇଭେଣ୍ଟରେ କିଟ୍ ସନ୍ତରଣକାରୀମାନେ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଥିଲେ। ମହିଳା ୫୦ ମିଟର ବ୍ରେଷ୍ଟଷ୍ଟୋକରେ ଦିବ୍ୟାଙ୍କା ପ୍ରଧାନ ଓ ମହିଳା ୪ ଗୁଣା ୧୦୦ ମିଟର ମିଡଲେ ରିଲେରେ କିଟ୍ ଟିମ୍ ୪ର୍ଥ ସ୍ଥାନ ଲାଭ କରିଥିଲା। ତେବେ ପଦକ ଜିତିପାରି ନଥିଲେ ମଧ୍ୟ ଉଭୟ ଇଭେଣ୍ଟରେ କିଟ୍ ସନ୍ତରଣକାରୀମାନେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାକୁ ଟିକଟ୍ ହାସଲ କରିଛନ୍ତି। ଅପରପକ୍ଷରେ ସମ୍ବଲପୁରରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନରେ କିଟ୍ ଦଳ ସେମିଫାଇନାଲକୁ ଉନ୍ନୀତ ହେବା ସହ ଖେଲୋ ଇଣ୍ଡିଆ କ୍ରୀଡ଼ାକୁ ମଧ୍ୟ ଯୋଗ୍ୟତା ଲାଭ କରିଛି।

### ମୁକ୍ତେଶ୍ୱର କପ୍ ଉଦ୍‌ଘାଟିତ

## ଟାଉନ୍ କ୍ଲବ୍, ଜୁଭେନାଇଲ୍ ବିଜୟୀ

ଭୁବନେଶ୍ୱର, ୧୯ ।୧୨ (ସମିସ): ସ୍ଥାନୀୟ ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ମୁକ୍ତେଶ୍ୱର କପ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଟାଉନ କ୍ଲବ ଓ ଜୁଭେନାଇଲ କ୍ଲବ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ପ୍ରଥମ ମ୍ୟାଚରେ ଟାଉନ କ୍ଲବ ୧୯ ରନରେ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଟାଉନ କ୍ଲବ ୨୦ ଓଭରରେ ୩ ୱିକେଟ୍‌ରେ ୧୩୨ ରନ କରିଥିଲା। ଜବାବରେ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ୪ ୱିକେଟ୍‌ରେ ୧୧୩ ରନ କରିବାକୁ ସମର୍ଥ ହୋଇଥିଲା। ୫୫ ରନ ସହ ଗୋଟିଏ ୱିକେଟ୍ ନେଇଥିବା ବିଜୟୀ ଦଳର ଆୟୁଷ ଅମ୍ଳାନ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ଜୁଭେନାଇଲ୍ କ୍ଲବ ୧୩ ରନରେ ଓସ୍କାର ସ୍ପୋର୍ଟିଂକୁ ହରାଇଦେଇଛି। ୧୨୭ ରନର ଟାର୍ଗେଟ୍‌କୁ ପିଛା କରିଥିବା ଓସ୍କାର ୧୧୩ ରନରେ ସୀମିତ ରହିଥିଲା। ଜୁଭେନାଇଲର କ୍ରିଷ୍ଣାଜିତ୍ ସାହୁ (୫୧ ରନ ଓ ୨ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

ପୂର୍ବରୁ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏସନର ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କ୍ଲବର କାର୍ଯ୍ୟକାରୀ ସଭାପତି ଗୁରଜିତ୍ ସିଂହ ଚୌହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ, ଉପସଭାପତି ଶରଣଜିତ୍ ସିଂହ, ପ୍ରଦୋଷ ମହାନ୍ତି, ଦତ୍ତାତ୍ରେୟ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଶନିବାର ଜାଗୃତି ସହ ଭାରତଭୂଷଣ ଏକାଡେମୀ ଏବଂ ଦ୍ୱିତୀୟ ମ୍ୟାଚରେ ଏଲସିସି ସହ ରାଇଜିଂ ଷ୍ଟାର (ନିମପୁର)ର ମୁକାବିଲା ହେବ।


ଆୟୁଷ ଅମ୍ଳାନ


 କ୍ରିଷ୍ଣାଜିତ୍ ସାହୁ

## ବିବିଏଲ୍‌ରେ ରେକର୍ଡ ୨୫୮ ରନ୍ ଚେଜ୍ କଲା ବ୍ରିସବେନ୍

ବ୍ରିସବେନ୍, ୧୯ ।୧୨ (ଏଜେନ୍ସି): ଅଷ୍ଟ୍ରେଲିଆରେ ଚାଲିଥିବା ବିଗ୍ ବାସ୍ ଲିଗ୍ (ବିବିଏଲ) ଇତିହାସରେ ବ୍ରିସବେନ୍ ହିଟ୍ ରେକର୍ଡ ରନ ଚେଜ୍ କରିଛି। ଶୁକ୍ରବାର ଅନୁଷ୍ଠିତ ଏକ ହାଇସ୍କୋରିଂ ମ୍ୟାଚରେ ବ୍ରିସବେନ ୨୫୮ ରନର ବିଶାଳ ଲକ୍ଷ୍ୟକୁ ୧୯.୫ ଓଭରରେ ଦୁଇ ୱିକେଟ୍ ହରାଇ ହାସଲ କରିନେଇଥିଲା। ଓପନର୍ ଜ୍ୟାକ୍ ୱିଲଡରମଥ୍ (୧୧୦ ରନ, ୫୪ ବଲ୍) ଓ ମ୍ୟାଟ୍ ରେନଶ' (୧୦୨ ରନ, ୫୧ ବଲ୍) ବିସ୍ଫୋରକ ଶତକୀୟ ପାଳି ଖେଳି ପର୍ଥ ସ୍କର୍ଚର୍ସକୁ ପରାସ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପର୍ଥ ୨୦ ଓଭରରେ ୬ ୱିକେଟ୍ ହରାଇ ୨୫୭ ରନ କରିଥିଲା। ଫଳରେ ଏହି ମ୍ୟାଚରେ ମୋଟ୍ ୫୧୫ ରନ ସଂଗୃହିତ ହୋଇଥିବାବେଳେ ୩୬ଟି ଛକା ଓ ୩୦ଟି ଚୌକା ଦେଖିବାକୁ ମିଳିଥିଲା। ଟି-୨୦ କ୍ରିକେଟ୍ ଇତିହାସରେ ଏହା ୩ୟ ସର୍ବବୃହତ୍ ରନ ଚେଜ୍ ହୋଇଛି। ୨୦୨୪ ଆଇପିଏଲ୍‌ରେ କୋଲକାତା ବିପକ୍ଷରେ ପଞ୍ଜାବ ୨୬୨ ରନକୁ ସଫଳତାର ସହ ପିଛା କରି ତାଲିକାର ଶୀର୍ଷରେ ରହିଛି। ସେହିଭଳି ୨୦୨୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦକ୍ଷିଣଆଫ୍ରିକା ୨୫୯ ରନକୁ ପିଛା କରିଥିଲା।

### ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

## ଫାଇନାଲ୍‌ରେ ତମାଣ୍ଡୋ କ୍ରିକେଟ କ୍ଲବ୍

ଭାପୁର,୧୯।୧୨(ସମିସ)




ରାଜଧାନୀ ଉପକଣ୍ଠସ୍ଥ ତମାଣ୍ଡୋ କ୍ରିକେଟ କ୍ଲବ୍ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଯୁବକସଂଘ ଆନୁକୂଲ୍ୟରେ ନାଳିସାଗର ଖେଳ ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୫ ୱିକେଟରରେ କଳାହାଣ୍ଡିର କେସିଏ'କୁ ପରାସ୍ତ କରିଛି। ଆସନ୍ତା ରବିବାର ଫାଇନାଲ ମୁକାବିଲା ହେବ। ଏଥିରେ ତମାଣ୍ଡୋ ସହ ସାଇ ଇଲେଭେନ୍‌ର ଫାଇନାଲ ମୁକାବିଲା ହେବ।

ଆଜି ଖେଳାଯାଇଥିବା ସେମିଫାଇନାଲରେ ସୁପ୍ରିୟ ଚକ୍ରବର୍ତ୍ତୀଙ୍କ ୧୯ବଲ୍‌ରେ ୩୯ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି କଳାହାଣ୍ଡି ଦଳ ୧୯.୪ ଓଭରରେ ୧୪୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ତମାଣ୍ଡୋ ୧୫.୩ ଓଭରରେ ୫ ୱିକେଟ ହରାଇ ୧୪୮ ରନ୍ କରିବା ସହ ବିଜୟୀ ହୋଇଛି। ଦଳ ପକ୍ଷରୁ ଅଧିନାୟକ ସିଦ୍ଧାନ୍ତ ଜେନା ୩୫ ବଲ୍‌ରେ ୬ଚୌକା ଓ ୭ ଛକା ସହ ଧୂଆଁଧାର ୭୪ ରନ୍ କରି ମ୍ୟାଚ୍‌ର ଶ୍ରେଷ୍ଠଖେଳାଳି ବିବେଚିତ ହୋଇଛନ୍ତି। ଖେଳ ଶେଷରେ କୃଷକ ନେତା ଶେଷଦେବ ନନ୍ଦ, ଧର୍ମେନ୍ଦ୍ର ଧଳ, ବାଳଗୋପାଳ ଷଡଙ୍ଗୀ ଓ ପ୍ରତାପ କୁମାର ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ଓସିଏ ଅମ୍ପାୟାର ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS